

‘ଡନ୍-୩’କୁ ବିକ୍ରାନ୍ତଙ୍କ ନା

▶ପୃଷ୍ଠା ୧୧ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-25 •SATURDAY •19 JULY 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୨୫ •ଶନିବାର •୧୯ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ଜାତୀୟ ପରିସଂଖ୍ୟାନ ରିପୋର୍ଟ

# ଦେଶରେ ବେକାରୀ ସମସ୍ୟା ଭୟଙ୍କର

■ **ନୂଆଦିଲ୍ଲୀ, ୧୮।୭ (ସମିସ):** ପୁଣି ଦେଶରେ ତୀବ୍ର ହେଲାଣି ବେକାରୀ ସ୍ଥିତି। ଗାଁରୁ ସହରାଞ୍ଚଳ ସବୁଠି ଯୁବବର୍ଗ ବେକାର ବସିଛନ୍ତି। ବିଶେଷ ଭାବରେ ୧୫-୨୯ ବୟସ ବର୍ଗର ଯୁବକଯୁବତୀ ଏଥିରେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ଦେଶରେ ନିଯୁକ୍ତି କ୍ଷେତ୍ରରେ ସୃଷ୍ଟି ହୋଇଥିବା ସ୍ଥାଣୁତା ଓ ବେକାରୀ ବୃଦ୍ଧିର ଏପରି ୧୫% ରହିଥିଲା, ମାତ୍ର ଜୁନ୍ ମାସରେ ଏହା ବୃଦ୍ଧି ପାଇ ୧୫.୩ ପ୍ରତିଶତରେ ପହଞ୍ଚିଛି। ସେହିପରି ସହରାଞ୍ଚଳରେ ଏହି ବର୍ଗର ବେକାରୀ ହାର ୧୮ ପ୍ରତିଶତରେ ପହଞ୍ଚିଛି। ଗ୍ରାମାଞ୍ଚଳରେ, କୃଷି , ମନରେଗା ଭଳି ନିଯୁକ୍ତି ଯୋଜନା ଯୋଗୁଁ କିଛି ବେକାରୀହାର ସହରାଞ୍ଚଳଠାରୁ କିଞ୍ଚିତ୍ କମ୍ ରହିଛି। ମାତ୍ର ସହରାଞ୍ଚଳରେ ଶିକ୍ଷିତ ବେକାରଙ୍କ



### ସହରାଞ୍ଚଳରେ ୧୮% ଯୁବଗୋଷ୍ଠୀ ବେକାର

### ଗ୍ରାମାଞ୍ଚଳରେ ବେକାରୀ ଟପିଲା ୧୫ ପ୍ରତିଶତ

ଚିତ୍ର ପ୍ରତିଫଳିତ ହୋଇଛି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ସଦ୍ୟତମ ରିପୋର୍ଟରେ। ୨୦୨୫ ଜୁନ୍ ମାସରେ ଦେଶରେ ସାମଗ୍ରିକ ବେକାରୀ ହାର କେବଳ ବୃଦ୍ଧି ପାଇନାହିଁ, ସହରାଞ୍ଚଳରେ ଚାକିରି ନିମନ୍ତେ ସକ୍ଷମ ୧୫ ବର୍ଷରୁ ୨୦ ବର୍ଷ ବୟସର ଯୁବକଙ୍କ ବେକାରୀ ହାର ୧୮ ପ୍ରତିଶତରେ ପହଞ୍ଚିଛି। କ୍ରମାଗତ ଦ୍ୱିତୀୟ ମାସ ପାଇଁ ଦେଶରେ ବେକାରୀ ହାର ବୃଦ୍ଧି ପାଇଛି ।

ଗତ ମେ' ମାସରେ ଦେଶର ଗ୍ରାମାଞ୍ଚଳରେ ୧୫-୨୯ ବର୍ଷ ବୟସ ବର୍ଗର ଯୁବକଯୁବତୀଙ୍କ ବେକାରୀ ହାର ନିଯୁକ୍ତି ନେଇ କୌଣସି ବ୍ୟବସ୍ଥା ହୋଇ ପାରି ନ ଥିବାରୁ ସଂଗଠିତ କ୍ଷେତ୍ରରେ ଚାକିରିର ଅଭାବ ଦେଖା ଦେଇଛି।

ଏନ୍ଏସ୍ଓ ଦେଶର ସାମ୍ପ୍ରତିକ ସାପ୍ତାହିକ ସ୍ଥିତି (ସିଡବ୍ଲ୍ୟୁଏସ୍) ଆଧାରରେ ବେକାରି ହାରର ଅନୁଧ୍ୟାନ କରିଥାଏ ଓ ପ୍ରତି ସପ୍ତାହର କାର୍ଯ୍ୟ ଅବଧିର ଆକଳନ କରି ରିପୋର୍ଟ ପ୍ରସ୍ତୁତ କରିଥାଏ। ଯଦି ଜଣେ ବ୍ୟକ୍ତି ସପ୍ତାହରେ ଗୋଟିଏ ଘଣ୍ଟା କିମ୍ବା କୌଣସି ଦିନ କାମ ପାଇନାହାଁନ୍ତି, ତେବେ ତାଙ୍କୁ ସପ୍ତାହରେ ବେକାର ବୋଲି ବିବେଚନା କରାଯାଏ।

## ସୌମ୍ୟାଶ୍ରୀ ଆତ୍ମଦାହ

# ତିନି ତଦନ୍ତକାରୀ ଦଳର ତନାଘନା

### ୟୁଜିସି ଟିମ୍ ଓ ଉଚ୍ଚଶିକ୍ଷା ବିଭାଗ ତଦନ୍ତକାରୀ ଦଳର ପଚରାଉଚରା

### ଦ୍ୱିତୀୟ ଦିନରେ କ୍ରାଇମ୍‌ବ୍ରାଞ୍ଚର ଅନୁସନ୍ଧାନ ଜାରି

■ **ବାଲେଶ୍ୱର, ୧୮।୭ (ସମିସ):** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାର ନିରପେକ୍ଷ ତଦନ୍ତ ଦାବିରେ ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ଲଢ଼େଇ ଜାରି ରଖିଛନ୍ତି। ଏହାକୁ ନେଇ ରାଜ୍ୟ ସରକାର ଏକପ୍ରକାର ଚାପରେ ଥିବା ବେଳେ ମାମଲାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରିଛନ୍ତି। ଦୁଇ ଦିନ ହେବ କ୍ରାଇମବ୍ରାଞ୍ଚର ଟିମ୍ ତନାଘନା ଜାରି ରଖିଥିବା ବେଳେ ଆଜି ଦିଲ୍ଲୀରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ୪ଜଣିଆ ଏକ ଟିମ୍ ଓ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ତଦନ୍ତକାରୀ ଦଳ କଲେଜରେ ପହଞ୍ଚି ତନାଘନା କରିଛନ୍ତି। ଦିନକରେ ତିନି ତିନିଟି ଉଚ୍ଚସ୍ତରୀୟ ଟିମ୍‌ର ▶ପୃଷ୍ଠା-୭

## ଅଧ୍ୟାପକଙ୍କ ବିରୋଧରେ ମିଳିଛି ପ୍ରମାଣ: ନିର୍ଦ୍ଦେଶକ

■ **ବାଲେଶ୍ୱର, ୧୮।୭ (ସମିସ):** ଏଫ୍ଏମ୍ ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ଅଭିଯୁକ୍ତ ଅଧ୍ୟାପକ ସମୀର ସାହୁଙ୍କ ବିରୁଦ୍ଧରେ ବଳିଷ୍ଠ ପ୍ରମାଣ ମିଳିଥିବା ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମୀରଙ୍କ ବିରୁଦ୍ଧରେ କିଛି ପ୍ରମାଣ ମିଳିଛି। ଆସନ୍ତାକାଲି କମିଟିର ତଦନ୍ତ ଶେଷ ହେବ। ପ୍ରଥମ ଦିନ ୪ ଜଣ ଛାତ୍ରଛାତ୍ରୀ, ଆଇସିସି ସଦସ୍ୟ ଏବଂ କିଛି କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି। ଖୁବଶୀଘ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ।

## ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ଚିନ୍ତା

# ହେଲ୍ପଲାଇନ ନମ୍ବର ଜାରି

■ **ଭୁବନେଶ୍ୱର, ୧୮।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ସରକାରଙ୍କ ଚେତା ପଶିଛି। ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ତତ୍ପର ହୋଇଛି ଉଚ୍ଚଶିକ୍ଷା ବିଭାଗ। ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ନିର୍ଦ୍ଦେଶ ଦେବା ପରେ ଆଜି ହେଲ୍ପଲାଇନ୍ (ନମ୍ବର-୧୮୧) ଜାରି କରିଛି। ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟର ପ୍ରମୁଖ ସ୍ଥାନରେ ▶ପୃଷ୍ଠା-୭

## ଯୁକ୍ତ ୨ ଇନଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ

# ପାସହାର ୯୦.୫୭%

■ **ଭୁବନେଶ୍ୱର, ୧୮।୭ (ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ପରିଚାଳିତ ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ ପାଇଛି। ଚଳିତବର୍ଷ ପାସହାର ୯୦.୫୭ପ୍ରତିଶତ ରହିଛି। ତନ୍ମଧ୍ୟରେ ଛାତ୍ରୀଙ୍କ ପାସହାର ୯୨.୯୧ପ୍ରତିଶତ ଥିବା ବେଳେ ଛାତ୍ରଙ୍କ ୮୮.୪୩ ପ୍ରତିଶତ ରହିଛି।

ପରୀକ୍ଷା ଦେଇଥିବା ୧୦୦୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୧୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ସର୍ବାଧିକ ୪୯୫ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୪୯ପାସ କରିଛନ୍ତି। ମୋଟ୍ ପାସହାର ୯୦.୫୦% ଥିବା ▶ପୃଷ୍ଠା-୭

# ୬୪ କୋଟିର ଦୁର୍ନୀତି ଧରିବାକୁ ୨୫୦ କୋଟି ଖର୍ଚ୍ଚ

■ **ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି):** ୧୯୮୦ ଦଶକରେ ଭାରତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିବା ବୋଫର୍ସ ଦୁର୍ନୀତି ଏବଂ ଏଥିପାଇଁ ଖର୍ଚ୍ଚ ହୋଇଥିବା ଅର୍ଥକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମନାକୁ ଆସିଛି। ସୁଇଡେନର ବୋଫର୍ସ କଂପାନୀରୁ ଟ୍ୟାଙ୍କ୍ କିଣିବା ଲାଗି ୧୫୩୭ ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଭାରତ ସରକାର ଓ ବୋଫର୍ସ କଂପାନୀ ମଧ୍ୟରେ ମାର୍ଚ୍ଚ ୧୯୮୬ରେ ଏହି ଚୁକ୍ତି ହୋଇଥିଲା। ଚୁକ୍ତି ହେବାର ଗୋଟିଏ ବର୍ଷ ପରେ ଅଭିଯୋଗ ହୋଇଥିଲା ଯେ ଏହି ଚୁକ୍ତିରେ ୬୪ କୋଟି ଟଙ୍କାର କମିସନି କାରବାର ହୋଇଛି। ଏଥିରେ ନେତା, ଅଫିସର ଓ କିଛି ମଧ୍ୟସ୍ଥି ସଂପୃକ୍ତ ଥିଲେ ବୋଲି ଅଭିଯୋଗ ହୋଇଥିଲା। ଏଥିରେ ଇଟାଲୀୟ ବ୍ୟବସାୟୀ ଓଟ୍ଟାଭିଓ କ୍ୱାତ୍ରୋଚିଙ୍କୁ ଅନ୍ୟତମ ପ୍ରମୁଖ ଅଭିଯୁକ୍ତ ଦର୍ଶାଯାଇଥିଲା। ତେବେ ସବୁଠାରୁ ଆଲୋଡ଼ନ ସୃଷ୍ଟି କରିଥିବା କଥାଟି ହେଲା ଯେ ମଧ୍ୟସ୍ଥିଙ୍କୁ ଧରିବା ପାଇଁ ହୋଇଥିବା ଖର୍ଚ୍ଚର ପରିମାଣ କମିସନି ଟଙ୍କାଠାରୁ ବଢ଼ିଯାଇଥିଲା। କୁହାଯାଇଥିଲା ଯେ ୬୪ କୋଟି ଟଙ୍କାର କମିସନି କାରବାର ପାଇଁ ମଧ୍ୟସ୍ଥିଙ୍କୁ ଧରିବା ଲାଗି ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ପରିଣାମ ଶୂନ। ଅହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏହି କମିସନି କାରବାର ଏମିତି ବିସ୍ଫୋରକ ରୂପ ଧରିଥିଲା ଯେ କେନ୍ଦ୍ରରେ ସରକାର ବଦଳିଯାଇଥିଲା। ▶ପୃଷ୍ଠା-୭




# ମଙ୍ଗଳଗ୍ରହର ପଥର ୪୬ କୋଟିରେ ନିଲାମ



ନ୍ୟୁୟର୍କ, ୧୮ ।୭ (ଏଜେନ୍ସି): ମଙ୍ଗଳ ଗ୍ରହରୁ ପୃଥିବୀକୁ ଆସିଥିବା ସବୁଠାରୁ ବଡ଼ ପଥରର ନୀଲାମି ହୋଇଛି। ଆମେରିକାର ନ୍ୟୁୟର୍କରେ ହୋଇଥିବା ଏହି ନୀଲାମିରେ ଏହି ପଥର ପାଖାପାଖି ୪୬ କୋଟି ଟଙ୍କାରେ ବିକ୍ରି ହୋଇଛି। ୨୫ କେଜି ଓଜର ଏହି ପଥରର ନାମ ଏନ୍‌ଡବ୍ଲ୍ୟୁଏ ୧୬୭୮୮ ରଖାଯାଇଛି। ୨୦୨୩ ନଭେମ୍ବରରେ ନାଇଜର ସାହରା ମରୁଭୂମିର ଅଗାଡେଜ କ୍ଷେତ୍ରରେ ଏହାକୁ ଆବିଷ୍କାର କରାଯାଇଥିଲା। ଏକ ବିରାଟ ଉଲକା ପିଣ୍ଡ ମାଡ ହେବା ଦ୍ୱାରା ମଙ୍ଗଳଗ୍ରହରୁ ଏହି ପଥର ଉଡିଆସି ୨୨.୫ କିମି ଯାତ୍ରା କରି ପୃଥିବୀ ପୃଷ୍ଠରେ ଆସିପଡ଼ିଥିଲା। ଜଣେ ଉଲକାପିଣ୍ଡ ଶିକାରୀ ବା ଏହି ପଥରକୁ ଆବିଷ୍କାର କରିଥିଲେ।

# ମହାରାଷ୍ଟ୍ର ବିଧାନସଭାରେ ମାର୍‌ପିଟ୍



ମୁମ୍ବଇ, ୧୮ ।୭ (ଏଜେନ୍ସି): ମହାରାଷ୍ଟ୍ର ବିଧାନସଭାରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଶୁକ୍ରବାର ବିଜେପି ଓ ଶରଦ ପାୱାରଙ୍କ ଏନ୍‌ସିପି ପାର୍ଟିର ବିଧାୟକଙ୍କ ସମର୍ଥକ ମାନେ ହାତାହାତି ହୋଇଛନ୍ତି। ଏ ନେଇ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ ମୁମ୍ବଇ ପୁଲିସ ଏପର୍ଯ୍ୟନ୍ତ ୨ ଜଣଙ୍କୁ ଗିରଫ କରିଛି। ବିଧାନସଭାର ଲାମ୍ବିରେ ବିଜେପି ବିଧାୟକ ଗୋପୀଚାନ୍ଦ ପଡଲକର ଓ ଏନ୍‌ସିପି (ଏସ୍‌ପି) ବିଧାୟକ ଜିତେନ୍ଦ୍ର ଆହ୍ୱାଡ୍‌ଙ୍କ ସମର୍ଥକ ପରସ୍ପର ସହ ହତାହାତି ହୋଇଥିଲେ। ମାଡପିଟ୍‌ର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଦୁଇ ବିଧାୟକଙ୍କ ସମର୍ଥକ ପରସ୍ପରକୁ ଗାଳି କରିଥିଲେ। ଏ ନେଇ ଏନ୍‌ସିପି ସମର୍ଥକ ଗୁରୁବାର ରାତିରେ ମେରାଇନ ଡ୍ରାଇଭ ଥାନା ସାମ୍ନାରେ ପ୍ରଦର୍ଶନ କରିଥିଲେ। ତେବେ ମାଡପିଟ୍‌ର କାରଣ ନେଇ କିଛି ଜଣାପଡ଼ିନାହିଁ।

# ପିଲା ସହ ରୁଷ୍ ମହିଳା ଭାରତରେ ନିଖୋଜ

ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ଏକ ପିଲା କଷ୍ଟଡି ସହିତ ଜଡିତ ଏକ ମାମଲାରେ ସୁପ୍ରିମକୋର୍ଟ ଭିକ୍ଟୋରିଆ ନାମ୍ନୀ ଜଣେ ରୁଷ୍ ମହିଳାଙ୍କ ପାଇଁ ଲୁକ୍ ଆଉଟ୍ ନୋଟିସ ଜାରି କରିଛନ୍ତି। ଗତ ମେ ୭ରେ ଏହି ରୁଷୀୟ ମହିଳା ଜଣକ ନିଜ ପିଲା ସହ ନିଖୋଜ ହୋଇଛନ୍ତି। ସୁପ୍ରିମକୋର୍ଟ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ଏହି ଦୁଇଜଣଙ୍କୁ ଖୋଜିବା ସହ ଠାବ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମହିଳା ଜଣକ ଦେଶ ଛାଡି ନ ଯିବା ଦରକାର। ମା ଓ ପିଲାକୁ ଖୋଜିବା ସହ ପିଲାକୁ ତା'ର ଭାରତୀୟ ପିତା ସେକତ ବାସୁଙ୍କୁ ଦେବା ପାଇଁ କୋର୍ଟ ଆଦେଶ ଦେଇଛନ୍ତି। ମହିଳା ଓ ପିଲା ଜଙ୍ଗଲରେ ନିଖୋଜ ହୋଇଛନ୍ତି ବୋଲି କୋର୍ଟକୁ କୁହାଯାଇଛି। ଭିକ୍ଟୋରିଆ ଭାରତରେ ଗୁପ୍ତଚର ଭାବେ କାର୍ଯ୍ୟକରି ରୁଷିଆ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଥିଲେ ବୋଲି ସକେତ ଓ ତାଙ୍କ ପରିବାର ସନ୍ଦେହ କରୁଛନ୍ତି। ସେ ଏକ୍ସ-୧ ଭିଜାରେ ଭାରତ ଆସିଥିଲେ।

# ପଶ୍ଚିମବଙ୍ଗ ବିକାଶରେ ମମତା ବାଧକ: ମୋଦୀ

କୋଲକାତା, ୧୮।୭ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ପଶ୍ଚିମବଙ୍ଗର ବିକାଶ ଆଗରେ ପ୍ରାଚୀର ଭାବେ ଛିଡ଼ା ହୋଇଛି। ଯେଉଁ ଦିନ ଏହି ପ୍ରାଚୀର ଭାଙ୍ଗିଯିବ ସେହିଦିନ ରାଜ୍ୟରେ ବିକାଶ ତୀବ୍ରତର ହେବ ଏବଂ ଅସଲ ପରିବର୍ତ୍ତନ ଆସିବ। ନିଜ ସ୍ୱାର୍ଥ ପାଇଁ ଟିଏମସି ପଶ୍ଚିମବଙ୍ଗରେ ଅନୁପ୍ରବେଶକୁ ମଧ୍ୟ ପ୍ରୋତ୍ସାହନ ଦେଉଛି। ଏଥିପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା ଗଠନ କରାଯାଉଛି। ଏହା ରାଜ୍ୟ, ଦେଶ ଏବଂ ବଙ୍ଗୀୟ ସଂସ୍କୃତି ପାଇଁ ବିପଦ। ଏବେ ଟିଏମ୍‌ସି ଅନୁପ୍ରବେଶକାରୀଙ୍କ ସପକ୍ଷରେ ନୂଆ ଅଭିଯାନ ଆରମ୍ଭ କରିଛି। କିନ୍ତୁ ଯିଏ ଭାରତୀୟ ନାଗରିକ ନୁହେଁ ଏବଂ ଅନୁପ୍ରେବଶ କରି ଆସିଛି ତାହା ବିରୋଧରେ ସମ୍ବିଧାନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜ୍ୟ ବିରୋଧୀ ଷଡ଼ଯନ୍ତ୍ରକୁ ବିଜେପି କଦାପି ସଫଳ ହେବାକୁ ଦେବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସେ ଦୁର୍ଗାପୁରରେ ୫ ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପକୁ ଶୁକ୍ରବାର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରି ଏହି ମନ୍ତବ୍ୟ ଦେଇଛନ୍ତି।

# ବିହାର ବଜ୍ରପାତରେ ୧୭ ମୃତ

ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ବଜ୍ରପାତରେ ଗତ ୨୪ ଘଣ୍ଟାରେ ବିହାରରେ ୧୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। କେବଳ ନାଳନ୍ଦାରେ ୫ଜଣ ପ୍ରାଣ ହରାଇଛନ୍ତି। ବୈଶାଳୀରେ ୪, ବାଙ୍କା ଓ ପାଟଣାରେ ୨ ଜଣ ଲେଖାଏ ଲୋକ ବଜ୍ରପାତରେ ଜୀବନ ହରାଇଛନ୍ତି। ତେଣେ ପାଟନାରେ ଗଙ୍ଗାନଦୀର ବିପଦ ସଂକେତ ଉପରେ ବହୁଛି। ରାଜସ୍ଥାନ, ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟାସ୍ଥିତି ଗମ୍ଭୀର ହୋଇଛି। ହିମାଚଳ ପ୍ରଦେଶରେ ବର୍ଷା ସହିତ ଜଡିତ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୧୦ ଲୋକ ମୃତ୍ୟୁବରଣ କରିଛନ୍ତି। ସେହିପରି ଭୂସ୍ଖଳନ ଯୋଗୁଁ ସ୍ଥଗିତ ରହିଥିବା ଅମରନାଥ ଯାତ୍ରା ଶୁକ୍ରବାର ପୁଣି ଆରମ୍ଭ ହୋଇଛି।

# ଟଙ୍କା ଜବତ ମାମଲା: ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେଲେ ଜଷ୍ଟିସ୍ ବର୍ମା

ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ଘରୁ ଟଙ୍କା ଜବତ ମାମଲାରେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶବନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବା ଲାଗି ସଂସଦରେ ପ୍ରସ୍ତୁତି ଚାଲିଥିବା ବେଳେ ଜଷ୍ଟିସ ବର୍ମା ଏବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମମାଲାରେ କୋର୍ଟ କମିଟି ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ସେ ଏହି ରିପୋର୍ଟକୁ ରଦ୍ଦ କରିବାକୁ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିଛନ୍ତି। ସେ କହିଛନ୍ତି, ମୋ ବିରୋଧରେ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ନ୍ୟାୟିକ ସିଦ୍ଧାନ୍ତର ବିରୋଧରେ ଯାଉଛି। ନିଜର କଥା ରଖିବାକୁ ଓ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ମୋତେ କୌଣସି ସୁଯୋଗ ଦିଆଯାଇନାହିଁ। ଏହି କ୍ରମରେ ଜଣେ ବ୍ୟକ୍ତି ଓ ତାଙ୍କ ସାମ୍ବିଧାନିକ ଅଧିକାରରର ଉଲ୍ଲଂଘନ ହୋଇଛି ବୋଲି




ସେ ଆବେଦନରେ ଉଲ୍ଲେଖ କରିଛନ୍ତି।

ଜୁଲାଇ ୨୧ରୁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଏହି ଆବେଦନ ଦାଖଲ କରାଯାଇଛି। ଏହି ଅଧିବେଶନରେ ଜଷ୍ଟିସ୍ ବର୍ମାଙ୍କୁ ହଟାଇବା ପାଇଁ ପ୍ରସ୍ତାବ ପାରିତ କରିବାକୁ ପ୍ରସ୍ତୁତି କରାଯାଇଛି। ଏହି ପ୍ରସ୍ତାବକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡିକ ସମର୍ଥନ କରିବେ ଓ ସ୍ୱାକ୍ଷର କରିବେ ବୋଲି ଘୋଷଣା କରିସାରିଛନ୍ତି। ନିଜର ସ୍ଥିତି ବିପଦରେ ଥିବା ହୃଦୟଙ୍ଗମ କରି ଜଷ୍ଟିସ୍ ବର୍ମା ଏବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଗତ ମାର୍ଚ୍ଚ ୧୪ରେ ଜଷ୍ଟିସ ବର୍ମାଙ୍କ ଦିଲ୍ଲୀ ଘରେ ରାତି ୧୧.୩୫ରେ ନିଆଁ ଲାଗିଥିଲା। ସେତେବେଳେ ବର୍ମା ବାହାରେ ଥିଲେ। କିନ୍ତୁ ତାଙ୍କ ବଙ୍ଗଳାରୁ ୧୫ କୋଟି ନଗଦ ଟଙ୍କା ମିଳିଥିଲା ଓ ଏଥିମଧ୍ୟରୁ ଅଧିକାଂଶ ନୋଟ ଅଧା ଜଳିଯାଇଥିଲା। ଏହି ଅଧାଜଳା ଟଙ୍କା ନେଇ ଜଷ୍ଟିସ ବର୍ମାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ଓ ତଦନ୍ତ ପରେ ରିପୋର୍ଟ ପ୍ରକାଶ ପାଇଥିଲା। ସେତେବେଳେ ଜଷ୍ଟିସ ବର୍ମା ଦିଲ୍ଲୀ ହାଇକୋର୍ଟର ବିଚାରପତି ଥିଲେ।

## ୨୧୭୪ କୋଟିର ମଦ ଦୁର୍ନୀତି ମାମଲା

# ଜନ୍ମଦିନରେ ବଘେଲଙ୍କ ପୁଅଙ୍କୁ ଗିରଫ କଲା ଇଡି



ରାୟପୁର, ୧୮।୭ (ଏଜେନ୍ସି): ମଦ ନୀତି ଦୁର୍ନୀତି ସମ୍ବନ୍ଧିତ ବହୁ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଶୁକ୍ରବାର ବଡ଼ି ଭୋର୍‌ରେ ଭିଲାଇ ସ୍ଥିତ ବାସଭବନରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ପୁଅ ତଥା ବ୍ୟବସାୟୀ ଚୈତନ୍ୟ ବଘେଲଙ୍କୁ ଗିରଫ କରାଯାଇଛି। ତାଙ୍କୁ ରାୟପୁରର ସ୍ୱତନ୍ତ୍ର କୋର୍ଟରେ ଉପସ୍ଥାପନ କରାଯାଇଛି। କୋର୍ଟ ଚୈତନ୍ୟଙ୍କୁ ୨୨ ତାରିଖ ପର୍ଯ୍ୟନ୍ତ ତାଙ୍କୁ ରିମାଣ୍ଡରେ ପଠାଇ ଦେଇଛନ୍ତି। ଏହି ସମୟରେ କୋର୍ଟରେ ଭୂପେଶ ବଘେଲ, ଚରଣଦାସ ମହନ୍ତ, ମହମ୍ମଦ ଆକବର ସମେତ କଂଗ୍ରେସର ବହୁ ବଡ଼ ନେତା ଉପସ୍ଥିତ ଥିଲେ। ଏହି ଗିରଫକୁ ବିରୋଧ କରି କଂଗ୍ରେସ କର୍ମୀ ହଙ୍ଗାମା କରିଛନ୍ତି। ଗିରଫ ସମୟରେ ଇଡି ଗାଡ଼ିକୁ ଅଟକାଇବାକୁ ପ୍ରୟାସ କରିଥିଲେ। ପୁଲିସ ସହ ମୁହାଁମୁହିଁ ହୋଇଥିଲେ। ଏହା ସତ୍ତ୍ୱେ ଇଡି ଚୈତନ୍ୟଙ୍କୁ ଧରି କୋର୍ଟରେ ହାଜର କରିଥିଲା।

ଜନ୍ମଦିନରେ ଆଜି ଚୈତନ୍ୟଙ୍କୁ ଗିରଫ କରାଯାଇଛି। ଏହାକୁ ନେଇ ବଘେଲ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାଚ୍ଛଲ୍ୟ କରିଛନ୍ତି। ପୂର୍ବରୁ ମୋ ଜନ୍ମଦିନରେ ପରାମର୍ଶଦାତା ଏବଂ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଦୁଇ ଅଧିକାରୀ (ଓଏସ୍‌ଡି)ଙ୍କ ଘରେ ଇଡି ଚଢ଼ଉ କରାଯାଇଥିଲା। ଏବେ ପୁଅ ଜନ୍ମଦିନରେ ଯେଉଁ ଭଳି ଉପହାର ଦେଲେ ତାହା ବିଶ୍ୱର କୌଣସି ଗଣତନ୍ତ୍ରରେ ଦିଆଯାଇ ନ ଥିଲା। ଏଭଳି ଉପହାର ଦେଇଥିବାରୁ ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ସେ ଧନ୍ୟବାଦ। ନିଜ ମାଲିକଙ୍କୁ ଖୁସି କରିବା ପାଇଁ ମୋଦୀ-ଶାହା ଇଡି ପଠାଇ ଦେଲେ। ଏହା ସାରା ଜୀବନ ମନେ ରହିବ। ବଘେଲେ କେବେ ନଇଁନି କି ଡରିବନି। ଏହା ପୂର୍ବରୁ ବଘେଲ କହିଥିଲେ ଯେ ଆଜି ବିଧାନସଭା ଅଧିବେଶନର ଶେଷ ଦିନ। ତମନାରରେ ଆଦାନୀ କାଟୁଥିବା ଗଛ ପ୍ରସଙ୍ଗ ଆଜି ଗୃହରେ ଉଠା ଯାଇଥାନ୍ତା। କିନ୍ତୁ ଏହା ପୂର୍ବରୁ ଭିଲାଇ ଆବାସକୁ ସାହେବ ଇଡି ପଠାଇ ଦେଲେ। ସୂଚନା ଅନୁଯାୟୀ ଚୈତନ୍ୟ ରିୟଲ ଇଷ୍ଟେଟ ବ୍ୟବସାୟରେ ଜଡ଼ିତ ଥିଲେ। ତେବେ ସେ କଂଗ୍ରେସ ସଦସ୍ୟ ଅଛନ୍ତି। ମଦ ଦୁର୍ନୀତି ସହିତ କୋଲ ଲେଭି, ମହାଦେବ ଆପ୍ ଏବଂ ହାୱଲା ମାଧ୍ୟମରେ ମନି ଲଣ୍ଡରିଂ ମାମଲାରେ ତାଙ୍କ ନାମ ଆସିଛି। ୨୧୭୪ କୋଟିର ମଦ ଦୁର୍ନୀତି ମାମଲାର ଯାଞ୍ଚରୁ ଜଣାପଡ଼ିଛି ଯେ ଭୂପେଶଙ୍କ କାର୍ଯ୍ୟକାଳରେ ଆଇଏଏସ ଅଧିକାରୀ ଅନିଲ ଟୁଟେଡା, ଅବକାରୀ ବିଭାଗର ଏମଡି ଏପି ତ୍ରିପାଠୀ ଏବଂ ବ୍ୟବସାୟୀ ଅନୱର ଢେବରଙ୍କ ସିଣ୍ଡିକେଟ ମାଧ୍ୟମରେ ଦୁର୍ନୀତି ହୋଇଥିଲା। ଇଓଡବ୍ଲ୍ୟୁ ଆରୋପପତ୍ର ଅନୁଯାୟୀ ୧୩୯୨ କୋଟି ୪୫ ଲକ୍ଷ ୩୯ ହଜାର ଟଙ୍କା କେବଳ ନେତାମନ୍ତ୍ରୀଙ୍କୁ ବଣ୍ଟା ଯାଇଥିଲା। ୩ ମଦ ଯୋଗାଣକାରୀଙ୍କୁ ୩୫୮ କୋଟି ୬୫ ଲକ୍ଷ ୩୨ ହଜାର, ଅନୱର ଢେବର ଓ ଅନିଲ ଟୁଟେଜାଙ୍କୁ ୧୮୧ କୋଟି ୫୨ ଲକ୍ଷ ୮୫ ହଜାର, ଅବକାରୀ ବିଭାଗକୁ ୯୦ କୋଟି ୭୬ ଲକ୍ଷ ୪୨ ହଜାର ୫୦୦ ଟଙ୍କା, ଅରବିନ୍ଦ ସିଂହ ଏବଂ ବିକାଶ ଅଗ୍ରୱାଲଙ୍କୁ ୬୦ କୋଟି ୫୦ ଲକ୍ଷ ୯୫ ହଜାର, ଜିଲ୍ଲା ଅବକାରୀ ଅଧିକାରୀ ଏବଂ ମଦ ଦୋକାନର କର୍ମଚାରୀଙ୍କୁ ୯୦ କୋଟି ୭୬ ଲକ୍ଷ ୪୨ ହଜାର ୫୦୦ ଟଙ୍କା ବଣ୍ଟା ଯାଇଥିଲା।

# ଇଣ୍ଡି ମେଣ୍ଟରୁ ଅଲଗା ହେଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଆମ ଆଦମୀ ପାର୍ଟି (ଆପ୍) ବିପକ୍ଷ ଇଣ୍ଡିଆ ମେଣ୍ଟରୁ ଅଲଗା ହୋଇଛି। ଶୁକ୍ରବାର ଏ ନେଇ ପାର୍ଟି ରାଜ୍ୟସଭା ସାଂସଦ ସଞ୍ଜୟ ସିଂ ସୂଚନା ଦେଇଛନ୍ତି। ଏହା କୌଣସି ନୂଆ କଥା ନୁହଁ। ଲୋକସଭା ନିର୍ବାଚନ ପରେ ଆପ୍ ଇଣ୍ଡିଆ ମେଣ୍ଟରୁ ପାଖାପାଖି ଅଲଗା ହୋଇସାରିଥିଲା। କେବଳ ଔପଚାରିକ ଘୋଷଣା ବାକିଥିଲା। ଦିଲ୍ଲୀ ନିର୍ବାଚନ ହାରିବା ପରେ ଆପ୍ ଇଣ୍ଡିଆ ମେଣ୍ଟ ସହ ରହିବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ନିକଟରେ ହୋଇଥିବା ବିଧାନସଭା ଉପ- ନିର୍ବାଚନରେ ଆପ୍ ଗୁଜରାଟ ଓ ପଞ୍ଜାବରେ ଭଲ ପ୍ରଦର୍ଶନ କରିଥିଲା। ଫଳରେ ଆପ୍ ଏବେ ଶେଷ ହୋଇନାହିଁ ବୋଲି ସ୍ପଷ୍ଟ ହୋଇଛି। ଗୁଜରାଟ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ଆପ ଆଶାବାଦୀ ଅଛି। କଂଗ୍ରେସ ସହ ନିର୍ବାଚନ ଲଢିଲେ ଆପ୍ ବେଶି ଲାଭବାନ ହେବ ନାହିଁ ବୋଲି ହୃଦୟଙ୍ଗମ କରିଛି। ତେଣୁ ଆପ୍ ଇଣ୍ଡିଆ ମେଣ୍ଟରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛି। ଇଣ୍ଡିଆ ମେଣ୍ଟ କେବଳ ୨୦୨୪ ଲୋକସଭା ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଥିଲା। ଏହାପରେ ଆମେ ଦିଲ୍ଲୀ ଓ ହରିୟାଣାରେ ଏକାକି ନିର୍ବାଚନ ଲଢିଥିଲୁ ବୋଲି ସଞ୍ଜୟ କହିଛନ୍ତି। ଏହିକ୍ରମରେ ସେ କଂଗ୍ରେସ ପାର୍ଟିକୁ ସମାଲୋଚନା କରିଛନ୍ତି। କଂଗ୍ରେସ ଇଣ୍ଡିଆ ମଣ୍ଟର ନେତୃତ୍ୱ ନେବାରେ ବିଫଳ ହୋଇଛି। ଲୋକସଭା ନିର୍ବାଚନ କରେ କଂଗ୍ରେସ ଇଣ୍ଡିଆ ମେଣ୍ଟର କୌଣସି ବୈଠକ ଡାକିନାହିଁ। ତେଣୁ ଏହା ଏକ ପିଲା ଖେଳ ନୁହେଁ ବୋଲି ସେ କହିଛନ୍ତି। ଏବେ ଆପ୍ ଏକାକୀ ନିର୍ବାଚନ ଲଢିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ଗଠନ ନ କଲେ ବିଚାରାଧୀନଙ୍କୁ ଜାମିନ ଦେବୁ: ସୁପ୍ରିମକୋର୍ଟ


ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି): ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ)କୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ବଡ଼ ଚେତାବନୀ ଦେଇଛନ୍ତି। ଏନ୍‌ଆଇଏ ମାମଲାର ଶୀଘ୍ର ଶୁଣାଣି ଲାଗି ଉପଯୁକ୍ତ ଭିତ୍ତିଭୂମି ସହିତ ଅଲଗା କୋର୍ଟ ଗଠନ କଲେ ବିଚାରାଧୀନ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବୁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଦେଇଛନ୍ତି। କେତେ ଦିନ ପର୍ଯ୍ୟନ୍ତ ବିଚାରାଧୀନ ଅଭିଯୁକ୍ତଙ୍କୁ ହେପାଜତରେ ରଖିବ ବୋଲି କେନ୍ଦ୍ର ଏବଂ ସମ୍ବନ୍ଧିତ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏଭଳି ମାମଲାର ସମାଧାନ ଲାଗି ସ୍ୱତନ୍ତ୍ର କୋର୍ଟ ଗଠନ କରିବା ନିମନ୍ତେ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟୋମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କେନ୍ଦ୍ରକୁ ଶେଷ ସୁଯୋଗ ଦେଇଛନ୍ତି। ଦୀର୍ଘଦିନ ପର୍ଯ୍ୟନ୍ତ ଜେଲ୍‌ରେ ଥାଇ ଶୁଣାଣି ଆରମ୍ଭ ହୋଇ ନ ଥିବା ଜଣେ ଅଭିଯୁକ୍ତଙ୍କ ଆବେଦନର ବିଚାର କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ବର୍ତ୍ତମାନ ଥିବା ଅଦାଲତକୁ ଖାଲି ସ୍ୱତନ୍ତ୍ର କୋର୍ଟ ଗଠନ କରିଦେଲେ ପର୍ଯ୍ୟାପ୍ତ ହେବ ନାହିଁ। ଏଭଳି କରିବା ଦ୍ୱାରା ବିଚାରାଧୀନ କଏଦୀ, ବୃଦ୍ଧ, ଗରିବ ଏବଂ ବୈବାହିକ ବିବାଦ ଭଳି ଅନ୍ୟ ଜରୁରୀ ମାମଲା ପ୍ରଭାବିତ ହେବ। ୟୁଏପିଏ ଏବଂ ଏମକୋକା ଭଳି ଗମ୍ଭୀର ମାମଲାରେ ତ୍ୱରିତ ଶୁଣାଣି ପାଇଁ ଅଲଗା ସ୍ୱତନ୍ତ୍ର କୋର୍ଟ ଆବଶ୍ୟକ। କୋର୍ଟ ଏନଆଇଏ ସଚିବଙ୍କ ସତ୍ୟପାଠ ଉପରେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। କହିଛନ୍ତି ଯେ ସରକାର ବିଚାରକୁ ତ୍ୱରାନ୍ୱିତ କରିବା ପାଇଁ କ'ଣ ଠୋସ୍ ପଦକ୍ଷେପ ନେଇଛନ୍ତି ତାହା ଏଥିରେ କୁହାଯାଇ ନାହିଁ। ଏନଆଇଏ ମାମଲା ଚଳାଇବାକୁ ଚାହୁଁଛି, କିନ୍ତୁ ଟ୍ରାଏଲ ଶୀଘ୍ର କରିବାକୁ ଚାହୁଁନାହିଁ। ଯଦି ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏହା ଉପରେ ନିଷ୍ପତ୍ତି ନିଆ ନ ଯାଏ ତେବେ କୋର୍ଟ ଅଭିଯୁକ୍ତଙ୍କୁ ମୁକ୍ତ କରିଦେବେ ବୋଲି ସ୍ପଷ୍ଟ କରିଛନ୍ତି।

# ପାକିସ୍ତାନୀ ଟିଆରଏଫ୍‌କୁ ଆତଙ୍କୀ ସଂଗଠନ ଘୋଷଣା କଲା ଆମେରିକା

ୱାସିଂଟନ, ୧୮ ।୭ (ଏଜେନ୍ସି): ଆମେରିକାର ପାକିସ୍ତାନ ସମର୍ଥିତ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ୍)କୁ ଆତଙ୍କବାଦୀ ସଂଗଠନ ବୋଲି ଘୋଷଣା କରିଛି। ଆମେରିକା ଟିଆରଏଫ୍‌କୁ ଫରେନ ଟେରରିଷ୍ଟ ଅର୍ଗାନାଇଜେସନ (ଏଫ୍‌ଟିଓ) ଓ ସ୍ପେଶିଆଲି ଡେଜିଗନେଟେଡ ଗ୍ଲୋବାଲ ଟେରରିଷ୍ଟ (ଏସ୍‌ଡିଜିଟି) ତାଲିକାରେ ସାମିଲ କରିଛି। ଶୁକ୍ରବାର ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଆ ଏ ନେଇ ଘୋଷଣା କରିଛନ୍ତି। ଟିଆରଏଫ୍ ହେଉଛି ଲସ୍କର- ଏ- ତୋହିବା (ଏଲ୍‌ଇଟି)ର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ପକ୍ସି ତଥା ପ୍ରତୀକାତ୍ମକ ସଂଗଠନ। ଭାରତର ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଟିଆରଏଫ୍ ନିଜକୁ ଦାୟୀ କରିଥିଲା। ଏଥିରେ ୨୬ ଜଣ ଲୋକଙ୍କୁ ଧର୍ମିକ ପରିଚୟ ପଚାରି ଗୁଳିକରି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା ବୋଲି ରୁବିଆ କହିଛନ୍ତି। ଭାରତୀୟ ସେନା ଉପରେ କେତୋଟି ଆକ୍ରମଣ ଘଟଣାରେ ମଧ୍ୟ ଟିଆରଏଫ୍ ନିଜକୁ ଦାୟୀ କରିଛି। ଆତଙ୍କବାଦ ବିରୋଧରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର କଡ଼ା ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ବୋଲି ସେ କହିଛନ୍ତି।

# ବୌଦ୍ଧ ଭିକ୍ଷୁଙ୍କୁ ଫସାଇ ୧୦୨ କୋଟି ଲୁଟ୍

ବ୍ୟାଙ୍କକ, ୧୮।୭ (ଏଜେନ୍ସି): ଧର୍ମ ପରାୟଣ ଥାଇଲାଣ୍ଡରେ ଏକ ସେକ୍ସ ସ୍କାଣ୍ଡାଲକୁ ନେଇ ଚାଞ୍ଚଲ୍ୟ ଖେଳି ଯାଇଛି। ଏହି ସ୍କାଣ୍ଡାଲରେ ବୌଦ୍ଧ ସନ୍ୟାସୀ ଫସିଛନ୍ତି। ଜଣେ ଯୁବତୀ ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲି ବୌଦ୍ଧ ସନ୍ୟାସୀଙ୍କ ସହ ବନ୍ଧୁତା କରୁଥିଲା। ନିଜ ମାୟାଜାଲରେ ଫସାଇ ସନ୍ୟାସୀଙ୍କ ବ୍ରହ୍ମଚର୍ଯ୍ୟ ଭଙ୍ଗ କରି ଶାରୀରୀକ ସମ୍ପର୍କ ରଖୁଥିଲା। ଗୋପନୀୟ ଭାବେ ଏହି ସମୟର ଫଟୋ ଏବଂ ଭିଡିଓ ରେକର୍ଡିଂ କରୁଥିଲା। ପରେ ଏହାକୁ ଆଧାର କରି ବୌଦ୍ଧ ସନ୍ୟାସୀଙ୍କୁ ବ୍ଲାକମେଲ୍ କରି କୋଟି କୋଟି ଟଙ୍କା ଏବଂ ସାମଗ୍ରୀ ଲୁଟି ନେଉଥିଲା। ଏହି ମାମଲାରେ ଥାଇଲାଣ୍ଡ ପୁଲିସ ଯୁବତୀ ୱିଲୱାନ ଏମସାୱତ (୩୦)ଙ୍କୁ ଗିରଫ କରିଛି। ଏହି ସ୍କାଣ୍ଡାଲରେ ଫସିଥିବା ୯ ମଠାଧୀଶ ଏବଂ ବରିଷ୍ଠ ଭିକ୍ଷୁଙ୍କ ମୁଖା



ଖୋଲି ଯାଇଛି। ସେମାନଙ୍କୁ ଭିକ୍ଷୁ ପଦରୁ ବାହାର କରିଦିଆଯାଇଛି। ଏହା ଜଣାପଡ଼ିବା ପରେ ଥାଇ ରାଜା ନିଜ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ବୌଦ୍ଧ ସନ୍ୟାସୀଙ୍କୁ ଦେଇଥିବା ନିମନ୍ତ୍ରଣ ପ୍ରତ୍ୟାହାର କରି ନେଇଛନ୍ତି।

ଏହି ମହିଳା ମିସ୍ ଗଲ୍ଫ ନାମରେ ପରିଚିତ ଥିଲେ। ତାଙ୍କ ଫୋନରୁ ମେସେଜ ଏବଂ ବୌଦ୍ଧ ସନ୍ୟାସୀଙ୍କ ସହ ଭିଡିଓ ମିଳିଛି। ୮୦ ହଜାର ଉଲଗ୍ନ ଫଟୋ ମଧ୍ୟ ମିଳିଛି। ସେ ନିଜ ଘରକୁ ଡକାଇ ବୌଦ୍ଧ ସନ୍ୟାସୀଙ୍କ ସହ ସମ୍ବନ୍ଧ ରଖୁଥିଲା। ସେ ବ୍ଲାକମେଲ୍ କରି ଗତ ତିନି ବର୍ଷ ମଧ୍ୟରେ ବୌଦ୍ଧ ଭିକ୍ଷୁଙ୍କଠାରୁ ୧୦୨ କୋଟି ଟଙ୍କା ଲୁଟି ନେଇଥିଲା। ଏହି ଅର୍ଥକୁ ଅନ୍‌ଲାଇନ ଜୁଆଖେଳରେ ଲଗାଉ ଥିଲା। କିଛି ବୌଦ୍ଧ ସନ୍ୟାସୀ ମଧ୍ୟ ଗଲ୍ଫଙ୍କ ସହ ସମ୍ପର୍କ ରଖିଥିବା ସ୍ୱୀକାର କରିଛନ୍ତି। ଜଣେ ଭିକ୍ଷୁଙ୍କୁ ସେ କାର୍ ଉପହାର ଦେଇଥିଲା। ମାତ୍ର ଅନ୍ୟ ଜଣେ ଭିକ୍ଷୁଙ୍କ ସହ ଦେଖିଦେବା ପରେ ମହିଳା ତାଙ୍କୁ ଟଙ୍କା ମାଗିଥିଲେ। ପ୍ରଥମେ ଜୁନ୍ ମଧ୍ୟଭାଗରେ ୱାଟ ତ୍ରି ଥୋଟସାଥିପ ମଠରେ ମଠାଧିଶ ନିଖୋଜ ହେବା ପରେ ଏହି ମାମଲା ସାମ୍ନାକୁ ଆସିଥିଲା।

# ଦିଲ୍ଲୀର ୪୫, ବେଙ୍ଗାଲୁରୁର ୫୦ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ରାଜଧାନୀ ଦିଲ୍ଲୀ ଓ ବେଙ୍ଗାଲୁରୁରେ ଶୁକ୍ରବାର ସକାଳେ ୮୦ରୁ ଉର୍ଦ୍ଧ୍ୱ ସ୍କୁଲକୁ ବୋମାରେ ଉଡାଇଦେବାକୁ ଧମକ ମିଳିଛି। ଦିଲ୍ଲୀର ୪୫ରୁ ଅଧିକ ସ୍କୁଲକୁ ଉଡାଇଦେବାକୁ ଇମେଲ ଜରିଆରେ ଧମକ ମିଳିଛି। ଏଥିରେ ପୀତମପୁରା, ଦ୍ୱାରକା, ପଶ୍ଚିମବିହାର, ରୋହିଣୀ, ସଙ୍ଗମ ବିହାର ସମେତ ଅନ୍ୟସ୍ଥାନରେ ସ୍କୁଲ ସାମିଲ ରହିଛି। ସୂଚନା ମିଳିବା ପରେ ହିଁ ଦିଲ୍ଲୀ ପୁଲିସ୍, ବମ୍ ନିଷ୍କ୍ରିୟ ଦଳ ଓ ଦମକଳ ବାହିନୀ ବିଭିନ୍ନ ସ୍କୁଲ୍‌ରେ ପହଞ୍ଚିଥିଲେ। ସ୍କୁଲଗୁଡିକୁ ତୁରନ୍ତ ଖାଲି କରିଦିଆଯାଇଥିଲା ଓ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ସେହିପରି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ୩ଟି କଲେଜକୁ ମଧ୍ୟ ସମାନ ଧମକ ମିଳିଥିଲା। ଗତ ୫ ଦିନ ମଧ୍ୟରେ ଚତୁର୍ଥ ଥର ପାଇଁ ଦିଲ୍ଲୀରେ ଏପରି ଧମକ ଇମେଲ ଜରିଆରେ ମିଳିଛି। ଏହାପୂର୍ବରୁ ଜୁଲାଇ ୧୪, ୧୫ ଓ ୧୬ ତାରିଖରେ ଏପରି ଧମକ ମିଳିଥିଲା। ସେହିପରି ବେଙ୍ଗାଲୁରୁର ୫୦ଟି ସ୍କୁଲକୁ ଇମେଲ ଜରିଆରେ ସମାନ ଧମକ ମିଳିଛି। ସୂଚନା ମିଳିବା ପରେ ହିଁ ପୁଲିସ ଓ ବମ୍ ନିଷ୍କ୍ରିୟ ଦଳ ଭିନ୍ନ ଭିନ୍ନ ସ୍କୁଲରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ।

ଧନୀ ବ୍ୟବସାୟୀଙ୍କୁ ଲୋଭ ଦେଖାଇ ଲୁଟ୍ /

# ୫୦୦ କୋଟି ଠକେଇର ସୂତ୍ରଧର ଗିରଫ

ବେଙ୍ଗାଲୁରୁ, ୧୮।୭ (ଏଜେନ୍ସି): ଧନ ସମ୍ପତ୍ତିର ଲୋଭ ମଣିଷକୁ ଅନ୍ଧ କରିଦିଏ। ପାଖରେ ଯେତେ ଧନ ଥିଲେ ବି ଅଧିକରୁ ଅଧିକ ଅର୍ଜନ କରିବାର ଆଶା ବିପଦ ସୃଷ୍ଟି କରିଥାଏ। ଠକ ଏହାର ସୁଯୋଗ ନେଇ ଠକେଇ କରିଥାନ୍ତି। ଏଭଳି ଏକ ଠକେଇ ମାମଲା ବେଙ୍ଗାଲୁରୁରୁ ମାଙ୍ଗାଲୁରୁ ସହରରୁ ସାମ୍ନାକୁ ଆସିଛି। ଅଧିକ ଟଙ୍କାର ଋଣ ଲୋଭ ଏବଂ ଜମି ଚୁକ୍ତି କରିଦେବାକୁ କହି ଧନୀ ବ୍ୟବସାୟୀଙ୍କୁ ନିଶାଣ କରୁଥିଲା। ବ୍ୟାଙ୍କ ସହ ଚିହ୍ନା ପରିଚୟ ଥିବା ଦର୍ଶାଇ ଆସ୍ଥା ଭାଜନ ହେଉଥିଲା। ପରେ ବ୍ୟବସାୟ ବଢ଼ାଇବା ପାଇଁ ୫୦୦ରୁ ୬୦୦ କୋଟି ଋଣ କରିଦେବାକୁ କହୁଥିଲା। ରାଜି ହେବା ପରେ ପ୍ରୋସେସିଂ ଫି, ଆଇନଗତ କାର୍ଯ୍ୟ କରିବାକୁ କହି ୫୦ ଲକ୍ଷ ଟଙ୍କାରୁ ୪ କୋଟି ପର୍ଯ୍ୟନ୍ତ ଅଗ୍ରୀମ ମାଗୁଥିଲା।



ଆଉ ଟଙ୍କା ପାଇବା ପରେ ଫୋନ ସ୍ୱିଚ୍‌ଅଫ୍ କରି ଦେଉଥିଲା। ବ୍ୟବସାୟୀଙ୍କ ସହ କୌଣସି ଯୋଗାଯୋଗ ରଖୁ ନ ଥିଲା। ଗାଏବ ହେଇ ଯାଉଥିଲା। ଜଣେକି ଦୁଇ ଜଣ ନୁହେଁ, ଅନେକ ଧନୀ ବ୍ୟବସାୟୀଙ୍କଠାରୁ ୫୦୦ କୋଟିରୁ ଅଧିକ ଟଙ୍କା ଠକି ନେଇଥିବା ଠକ ରୋହଲ ସାଲ୍‌ଦାନାକୁ ମାଙ୍ଗାଲୁରୁ ସହର ପୁଲିସ ଗିରଫ କରିଛି।

ପୁଲିସ କମିଶନର ସୁଧୀର କୁମାର ରେଡ୍ଡୀ ଏବଂ ଏସିପି ରବୀଶ ନାୟକଙ୍କ ନେତୃତ୍ୱାଧୀନ ଟିମ୍ ରାତି ଅଧରେ ଅଭିଯାନ ଚଳାଇ ଜେପିନାମୋଗାରୁ ଅଞ୍ଚଳରୁ ତାକୁ ଗିରଫ କରିଛନ୍ତି। ଏହି ଠକ ନିଜେ ରହିବା ପାଇଁ କଳା କାରବାରକୁ ଲୁଚାଇବା ପାଇଁ ଗୁପ୍ତ ମହଲ ଗଢ଼ିଥିଲା। ଏହା ଦେଖି ପୁଲିସ ଅବାକ ହୋଇ ଯାଇଥିଲା। ସେ କବାଟ ପଛରେ ଥିବା ଗୋପନୀୟ ପ୍ରକୋଷ୍ଠରେ ରହୁଥିଲା। ଠକେଇ ଟଙ୍କାରେ ଅୟସ କରୁଥିଲା। ମହଙ୍ଗା ସାମଗ୍ରୀ କିଣି ସଜେଇ ରଖିଥିଲା। ଏହା ଭିତରେ ବାର୍‌ଠାରୁ ଆରମ୍ଭ କରି ସବୁ ସୁବିଧା ଥିଲା। ବାହାରିବା ପାଇଁ ଗୁପ୍ତ ପଥ ରହିଥିଲା। ଆଗନ୍ତୁକଙ୍କ ଉପରେ ନଜର ରଖିବା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରିଥିଲା। ଉଚ୍ଚ କ୍ଷମତା ସମ୍ପନ୍ନ ସିସିଟିଭି ଲଗାଇ ଥିଲା। ଆଉ ଏହା ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ଥିଲା। ପୁଲିସ ଯାଞ୍ଚରୁ ଜଣାପଡ଼ିଛି ଯେ ଗତ ତିନି ମାସରେ ତାର ଖାତାରେ ୪୦ କୋଟି ଟଙ୍କାର କାରବାର ହୋଇଛି। ତା' କୋଠାରେ ୩ରୁ ୫ ଲକ୍ଷ ଟଙ୍କା ମୂଲ୍ୟର ବିରଳ ସାମଗ୍ରୀ, ମଦ ଭଣ୍ଡାର ଏବଂ କାନ୍ଥ ଓ ଆଲମାରୀ ପଛରେ ଗୁପ୍ତ କୋଠରୀ ଥିଲା। ଆର୍ଥିକ ପ୍ରତିଷ୍ଠାନ ସହ ସମ୍ପର୍କ ଥିବା ଦର୍ଶାଇ ସେ ଦେଶର ଅନେକ ବ୍ୟବସାୟୀଙ୍କୁ ଠକିଥିଲା। ସେ ପୀଡ଼ିତଙ୍କୁ ପ୍ରଥମେ ନିଜ କ୍ଷମତା ଦେଖାଉ ଥିଲା। ପରେ ଠକି ଚାଲି ଯାଉଥିଲା। ଏବେ ସେ କେମିତି ଏହି କାରବାର କରୁଥିଲା ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଛି।

ଅସହିଷ୍ଣୁ ହୋଇ ବନ୍ଦ କରିଥିଲେ '୫-ଟି' ଓ 'ମୋ ସରକାର'

# ଜୀବନ ଗଲା ପରେ ଚେତା ପଶିଲା

ଭୁବନେଶ୍ୱର, ୧୮।୭(ସମିସ): ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି ନିମନ୍ତେ ପୂର୍ବ ସରକାରଙ୍କ '୫-ଟି' ଓ 'ମୋ ସରକାର' ବ୍ୟବସ୍ଥା । ପ୍ରଶାସନକୁ ଶୃଙ୍ଖଳିତ କରିବା ପାଇଁ ପୂର୍ବ ସରକାରଙ୍କ ଏହି ଦୁଇ ବ୍ୟବସ୍ଥା ଅଭୂତପୂର୍ବ ସଫଳତା ପାଇଥିଲା, ସାରା ଦେଶରେ ଆଦୃତି ଲାଭ କରିଥିଲା। 'ମୋ ସରକାର'ରେ ଲୋକମାନଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସିଧାସଳଖ ଆପତ୍ତି ଅଭିଯୋଗ ଶୁଣୁଥିଲା ଓ ସ୍ଥଳ ବିଶେଷରେ ନିଜ ଆଡୁ ଫୋନ କରାଯାଇ ସାଧାରଣ ଲୋକଙ୍କଠାରୁ ମତାମତ ନିଆ ଯାଉଥିଲା। ମାତ୍ର ସରକାର ପରିବର୍ତ୍ତନ ପରେ ସରକାରୀ ଅସହିଷ୍ଣୁତାର ଶିକାର ହୋଇଥିଲା ଏହି ଦୁଇ କାର୍ଯ୍ୟକ୍ରମ । ଦୁଇଟି ବ୍ୟବସ୍ଥାକୁ ବନ୍ଦ କରି ଦିଆଯାଇଥିଲା। ମାତ୍ର ଏବେ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣା ପରେ ସରକାରଙ୍କ ଚେତା ପଶିଛି। ଉଚ୍ଚଶିକ୍ଷା ବିଭାଗ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଏକ୍ସ'ରେ ନିଜକୁ ସକ୍ରିୟ କରିଛି ଓ ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ପଥ ପରିଷ୍କାର କରିଛି । ଏକ୍ସ ମାଧ୍ୟମରେ ହେଉଥିବା ଅଭିଯୋଗ ଗୁଡ଼ିକୁ ସମ୍ପୃକ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ତୁରନ୍ତ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ବର୍ତ୍ତମାନ ସମୟରେ ସରକାର ଅଭିଯୋଗ ଗୁଡ଼ିକୁ ଯେଭଳି ଗମ୍ଭୀରତାର ସହ ନିରୀକ୍ଷଣ କରୁଛନ୍ତି, ଗତ ୧ତାରିଖରେ ସୌମ୍ୟାଶ୍ରୀ କରିଥିବା ଅଭିଯୋଗକୁ ଯଦି ସେତିକି ଗୁରୁତ୍ୱ ଦେଇଥା'ନ୍ତେ, ତେବେ ଜଣେ ନିରୀହ ଛାତ୍ରୀଙ୍କର ଏଭଳି ଯନ୍ତ୍ରଣାସିକ୍ତ ମୃତ୍ୟୁ ହୋଇନଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

**ଅଭିଯୋଗ ଶୁଣିଥିଲେ ଆଜି ବଞ୍ଚିଥାନ୍ତେ ସୌମ୍ୟାଶ୍ରୀ**

ସରକାରଙ୍କର ୪୦ଟି ସରକାରୀ ବିଭାଗ ରହିଛି। ଏହି ସମସ୍ତ ବିଭାଗର 'ଏକ୍ସ', 'ଫେସ୍‌ବୁକ୍', 'ଇନ୍‌ଷ୍ଟାଗ୍ରାମ୍' ଆଦି ସାମାଜିକ ଗଣମାଧ୍ୟମ ଆକାଉଣ୍ଟ୍ ଅଛି। ଏହି ଆକାଉଣ୍ଟର ପରିଚାଳନା ପାଇଁ ରାଜକୋଷରୁ ମାସକୁ ଲକ୍ଷଲକ୍ଷ ଟଙ୍କା ବ୍ୟୟ ହେଉଛି। ଏଥିପାଇଁ ନିର୍ଦ୍ଦିଷ୍ଟ ସଂସ୍ଥାଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ସେମାନେ ସାଧାରଣ ଲୋକଙ୍କ ମୌଳିକ ଦାବିକୁ ଅଣଦେଖା କରି କେବଳ ସରକାରୀ ପ୍ରଚାରପ୍ରସାରରେ ମାତିଛନ୍ତି ବୋଲି ସାଧାରଣ ଲୋକ ଅଭିଯୋଗ କରିଛନ୍ତି। ପୂର୍ବ ସରକାର ସମୟରେ ଏହି ମାଧ୍ୟମରେ ଆସୁଥିବା ଅଭିଯୋଗଗୁଡ଼ିକର ଗୁରୁତ୍ୱର ସହ ନିଆଯାଉଥିଲା। ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ହୋଇଥିବା ଏକାଧିକ ନଜିର୍ ରହିଛି। ମାତ୍ର ସରକାର ବଦଳିବାରେ ଅନ୍ୟ ବ୍ୟବସ୍ଥା ପରି ସାମାଜିକ ଗଣମାଧ୍ୟମରେ ହେଉଥିବା ଆପତ୍ତି ଓ ଅଭିଯୋଗ ବ୍ୟବସ୍ଥା ବି ସ୍ଥାଣୁ ପାଲଟି ଯାଇଛି। ଏହାର ନଗ୍ନ ଉଦାହରଣ ମଧ୍ୟ ସୌମ୍ୟାଶ୍ରୀଙ୍କ ଘଟଣାରେ ଦେଖିବାକୁ ମିଳିଛି।

ଅପରପକ୍ଷରେ ବିଭାଗୀୟ ମନ୍ତ୍ରୀମାନଙ୍କର ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପ୍ଲାଟ୍‌ଫର୍ମରେ ଆକାଉଣ୍ଟ୍ ରହିଛି। ସେଠି ସେମାନେ ଏକାଧିକ ସୂଚନା ପ୍ରଦାନ କରିବା ସହ ନିଜ ସଭାସମିତିର ଫଟୋ ଆଦି ଅପ୍‌ଲୋଡ୍ କରୁଛନ୍ତି। ମାତ୍ର ସେମାନଙ୍କୁ ଟ୍ୟାଗ୍ କରି କୌଣସି ଏକ ବିଷୟରେ ନ୍ୟାୟ ମାଗିଲେ, ସେମାନେ ଏହାର ଉତ୍ତର ମିଳୁନାହିଁ। ମନ୍ତ୍ରୀମାନଙ୍କ ଆକାଉଣ୍ଟ୍ ପାଇଁ ମଧ୍ୟ ବିଭାଗୀୟ ଦପ୍ତରରୁ ଟଙ୍କା ଖର୍ଚ୍ଚ ହେଉଛି; ହେଲେ ଏହା ଲୋକଙ୍କ ହିତରେ କମ୍ ଓ ମନ୍ତ୍ରୀଙ୍କ ପ୍ରଚାରରେ ଅଧିକ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ପୂର୍ବ ସରକାରରେ 'ମୋ ସରକାର' ପ୍ରଶାସନକୁ କ୍ରିୟାଶୀଳ କରିଥିଲା। ସରକାରୀବାବୁମାନେ ଏହାକୁ ଗୁରୁତ୍ୱ ଦେଉଥିଲେ।ସାମାଜିକ ଗଣମାଧ୍ୟମରେ ଆସୁଥିବା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେଉଥିଲେ। ବିଶେଷକରି '୫-ଟି' ବ୍ୟବସ୍ଥାରେ ଭିତରେ ସାମାଜିକ ଗଣମାଧ୍ୟମରେ ଅଭିଯୋଗ ସମାଧାନର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା। ମାତ୍ର ବର୍ତ୍ତମାନର ସରକାର ଅସହିଷ୍ଣୁ ହୋଇ ଏସବୁ ବ୍ୟବସ୍ଥା ବନ୍ଦ କରିଦେବା ସାଧାରଣ ଲୋକଙ୍କ ଯନ୍ତ୍ରଣାକୁ ବଢ଼ାଇ ଦେଇଛି ଓ ପ୍ରଶାସନିକ ବ୍ୟବସ୍ଥାକୁ ଅନ୍ଧ-ମୂକ-ବଧୀର କରିଦେଇଥିବା ଅଭିଯୋଗ ହୋଇଛି।

# ୨୧ରେ ସବୁ ଆର୍‌ଡିସି ଅଫିସ୍ ଘେରିବ ବିଜେଡି




**'ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ'**

**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଓ ବିଚାର ବିଭାଗୀୟ ତଦନ୍ତ ଦାବିରେ ଦଳ ଅଟଳ**

ଭୁବନେଶ୍ୱର, ୧୮।୭ (ସମିସ): ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣା ପାଇଁ ସରକାରୀ ବ୍ୟବସ୍ଥାଗତ ବିଫଳତାକୁ ଦାୟୀ କରିଛି ବିଜେଡି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଦଳ ପକ୍ଷରୁ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ଆସନ୍ତା ଜୁଲାଇ ୨୧ରେ ଦଳ ତରଫରୁ ରାଜ୍ୟର ସମସ୍ତ ଆରଡିସି ଅଫିସ୍ ଘେରାଉ କରାଯିବ ବୋଲି ଶୁକ୍ରବାର ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି।

ଶଙ୍ଖ ଭବନଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ପୀଡ଼ିତା ଛାତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଜନତା ଦଳ ପ୍ରତିବାଦ କାର୍ଯ୍ୟକ୍ରମ କରିଆସୁଛି। ୧୪ ତାରିଖ ବିଳମ୍ବିତ ରାତିରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘୋଷଣା କରାଯାଇଥିଲା ବେଳେ ତା' ପରଦିନ ସକାଳୁ ଅର୍ଥାତ୍ ଜୁଲାଇ ୧୫ତାରିଖରେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ୧୬ ତାରିଖ ଦିନ ବିଜୁ ଜନତା ଦଳ ତରଫରୁ ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ସରକାରଙ୍କ ନିର୍ଦ୍ଦେଶରେ ପୁଲିସ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ କରିଥିଲା। ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ଓ ସମ୍ବେଦନହୀନତା ଲାଗି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ଏହାର ତଦନ୍ତ ଉଚ୍ଚ ନ୍ୟାୟାଳୟରେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ପାଇଁ ବିଜେଡି ଦାବି କରିଛି। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନ ମିଳିବା ଯାଏ ବିଜୁ ଜନତା ଦଳ ଏହି ଆନ୍ଦୋଳନକୁ ତୀବ୍ରତର କରିବ। ଆସନ୍ତା ୨୧ ତାରିଖରେ ରାଜ୍ୟର ସବୁ ଆରଡିସି ଅଫିସ୍ ସାମ୍ନାରେ ଦଳ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଉପସ୍ଥିତ ଥିଲେ।

ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା

# ଗାନ୍ଧୀ ମୂର୍ତ୍ତି ନିକଟରେ ବିଜେଡିର ମୌନବ୍ରତ

ଭୁବନେଶ୍ୱର,୧୮।୭(ସମିସ): ବାଲେଶ୍ୱରର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ପ୍ରତିବାଦରେ ଆଜି ଜନତା ମଇଦାନ ନିକଟସ୍ଥ ଗାନ୍ଧୀ ପାର୍କ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜୁ ଜନତା ଦଳର ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ପକ୍ଷରୁ କରାଯାଇଛି ଅଭିନବ ପ୍ରତିବାଦ । ବିଜେଡି ନେତା ଓ କର୍ମୀ ମୁହଁରେ କଳା ପଟି ବାନ୍ଧି ମୌନବ୍ରତ କରିଛନ୍ତି । ଏହି ଅବସରରେ ବିଜେଡି ପକ୍ଷରୁ କୁହାଯାଇଛି ଯେ ସରକାରଙ୍କ ନିଷ୍କ୍ରିୟତା ଓ ଦାୟିତ୍ୱହୀନତା ଲାଗି ଗୋଟିଏ ନିରୀହ ଝିଅର ଜୀବନ ଦୀପ ଅକାଳରେ ଚାଲିଗଲା। ଏହାର ପ୍ରତିବାଦ କରିବା ବେଳେ ସରକାରଙ୍କ ନିର୍ଦ୍ଦେଶରେ ପୁଲିସ ବିଜେଡି ନେତା ଓ କର୍ମୀଙ୍କୁ ବର୍ବରୋଚିତ ଆକ୍ରମଣ କରିଛି। ତେଣୁ ଭୁବନେଶ୍ୱର ବିଜୁ ଜନତା ଦଳ ପକ୍ଷରୁ ସରକାରଙ୍କୁ ସଦ୍‌ବୁଦ୍ଧି ପ୍ରଦାନ ଉଦ୍ଦେଶ୍ୟରେ ଏହି ଅଭିନବ ପ୍ରତିବାଦ କରାଯାଇଛି। ଭୁବନେଶ୍ୱର ବିଜେଡି ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର,ସଞ୍ଜୟ କୁମାର ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ଡଃ ଅମର ପଟ୍ଟନାୟକ, ଟୁକୁନି ସାହୁ, ପ୍ରଦୀପ ଅମାତ, ପ୍ରଣବ ବଳବନ୍ତରାୟ, ପ୍ରଦୀପ ମାଝୀ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମିଡିଆ ସଂଯୋଜକ ଡଃ ପ୍ରିୟବ୍ରତ ମାଝୀ, ଭୃଗୁ ବକ୍ସିପାତ୍ର, ଲୋପାମୁଦ୍ରା ବକ୍ସିପାତ୍ର, ବିଜୟ ନାୟକ, ଶର୍ମିଷ୍ଠା ସେଠୀ, ଡଃ ଲେଖାଶ୍ରୀ ସାମନ୍ତସିଂହାର, ରାଜଶ୍ରୀ ମଲ୍ଲିକ, ଧୃତିରଞ୍ଜନ ମାର୍ଥା, ରଶ୍ମୀ ରଞ୍ଜନ ଦାସ, ଇପ୍ସିତା ସାହୁ, ସୋଫିଆ ଆଲାମଙ୍କ ସମେତ ବହୁ ନେତା ଓ ନେତ୍ରୀ ଉପସ୍ଥିତ ଥିଲେ।



ସହଯୋଗ ଦେଲାନାହିଁ ପୁଲିସ ଓ ପ୍ରଶାସନ

# ଟ୍ରଲିରେ ବାପା ବୋହିଲା ଝିଅର ଶବ

ବାଲେଶ୍ୱର/ବାଲିଆପାଳ, ୧୮।୭(ସମିସ): ପୁଣି ଶବକୁ ଅସମ୍ମାନ। ମାନବିକତା ହରାଇ ବସିଲା ପ୍ରଶାସନ। ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣେ ଝିଅର ଶବକୁ ପୁଲିସ୍ ଉଦ୍ଧାର କଲା; କିନ୍ତୁ ବ୍ୟବଚ୍ଛେଦ ପାଇଁ କୌଣସି ବ୍ୟବସ୍ଥା ନକରି ପରିବାରଲୋକଙ୍କୁ ଦାୟିତ୍ୱ ଦେଇ ନିଜ କର୍ତ୍ତବ୍ୟ ସାରିଦେଲା। ପୁଲିସ୍ ଏବଂ ପ୍ରଶାସନର ସହଯୋଗ ବି ମିଳିଲାନି। ଆମ୍ବୁଲାନ୍ସରେ ଶବ ନେବା ପାଇଁ ପାଖରେ ଅର୍ଥ ନଥିବାରୁ ଶେଷରେ ଗରିବ ଆଦିବାସୀ ବାପା ଏକ ଟ୍ରଲିରେ ଝିଅର ଶବକୁ ପକାଇ ୬ କିମି ଦୂର ବାଲିଆପାଳ ଡାକ୍ତରଖାନାକୁ ଟାଣି ଟାଣି ନେଲା। ବାଲେଶ୍ୱର ଜିଲ୍ଲା ବାଲିଆପାଳରେ ଘଟିଥିବା ଏପରି ଏକ ଘଟଣା ଆଜି ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।



ସୂଚନା ମୁତାବକ, ବାଲିଆପାଳ ବ୍ଲକ୍ ଦେଉଳା ପଞ୍ଚାୟତ ବିନ୍ଧାଣୀ ସାହିର ମଧୁ ବିନ୍ଧାଣୀଙ୍କ ଝିଅ ନନ୍ଦିନୀ ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ବାଲିଆପାଳ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ତଳକୁ ଓହ୍ଲାଇଥିଲା। କିନ୍ତୁ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ନେବାକୁ ପରିବାରଲୋକଙ୍କୁ ଦାୟିତ୍ୱ ଦେଇ ପଳାଇଲା। ମଧୁ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଆମ୍ବୁଲାନ୍ସରେ ଶବ ନେବାକୁ ୧୨ଶହ ଟଙ୍କା ଯୋଗାଡ଼ କରିପାରି ନଥିଲେ। ତେଣୁ ବାଧ୍ୟ ହୋଇ ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ଟ୍ରଲି ମାଗି ଝିଅର ଶବକୁ ଡାକ୍ତରଖାନାକୁ ନେବାର ବ୍ୟବସ୍ଥା କରିଥିଲେ। ମଧୁ ଟ୍ରଲିରେ ଝିଅର ଶବକୁ ଟାଣିଟାଣି ନେଉଥିବା ବେଳର ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେହିପରି ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାରେ ମଧୁଙ୍କୁ ୧୫ଶହରୁ ୨ହଜାର ଟଙ୍କା ଦାବି କରାଯାଇଥିବା ସେ କହିଛନ୍ତି। ଏଥିପାଇଁ ସେ ସ୍ଥାନୀୟ କିଛି ନେତାଙ୍କ ସାହାଯ୍ୟ ଲୋଡ଼ିଥିବା ଜଣାଯାଇଛି। ଏ ସଂପର୍କରେ ବାଲିଆପାଳ ଆଇଆଇସିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ପତ୍ନୀ ହତ୍ୟାକାରୀକୁ ଆଜୀବନ କାରାବାସ

କେନ୍ଦୁଝର, ୧୮।୭ (ସମିସ): ୨୦୨୧ ମସିହାରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରା ଅଭିଯୁକ୍ତ ସଦାଶିବ ସାମଲ ଓରଫ୍ ଟିକ(୩୯)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ୮ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି।

ସଦାଶିବର ଘର ଯାଜପୁର ଜିଲ୍ଲା ସାନ୍ତରାଗାଡ଼ିଆ ନିକଟସ୍ଥ ବାଙ୍ଗରାକଟ୍ ଗ୍ରାମରେ। ସେ କେନ୍ଦୁଝର ଜିଲ୍ଲା ଦୈତାରୀ ଥାନାଞ୍ଚଳରେ ସନ୍ଧ୍ୟା କିନ୍ନର (୩୦)ଙ୍କୁ ବିବାହ କରିଥିଲେ। ପ୍ରାୟ ୬ ବର୍ଷ ଏକାଠି ରହିବା ପରେ ଉଭୟଙ୍କ ସଂପର୍କରେ ଫାଟ ଦେଖାଦେଇଥିଲା। ସନ୍ଧ୍ୟାଙ୍କୁ ଛାଡ଼ି ସଦାଶିବ ଅନ୍ୟତ୍ର ରହିଥିଲେ। ଏହାର ମାସେ ପରେ ୨୦୨୧ଅକ୍ଟୋବର ୧୯ ତାରିଖରେ ସନ୍ଧ୍ୟାଙ୍କ ଘରକୁ ସଦାଶିବ ଆସିଥିଲେ। ସେଠାରେ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ସଦାଶିବ ଘରକୋଣରେ ଥିବା ଏକ କୋଦାଳରେ ସନ୍ଧ୍ୟାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଏଥିରେ ଘଟଣାସ୍ଥଳରେ ସନ୍ଧ୍ୟାଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ବିନିତା କିନ୍ନରଙ୍କ ଅଭିଯୋଗ ଆଧାରରେ ଦୈତାରୀ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ସଦାଶିବଙ୍କୁ ଗିରଫ କରିଥିଲା। କେନ୍ଦୁଝର ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ବିଚାରାଧୀନ ଥିଲା। ପିପି ପ୍ରଦୀପ କୁମାର ଦାଶ ଏହି ମାମଲା ପରିଚାଳନା କରୁଥିଲେ।

■ ଯୁବତୀଙ୍କୁ ଅସଦାଚରଣ ଓ ନିର୍ଯାତନା

# ବିଜେପି ଯୁବନେତା ଗିରଫ

ଅନୁଗୋଳ, ୧୮।୭ (ସମିସ): ଯୁବତୀଙ୍କୁ ଅସଦାଚରଣ ଓ ଧମକ ଅଭିଯୋଗରେ ପୂର୍ବତନ ଅନୁଗୋଳ ଜିଲ୍ଲା ଯୁବ ବିଜେପି ସଭାପତି ସୁଦୀପ୍ତ ସ୍ୱାଇଁଙ୍କୁ ବନ୍ତଳା ଥାନା ପୁଲିସ ଗିରଫ କରିଛି। ସୁଦୀପ୍ତ ଦୀର୍ଘ ଦିନ ଧରି ବନ୍ତଳା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ଅସଦାଚରଣ କରୁଥିବା ନେଇ ଅଭିଯୋଗ ହୋଇଛି। ଏଥିସହ ଯୁବତୀଙ୍କ ପରିବାରଲୋକଙ୍କୁ ମଧ୍ୟ ଧମକ ଦେଉଥିଲେ। ଫୋନ୍ କରି ଗାଳିଗୁଲଜ କରିବା ସହ ଘର ବାହାରେ ମାରଣାସ୍ତ୍ର ଧରି ଯୁବତୀ ଓ ତାଙ୍କ ପରିବାରଲୋକଙ୍କୁ ଭୟଭୀତ କରାଉଥିଲେ। ଏପରିକି, ଯୁବତୀଜଣଙ୍କ ବ୍ୟାଙ୍କ୍ କର୍ମଚାରୀ ହୋଇଥିବାରୁ ସେ ବ୍ୟାଙ୍କ୍ ଯିବା ସମୟରେ ସୁଦୀପ୍ତ ତାଙ୍କୁ ଅସଦାଚରଣ କରୁଥିଲେ ବୋଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ସୁଦୀପ୍ତଙ୍କ ବିରୋଧରେ ବିଏନ୍‌ଏସ୍‌ର ଦଫା ୨୯୬, ୩୫୧(୨), ୭୮ରେ ମାମଲା ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରିଛି।

**ଦଳରୁ ନିଲମ୍ବିତ କଲେ ରାଜ୍ୟ ସଭାପତି**

ଅପରପକ୍ଷେ, ବିଜେପି ହେଭିୱେଟ୍ ନେତାଙ୍କ ଚାପରେ ପୁଲିସ ଦଫାରେ କୋହଳ କରିଥିବା ଅଭିଯୋଗ ହୋଇଛି। କିନ୍ତୁ ମାଜିଷ୍ଟ୍ରେଟ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ବିଏନଏସ ଦଫା ୭୫ ଯୋଡ଼ିବାକୁ ନିର୍ଦ୍ଦେଶ ଦେଇଥିବା ତଦନ୍ତ ଅଧିକାରୀ ଶୁଭକାନ୍ତ ସ୍ୱାଇଁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ସଂଧ୍ୟାରେ ବିଜେପି ପକ୍ଷରୁ ଜିଲ୍ଲା ସଭାପତି ତାଙ୍କୁ ଦଳରୁ ନିଲମ୍ବିତ କରିଥିବା ଜଣାଯାଇଛି।

ସୁଦୀପ୍ତ ବିଜେପିର ବହୁ ହେଭିୱେଟ ନେତାଙ୍କ ସହ ବସାଉଠା କରୁଥିବା ଦର୍ଶାଇ ଝିଅ-ବୋହୂଙ୍କୁ କମେଣ୍ଟ



ମାରିବା ସହ ରାସ୍ତାରେ ଗଲାବେଳେ ଅଶ୍ଳୀଳ ଇଙ୍ଗିତ କରୁଥିବା ଅଞ୍ଚଳବାସୀ ଅଭିଯୋଗ କହିଛନ୍ତି। ତେବେ ବହୁ ବଡ଼ ବଡ଼ ନେତାଙ୍କ ହାତ ତାଙ୍କ ମୁଣ୍ଡ ଉପରେ ଥିବାରୁ କେହି ଥାନାରେ ଅଭିଯୋଗ କରନ୍ତି ନାହିଁ। କିନ୍ତୁ ଯୁବତୀଜଣଙ୍କୁ ସେ ଅତ୍ୟଧିକ ନିର୍ଯାତନା ଦେବା ଦ୍ୱାରା ସେ ଅତିଷ୍ଠ ହୋଇ ଆଇନର ଆଶ୍ରୟ ନେଇଥିବା କହିଛନ୍ତି।

ନାରୀ ସୁରକ୍ଷାକୁ ନେଇ ବିଜେପି ରାଜ୍ୟରେ ଡିଣ୍ଡିମ ପିଟୁଥିବା ବେଳେ ପ୍ରତିଦିନ ବିଭିନ୍ନ ସ୍ଥାନରୁ ନାରୀନିର୍ଯାତନା ଓ ନାରୀ ବିରୋଧୀ ଅତ୍ୟାଚାର, ହିଂସାର ଖବର ସାମ୍ନାକୁ ଆସୁଛି। ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାରଠାରୁ ଆରମ୍ଭ କରି ବାଲେଶ୍ୱର ଏଫଏମ କଲେଜ୍ ଛାତ୍ରୀ ତଥା ଏବିଭିପି ସଦସ୍ୟାଙ୍କ ଆତ୍ମାହୁତି ଭଳି ଅନେକ ଘଟଣା ମନରୁ ନ ଲିଭୁଣୁ ଖୋଦ୍ ଜଣେ ବିଜେପି ନେତାଙ୍କ ଏଭଳି କାରନାମା ସମସ୍ତଙ୍କୁ ବ୍ୟଥିତ କରିଛି।

# ସୌମ୍ୟାଶ୍ରୀଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଦିବସ ପାଳିବ ଇଣ୍ଡିଆ ମେଣ୍ଟ

ଭୁବନେଶ୍ୱର,୧୮।୭(ସମିସ): ଆସନ୍ତା ୨୪ ତାରିଖ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଦିବଂଗତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଏକାଦଶାହ। ଏହି ଦିନକୁ ଶ୍ରଦ୍ଧାଞ୍ଜଳି ଦିବସ ଭାବେ ପାଳନ କରିବା ପାଇଁ ଇଣ୍ଡିଆ ମେଣ୍ଟର କଂଗ୍ରେସ ସମେତ ୮ଟି ଦଳ ନିଷ୍ପତ୍ତି ନେଇଛନ୍ତି। ସାରା ରାଜ୍ୟରେ ମହିଳା କଂଗ୍ରେସ ସମେତ ଆଠଟି ଦଳର ମହିଳା ସେଲ୍ ଏଥିରେ ସାମିଲ ହେବେ। କେବଳ ବାଲେଶ୍ୱର ପୀଡ଼ିତା ନୁହନ୍ତି; ନିର୍ଯାତନାର ଶିକାର ହୋଇ ପ୍ରାଣ ହରାଇଥିବା ଅନ୍ୟ ମହିଳା ଓ ଝିଅଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଦିଆଯିବ ବୋଲି ଶୁକ୍ରବାର କଂଗ୍ରେସ ସମେତ ୮ଟି ସମଭାବାପନ୍ନ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଥିପାଇଁ ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ନିବେଦନ କରିଛନ୍ତି।

**ନିର୍ଯ୍ୟାତିତ ମହିଳାଙ୍କ ଲାଗି ସ୍ୱତନ୍ତ୍ର ସେଲ ଖୋଲିବ ପିସିସି**

**ସଂସଦରେ ଉଠିବ ସୌମ୍ୟାଶ୍ରୀ ପ୍ରସଙ୍ଗ: ପ୍ରଭାରୀ**



ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭକ୍ତ କହିଛନ୍ତି ଯେ ରାଜ୍ୟରେ ନିର୍ଯାତିତ ମହିଳାଙ୍କ ଲାଗି ମହିଳା ସେଲ୍ ଖୋଲିବ ପିସିସି। ସେମାନେ ଆପ୍ ମାଧ୍ୟମରେ ଅଭିଯୋଗ କରିବା ପରେ ପିସିସି ଅନୁଧ୍ୟାନ କରି ତଦନ୍ତରେ ସହଯୋଗ କରିବ। ରାଜନୈତିକ ବ୍ୟାପାର କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ କହିଛନ୍ତି, ସୌମ୍ୟାଶ୍ରୀଙ୍କ ପ୍ରସଙ୍ଗ ଆଗାମୀ ଦିନରେ ବିଧାନସଭାରେ ଉଠିବ। ଆଗରୁ ନାରୀ ସୁରକ୍ଷା ପ୍ରସଙ୍ଗ କଂଗ୍ରେସ ଗୃହରେ ଉଠାଇଥିଲା। ହେଲେ ରାଜ୍ୟ ସରକାର ଶୁଣି ନ ଥିଲେ। ଯେ ପର୍ଯ୍ୟନ୍ତ ଝିଅ ନ୍ୟାୟ ନ ପାଇଛି, ଆନ୍ଦୋଳନ ଜାରି ରହିବ ବୋଲି କାଡ଼ାମ କହିଛନ୍ତି। ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ଆସନ୍ତାକାଲି ଦିଲ୍ଲୀରେ ଇଣ୍ଡିଆ ବ୍ଲକ ବୈଠକ ବସିବ। ଏହି ବୈଠକରେ ବାଲେଶ୍ୱର ପୀଡ଼ିତାଙ୍କ ପ୍ରସଙ୍ଗ ଉଠିବ। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ସଂସଦରେ ଉଠାଇବେ। ଘଟଣାରେ ନ୍ୟାୟିକ ତଦନ୍ତ ପାଇଁ କଂଗ୍ରେସ ଦାବି କରୁଛି। ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କ ଦ୍ୱାରା ତଦନ୍ତ ହେଉ ଏବଂ ଉଚ୍ଚତମ ନ୍ୟାୟାଳୟ ତଦାରଖ କରନ୍ତୁ। ଏଥିସହିତ ତୁରନ୍ତ ରାଜ୍ୟ ସରକାର ମହିଳା କମିଶନ ନିଯୁକ୍ତି କରନ୍ତୁ ବୋଲି କଂଗ୍ରେସ ପ୍ରଭାରୀ ଶ୍ରୀ ଲଲ୍ଲୁ କହିଛନ୍ତି। ଆଗାମୀ ଦିନରେ ମହିଳା ସୁରକ୍ଷା ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି।

ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ସରକାରଙ୍କୁ ବିଜୟଙ୍କ ସମାଲୋଚନା

# କୁଶାସନ ଚରମ ସୀମାରେ; ସୁଶାସନ କେଉଁଠାରେ?

ଭୁବନେଶ୍ୱର,୧୮।୭(ସମିସ): ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣାରେ ସରକାରଙ୍କ ଉପରେ ବର୍ଷିଛନ୍ତି ବରିଷ୍ଠ ନେତା ବିଜୟ ମହାପାତ୍ର। ଏକ ସାମ୍ବାଦିକ ସମ୍ମିଳନୀରେ ବିଜୟ ଏହି ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇବା ସହ ଗତ ୩୫ ବର୍ଷ ମଧ୍ୟରେ ଏପରି ଘଟଣା ଘଟି ନାହିଁ ବୋଲି କହିଛନ୍ତି। ଜଣେ ଝିଅ କଲେଜ କ୍ୟାମ୍ପସରେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କେବେ କରିନାହାନ୍ତି। ସାରା ଭାରତରେ ଏଥିପାଇଁ ଓଡ଼ିଶାକୁ ଲଜ୍ଜିତ ଓ ନିନ୍ଦିତ ହେବାକୁ ପଡ଼ିଛି। ଏହାକୁ କେବେ ଲିଭାଇ ହେବ ନାହିଁ। ଏହି ଘଟଣା ସବୁବେଳେ ସରକାରଙ୍କ ମୁଣ୍ଡ ଉପରେ ଖଣ୍ଡା ଭଳି ଝୁଲି ରହିବ। ଯଦି ସରକାର ଏହି ଘଟଣାକୁ ସାମାନ୍ୟ ଗୁରୁତ୍ୱ ଦେଇଥାଆନ୍ତେ; ତେବେ ଏଭଳି ଘଟଣା ଆଦୌ ଘଟିନଥାନ୍ତା ବୋଲି ଶ୍ରୀ ମହାପାତ୍ର କହିଛନ୍ତି।



**ଚାରି ଦଶନ୍ଧି ମଧ୍ୟରେ ସବୁଠାରୁ ଅଭାବନୀୟ ଘଟଣା**

**ସରକାରଙ୍କ ମୁଣ୍ଡ ଉପରେ ଖଣ୍ଡା ଭଳି ଝୁଲି ରହିବ ଏହି ଘଟଣା**

**କୋର୍ଟଙ୍କ ନିରୀକ୍ଷଣରେ ତଦନ୍ତ ହେଲେ ମିଳିପାରିବ ସଠିକ ତଥ୍ୟ**

ସେ କହିଛନ୍ତି ଯେ ବିଜେପି ଯେତେବେଳେ ବିରୋଧୀଦଳରେ ଥିଲା ସେତେବେଳେ ପ୍ରତ୍ୟେକ କଥାରେ ସିବିଆଇ ତଦନ୍ତ ଦାବି କରୁଥିଲା। ଏବେ କଣ ପାଇଁ ସିବିଆଇକୁ ନିରପେକ୍ଷ ତଦନ୍ତ ପାଇଁ ସରକାର କହୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ଏଥିରୁ ନିରପେକ୍ଷ ତଦନ୍ତ ପାଇଁ ସରକାରଙ୍କ ଆଗ୍ରହ ନ ଥିବା ମନେହେଉଛି। ଏହି ଘଟଣାକୁ ସରକାର ଗୁରୁତ୍ୱର ସହ ନେବାକୁ ଆଦୌ ରାଜି ନୁହଁନ୍ତି। ଏହି ଘଟଣା ସମସ୍ତଙ୍କ ଜ୍ଞାତସାରରେ ଘଟିଛି। ଛାତ୍ରୀ ଜଣଙ୍କ ଜିଲ୍ଲା ପ୍ରଶାସନଠୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏ ସମ୍ପର୍କରେ ଜଣାଇଛନ୍ତି; କିନ୍ତୁ ଏହି ଘଟଣା କୁଆଡ଼େ ଯାଉଛି କେହି ଆକଳନ କରିପାରିଲେନି। ଯଦି ଆକଳନ ଠିକ୍ କରିଥାନ୍ତେ ହୁଏତ ଏଫଏମ୍ ଛାତ୍ରୀ ଜଣଙ୍କର ଜୀବନ ରକ୍ଷା ହୋଇଯାଇଥାନ୍ତା । ଏବେ ରାଜ୍ୟରେ ସୁଶାସନ ଦିବସ ପାଳନ ନେଇ ପ୍ରଚାର ହେଉଛି। ହେଲେ ଯେଉଁଠି କୁଶାସନ ଚରମ ସୀମାରେ ପହଞ୍ଚିଛି, ସେଠି କିପରି ସୁଶାସନ ଦିବସ ପାଳନ କରିବାର କୌଣସି ମାନେ ନାହିଁ। ବିଜେଡି ଶାସନ ବେଳେ ବିଭିନ୍ନ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ବିରୋଧ କରି ବିଜେପି ନେତାମାନେ ସିବିଆଇ ତଦନ୍ତ ଦାବି କରୁଥିଲେ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମଧ୍ୟ ବିଧାନସଭାରେ ବିଭିନ୍ନ ଘଟଣାରେ ସିବିଆଇ ତଦନ୍ତ ଦାବି କରିଥିଲେ। ଏବେ ଏହି ମାମଲାରେ କିପରି କ୍ରାଇମବ୍ରାଞ୍ଚ ସଠିକ୍ ତଦନ୍ତ କରିବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ତେଣୁ ସରକାର ଏହି ମାମଲାକୁ କୋର୍ଟଙ୍କ ନୀରିକ୍ଷଣରେ ତଦନ୍ତ ପାଇଁ ଆବେଦନ କରିପାରିବେ। ଏହାଦ୍ୱାରା କ୍ରାଇମବ୍ରାଞ୍ଚ ମନ ଇଚ୍ଛା ତଦନ୍ତ କରିପାରିବ ନାହିଁ। ଫଳରେ ରାଜ୍ୟବାସୀଙ୍କ ମନରେ ମଧ୍ୟ କିଛି ଦ୍ୱନ୍ଦ୍ୱ ରହିବ ନାହିଁ ବୋଲି ସେ କହିଛନ୍ତି। ଏହି ଅବସରରେ ବିଜୟ ମହାପାତ୍ର ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ମନ୍ତବ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟପାଳ ରାଜ୍ୟର ସମସ୍ତ ଆଇସିସି ସମ୍ପର୍କିତ ତଥ୍ୟ ୨ ମାସ ଧରି ସମୀକ୍ଷା କରିଥିବା ସାଂସଦ ସାମ୍ବାଦିକ ସମ୍ମିଳନୀରେ କହିଥିବା କଥାକୁ ନେଇ ବିଜୟ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଯଦି ସାଂସଦଙ୍କ କଥା ସତ ହୁଏ, ତେବେ ରାଜ୍ୟପାଳ ବାଲେଶ୍ୱର ଘଟଣା କଥା ନିଶ୍ଚିତ ଜାଣିଥିବେ। ତେଣୁ ରାଜ୍ୟପାଳ ଏହି ତଦନ୍ତ କରିଛନ୍ତି କି ନାହିଁ ତାହା ସ୍ପଷ୍ଟ ହେବା ଓ ଏହି ତଦନ୍ତର ନିଷ୍କର୍ଷ କ'ଣ ବାହାରିଲା ତାହା ଲୋକଙ୍କୁ ଅବଗତ କରିବା କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

ସକାଳ THE SAKALA
ମୟୂରଭଞ୍ଜ
www.sakalaepaper.com

## ଏମ୍‌ପିସି ମହାବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶ ବିଳମ୍ବକୁ ନେଇ ତେଜିଲା ଅସନ୍ତୋଷ

# ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀଙ୍କ ପ୍ରତିବାଦ




ବାରିପଦା, ୧୮ ।୭ (ସମିସ)

ବାରିପଦା ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ ବିଳମ୍ବକୁ ନେଇ ଛାତ୍ର ଅସନ୍ତୋଷ ଦେଖାଦେଇଛି; ଯାହାକୁ ନେଇ ଶୁକ୍ରବାର ଛାତ୍ରଛାତ୍ରୀ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି । ମହାବିଦ୍ୟାଳୟର ଯୁକ୍ତ ତିନିର ୨୦୨୩ ଶିକ୍ଷାବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱିତୀୟ ଓ ତୃତୀୟ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ଅନେକ ଦିନ ପୂର୍ବରୁ ପରୀକ୍ଷା ହୋଇଥିଲେ ସୁଦ୍ଧା କଲେଜ କର୍ତ୍ତୃପକ୍ଷଙ୍କ ତ୍ରୁଟି ପାଇଁ ଏଯାଏ ଫଳ ପ୍ରକାଶ ପାଇନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ପାସ ହାର ମଧ୍ୟ କମିଯାଉଛି। ଆଉ କିଛି ଦିନ ପରେ ଚତୁର୍ଥ ସେମିଷ୍ଟର ପରୀକ୍ଷା। ଯେଉଁମାନଙ୍କ ପୂର୍ବର ସେମିଷ୍ଟର ପରୀକ୍ଷାରେ ବ୍ୟାକ ରହିଥିବ; ଯଦିଓ ସେମାନେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ; କିନ୍ତୁ ପୂର୍ବରୁ ଫଳ ବାହାରି ନ ଥିବା ବେଳେ ପାସ କି ଫେଲ ହେଲେ ଜାଣି ପାରୁନାହାନ୍ତି । ଏଥିସହିତ ଚତୁର୍ଥ ସେମିଷ୍ଟର ପରୀକ୍ଷାର ୩/୪ଦିନ ପୂର୍ବରୁ ଫଳ ପ୍ରକାଶ ପାଇଲେ, ସେମାନେ କମ ସମୟ ବ୍ୟବଧାନରେ ବ୍ୟାକ ଓ ମୂଳ ପରୀକ୍ଷା ପାଇଁ କିପରି ପ୍ରସ୍ତୁତି କରିବେ ବୋଲି ପ୍ରଶ୍ନ କରିଛନ୍ତି । ତେବେ ଏ ନେଇ ପୂର୍ବରୁ କଲେଜ ଅଧ୍ୟକ୍ଷା ଓ ପରୀକ୍ଷା ନିୟନ୍ତ୍ରକଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ବାରମ୍ବାର ଅଭିଯୋଗ କଲେ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କୁ ସେମିଷ୍ଟରରେ ବ୍ୟାକ କରି ଦିଆଯିବ ବୋଲି ଧମକ ଚମକ ଦେଉଥିବା ମଧ୍ୟ ପିଲାମାନେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଶୁକ୍ରବାର ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରି ବିକ୍ଷୋଭ କରିଥିଲେ। ପରେ କଲେଜ ଅଧ୍ୟକ୍ଷା ଡ. ଆଲବର୍ଟିନା ତିର୍କୀ ଓ ପରୀକ୍ଷା ନିୟନ୍ତ୍ରକ ରାଇମଣି ମାର୍ଣ୍ଡି ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ମାସକ ମଧ୍ୟରେ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ଚାଲିଚାଲି ଜିଲ୍ଲାପାଳଙ୍କୁ ଭେଟିଲେ ଛାତ୍ରଛାତ୍ରୀ

ତେବେ ଯେଉଁମାନଙ୍କ ସେମିଷ୍ଟରରେ ବ୍ୟାକ ପେପର ରହିଛି, ସେମାନଙ୍କ ଆଜି ନାମ ପ୍ରକାଶିତ ହେବ ବୋଲି କହିଥିଲେ । ଅନ୍ୟପଟେ କର୍ତ୍ତୃପକ୍ଷ ଧମକ ଚମକ ଦେବା କଥାକୁ ଉଭୟ ଖଣ୍ଡନ କରିଛନ୍ତି। ବୁଝାସୁଝା କରିବା ପରେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ସ୍ଥଗିତ ହୋଇଥିଲା। ଶେଷ ଖବର ଅନୁସାରେ, ସନ୍ଧ୍ୟା ୮ଟାରେ ପୁଣି ଛାତ୍ରଛାତ୍ରୀ ଚାଲିଚାଲି ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଥିଲେ । ପରୀକ୍ଷା ନିୟନ୍ତ୍ରକ ସୁଶ୍ରୀ ମାରାଣ୍ଡି ଓ ଅନ୍ୟଜଣେ ଅଧ୍ୟାପକଙ୍କ ବଦଳି ସହିତ ଉପୁଜିଥିବା ସମସ୍ୟାର ସମାଧାନ ଉପରେ ଆଲୋଚନା କରିଛନ୍ତି।

## କଲରାପତରିଆ ବାଘଛାଲ ଜବତ ଘଟଣା

# ଗିରଫ ତାନ୍ତ୍ରିକଙ୍କ ମୋବାଇଲ ଯାଞ୍ଚକୁ ଅପେକ୍ଷା




**ବାରିପଦା, ୧୮ ।୭ (ସମିସ):** ବହୁଚର୍ଚ୍ଚିତ ମୟୂରଭଞ୍ଜ ଜିଲ୍ଲାରୁ ଜବତ ୩ଟି କଲରାପତରିଆ ବାଘ ଚମଡା ଘଟଣା ଏବେ ବିଭିନ୍ନ ଅପରାଧିକ ଦିଗକୁ ମୁହାଁଉଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଗୁଇନ୍ଦା ସରବରାହ ସଂସ୍ଥା ସୂଚନା ଅନୁସାରେ, ବନବିଭାଗ ବଡସାହି ଓ ଖୁଣ୍ଟା ଥାନା ଅଞ୍ଚଳରୁ ୩ଟି କଲରାପତରିଆ ବାଘଚମଡା, ୨ଟି ବାଇକ ଓ ୭ଟି ମୋବାଇଲ ଜବତ କରିବା ସହିତ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା। ଏହି ଘଟଣା ସୁନ୍ଦରଗଡ଼ ସମେତ ଛତିଶଗଡ଼ ପର୍ଯ୍ୟନ୍ତ ଚେର ଲମ୍ବିଛି ଏବଂ ଏଥିରେ ସମ୍ପୃକ୍ତ ଥିବା ସହଯୋଗୀଙ୍କ ସମ୍ବନ୍ଧରେ ଜଣାପଡ଼ିଛି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉପନିର୍ଦ୍ଦେଶକ ସମ୍ରାଟ ଗୌଡା କହିଛନ୍ତି। ତେବେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ଓ ଜବତ ମୋବାଇଲ ଫୋନ ଯାଞ୍ଚ ପରେ ବହୁ ତଥ୍ୟ ପଦାକୁ ଆସିବ। ବିଶେଷ କରି ବଡସାହି ଥାନା ପାଉଁଶିଆ ଗ୍ରାମର ଗୁରୁପ୍ରସାଦ ପାତ୍ରଙ୍କ ମୋବାଇଲ ଯାଞ୍ଚ ପରେ ବହୁ ତଥ୍ୟ ପଦାକୁ ଆସିବ ବୋଲି ସମସ୍ତେ ଆଶା ରଖିଛନ୍ତି। କାରଣ ସେ ରଖିଥିବା ବାଘଛାଲ ୨ଟି ବହୁ ପୁରାତନ। ବାଘଛାଲ ଉପରେ ବସି ସେ ତନ୍ତ୍ର ସାଧନା କରନ୍ତି। ଧନପ୍ରାପ୍ତି, ମନବାଞ୍ଛା ପୂରଣ ଆଦି ସମ୍ପର୍କିତ ପୂଜାପାଠ କରୁଥିବା ନେଇ ପ୍ରାରମ୍ଭିକ ତଦନ୍ତରୁ ବନବିଭାଗ ଜାଣିବାକୁ ପାଇଛି। ଗୁରୁପ୍ରସାଦ ଜଣେ ଗାଡି ଚାଳକ। ତାଙ୍କର ବୋଲେରୋ ଓ ଏକ କାର ମଧ୍ୟ ଭଡାରେ ଲାଗେ। କୋଭିଡ ପୂର୍ବରୁ ବାହାର ଜିଲ୍ଲାର ତାନ୍ତ୍ରିକ ତାଙ୍କ ଘରକୁ ଆସୁଥିବା ନେଇ ଗ୍ରାମବାସୀ ପ୍ରକାଶ କରିଥିଲେ ହେଁ, ଲକଡାଉନ ପରଠାରୁ ଆଉ ସେମାନେ ଆସି ନ ଥିବା କହିଛନ୍ତି। ମାତ୍ର ସେବେଠାରୁ କେନ୍ଦୁଝର ଅଞ୍ଚଳର ଜନୈକା ୫୦ବର୍ଷର ମହିଳା ତାଙ୍କ ଘରେ ରହିଆସୁଛନ୍ତି। ବାଘଛାଲ ଜବତ ସମୟରେ ସେ ସାକ୍ଷୀଭାବେ ମଧ୍ୟ ସ୍ୱାକ୍ଷର କରିଛନ୍ତି। ୧୦ ବର୍ଷ ପୂର୍ବରୁ ଗୁରୁପ୍ରସାଦଙ୍କୁ ଛାଡି ତାଙ୍କ ପତ୍ନୀ ପୁଅକୁ ଧରି ବାପଘର ବାରିପଦାରେ ରହୁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ବାଘ ଚମଡା କାରବାରରେ ତାଙ୍କର ସମ୍ପୃକ୍ତି ସମ୍ବନ୍ଧରେ ଗ୍ରାମବାସୀ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି; ମାତ୍ର ଜବତ ମୋବାଇଲରେ ତାନ୍ତ୍ରିକ ବିଦ୍ୟା ସମ୍ବନ୍ଧୀୟ ବିବାଦୀୟ ଫଟୋ ଭିଡିଓ ଥିବା ଆଲୋଚନା ଏବେ ଚର୍ଚ୍ଚାର ବିଷୟ ହୋଇଛି। ମୋବାଇଲ ଯାଞ୍ଚ ପରେ ତଥ୍ୟ ହସ୍ତଗତ ହେଲେ ଘଟଣାର ତଦନ୍ତ ପୁଲିସ ନିକଟକୁ ଯିବ। ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ କହିବାନୁଯାୟୀ, ବନବିଭାଗ ପକ୍ଷରୁ ପୁଲିସ ତଦନ୍ତ ପାଇଁ ସୁପାରିସ କଲେ ଘଟଣାର ତଦନ୍ତ ଆରମ୍ଭ ହେବ ବୋଲି କହିଛନ୍ତି।

# ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ଉନ୍ନୟନ ସମିତି ବୈଠକ





**ବାରିପଦା, ୧୮ ।୭ (ସମିସ):** ଶୁକ୍ରବାର ଶାମାଖୁଣ୍ଟା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ମଣ୍ଡଳୀ ଉନ୍ନୟନ ସମିତିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ସିଡିଏମଓ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ବାରିପଦା ପିଏଆଇଟିଡିଏ ପ୍ରଣୟ ବେହେରା ସମେତ ଜିଲ୍ଲାସ୍ତରୀୟ ଓ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ଲକ/ତହସିଲସ୍ତରୀୟ ଅଧିକାରୀ ଅଂଶ ଗ୍ରହଣ କରିଥିଲେ। ସମସ୍ତେ ନିଜ ନିଜ କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କରିବା ଦ୍ୱାରା ଲୋକମାନେ ଯୋଜନାର ସୁଫଳ ପାଇପାରିବେ ବୋଲି ବିଧାୟିକା କହିଥିଲେ। ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଓ ଯୋଜନାର ସ୍ଥିତି, ଅଗ୍ରଗତି ଓ ଉପଲବ୍ଧି ଉପରେ ବିଧାୟିକା ସମୀକ୍ଷା କରିଥିଲେ। ମୁଖ୍ୟତଃ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ମେଗା ଉଠା ଜଳସେଚନ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ସ୍ୱାସ୍ଥ୍ୟ, ଆଇନ ଶୃଙ୍ଖଳା, ଭୂମି ହୀନଙ୍କୁ ଜମି ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ସମୀକ୍ଷା କରିଥିଲେ। ସେହିପରି ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ବିଦ୍ୟୁତ ଯୋଗାଣ, ଗ୍ରାମ୍ୟ ଜଳ ଯୋଗାଣ, ଗମନାଗମନ ଆଦି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ଯଦି କିଛି ପ୍ରତିବନ୍ଧକ ଥାଏ ତେବେ ଏହାର ସମାଧାନ ପାଇଁ ପ୍ରସ୍ତାବ ଦେଲେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଲୋକଙ୍କ ଜୀବନ ଜୀବିକା ଉନ୍ନତି ପାଇଁ କିଛି ନୂତନ ପ୍ରସ୍ତାବ ଦେବା ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଯେଉଁ ପ୍ରକଳ୍ପ କାର୍ଯ୍ୟ ଚାଲିଛି ସେଥିରେ ଯଦି ନିମ୍ନମାନର ହୋଇଥିବା ନଜରକୁ ଆସୁଛି ତେବେ ତୁରନ୍ତ ସମ୍ପୃକ୍ତ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ବିଧାୟିକା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଛାତ୍ରୀଙ୍କୁ ନ୍ୟାୟ ଦେବାରେ ରାଜ୍ୟ ସରକାର ବିଫଳ; ଜେଏମ୍‌ଏମ୍‌ର ଧାରଣା

**ବାରିପଦା, ୧୮ ।୭ (ସମିସ):** ବାଲେଶ୍ୱର ଏଫଏମ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ନେଇ ସାରା ରାଜ୍ୟ ସ୍ତବ୍ଧ ହୋଇଯାଇଛି । ତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଧାରଣା ଦିଆଯାଇଛି। ଶୁକ୍ରବାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଦାରୋଗାଡାହି ଗୋଲେଇ ସ୍ଥିତ ସମ୍ବିଧାନ ପ୍ରଣେତା ଡ଼ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ଦଳ ଧାରଣା ଦେଇଥିଲା। ପ୍ରକାଶ ଥାଉକି ଛାତ୍ରୀ ଜଣଙ୍କ ବିଭାଗୀୟ ମୁଖ୍ୟ ସମୀର କୁମାର ସାହୁଙ୍କ ନିର୍ଯ୍ୟାତନାରୁ ନ୍ୟାୟ ପାଇବା ପାଇଁ ସଂଘର୍ଷ କରୁଥିଲେ । କିନ୍ତୁ ନ୍ୟାୟ ପାଇବା ବଦଳରେ ମାନସିକ ନିର୍ଯ୍ୟାତନା ସହିନପାରି ଆତ୍ମାହୁତି ଦେବାକୁ ନିଷ୍ପତ୍ତି ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଜୁଲାଇ ୧୪ ତାରିଖ ରାତିରେ ତାଙ୍କର ମୃତ୍ୟୁ ଘଟିଛି; ଯାହାକି ଏକ ଦୁଃଖଦ ଘଟଣା। ଛାତ୍ରୀ ଜଣକୁ ନ୍ୟାୟ ଦେବାରେ ଡବଲ ଇଞ୍ଜିନ ସରକାର ବିଫଳ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାସ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସମାଲୋଚନା କରି କହିଛନ୍ତି। ଅପାରଗ ବିଜେପି ସରକାର ଛାତ୍ରୀ ଜଣକୁ ମୃତ୍ୟୁ ମୁଖ୍ୟକୁ ଠେଲି ଦେଲା ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ଏପରି ସମ୍ବେଦନଶୀଳ ଘଟଣାକୁ ନେଇ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ମହିଳା ଏବଂ ଛାତ୍ର ମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଘଟଣାରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ବାଲେଶ୍ୱର ସାଂସଦ ଏବଂ ବିଧାୟକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି। ନଚେତ ଆଗକୁ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଚେତାବନୀ ଦେଇଛନ୍ତି। ଧାରଣାରେ ଜିଲ୍ଲା ଉପସଭାପତି ରାଜା ହେମ୍ବ୍ରମ, ରାଜ୍ୟ ପରିଷଦ ସଦସ୍ୟ ସନାତନ ମୁର୍ମୁ, କେନ୍ଦ୍ରୀୟ କମିଟି ସଦସ୍ୟ ଦିବାକର ସୋରେନ, ଜିଲ୍ଲା ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ, ବାରିପଦା ନଗର ସଭାପତି ତରେନ ସେନାପତି, ସୁଜିତ ବେହରା, ସିପୁ ମୁଦଲି, ଗୋପବନ୍ଧୁନଗର ସଭାପତି ଚୈତନ୍ୟ ମୁର୍ମୁ, ଉଦଳା ବ୍ଲକ ଉପଦେଷ୍ଟା ଚନ୍ଦନ ପଣ୍ଡା, ରାସଗୋବିନ୍ଦପୁର ବ୍ଲକ ସଭାପତି ସୁକୁଲ ମାର୍ଣ୍ଡି, ଶ୍ୟାମାଖୁଣ୍ଟା ବ୍ଲକ ସଭାପତି ଗୌରଚନ୍ଦ୍ର ସିଂ, ବାରିପଦା ବ୍ଲକ ସଭାପତି ପାରାନ ସୋରେନ, ଶୁଳିଆପଦା ବ୍ଲକ ସଭାପତି ମନୋଜ ଦାନ, ମୋରଡା ବ୍ଲକ ସଭାପତି ହେମନ୍ତ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।





# ଦୁଷ୍କର୍ମକାରୀକୁ ୧୦ ବର୍ଷ କାରାଦଣ୍ଡାଦେଶ

**ବାରିପଦା, ୧୮ ।୭ (ସମିସ):** ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (୧) ଶୁକ୍ରବାର ଜନୈକା ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ଓ ସେ ଅନ୍ତସତ୍ତ୍ୱା ହେବା ମାମଲାର ରାୟ ପ୍ରକାଶ କରିଛନ୍ତି। ବିଚାରପତି ସତ୍ୟ ନାରାୟଣ ପାତ୍ର ମାମଲାର ବିଚାର କରି ଅଭିଯୁକ୍ତ ଜଣକୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷର କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହିତ ୫୦ହଜାର ଟଙ୍କାର ଜୋରିମାନା ଅନାଦେୟ ଅଧିକ ୬ମାସର କାରାଦଣ୍ଡ ଭୋଗିବାକୁ ଉଲ୍ଲେଖ କରିଛନ୍ତି । ଅପରପକ୍ଷରେ ପୀଡିତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସାମୀ ଜଣକ ହେଲେ ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମର ଦୁର୍ଯ୍ୟୋଧନ ମହାନ୍ତ ଓରଫ ଭୁଷୁ (୬୨)। ସୂଚନାଯୋଗ୍ୟ ଯେ, ଜନୈକା ଦିବ୍ୟାଙ୍ଗ ଯୁବତୀ ସହିତ ଦୁର୍ଯ୍ୟୋଧନ ସମ୍ପର୍କ ସୃଷ୍ଟି କରିଥିଲେ। ଏହାପରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାରୁ ଯୁବତୀ ଜଣଙ୍କ ଅନ୍ତସତ୍ତ୍ୱା ହୋଇଥିଲେ। ଏ ନେଇ ଗତ ୨୮.୧୨.୨୦୨୧ରେ ପରିବାର ଲୋକେ ଜାଣି ଡାକ୍ତରଙ୍କ ନିକଟରେ ଚିକିତ୍ସା ପରେ ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ପୀଡିତାଙ୍କ ଡାକ୍ତରୀ ମାଇନା କରିବା ସହ ବୟାନ ରେକର୍ଡ କରିଥିଲା । ପୁଲିସ ଘଟଣାର ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଉକ୍ତ ମାମଲାକୁ ଅତିରିକ୍ତ ସରକାରୀ ଆଇନଜୀବୀ ଏପିପି କୃଷ୍ଣଚନ୍ଦ୍ର ଦାସ ମାମଲାକୁ ପରିଚାଳନା କରୁଥିଲେ।

# ୫ଟି ଡିଷ୍ଟାନ୍ସ କୋର୍ସକୁ ୟୁଜିସିର ମଞ୍ଜୁରୀ

**ବାରିପଦା ୧୮ ।୭ (ସମିସ):** ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୫ଟି ଡିଷ୍ଟାନ୍ସ୍ କୋର୍ସକୁ ୟୁଜିସି ପକ୍ଷରୁ ମଞ୍ଜୁରୀ ମିଳିଛି। ଏ ନେଇ ୟୁଜିସିର ଏକ ଇମେଲ୍ ବିଶ୍ୱବିଦ୍ୟାଳୟକୁ ହସ୍ତଗତ ହୋଇଛି । ଓଡ଼ିଆ, ସଂସ୍କୃତ, ଇଂରାଜୀ, ଅର୍ଥନୀତି ଓ ସାମାଜିକ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଏହି ମଞ୍ଜୁରୀ ମିଳିଛି । ସୂଚନାଯୋଗ୍ୟ ଯେ, ୨୦୧୯ ପରଠୁ ବିଶ୍ୱବିଦ୍ୟାଳୟରେ ଡିଷ୍ଟାନ୍ସ୍ କୋର୍ସ ଚାଲି ନ ଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନିରନ୍ତର ଉଦ୍ୟମ ଯୋଗୁଁ ଦୀର୍ଘ ବର୍ଷର ପ୍ରୟାସ ପରେ ବିଶ୍ୱବିଦ୍ୟାଳୟକୁ ୟୁଜିସିର ମଞ୍ଜୁରୀ ମିଳିଛି । ଜୁଲାଇ-ଅଗଷ୍ଟ ୨୦୨୫ରୁ ଏଥିନିମନ୍ତେ ଆଡ୍‌ମିଶନ ଆରମ୍ଭ ହେବ ବୋଲି ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଡିଷ୍ଟାନ୍ସ୍ ଆଣ୍ଡ ଅନ୍‌ଲାଇନ ଏଜୁକେସନ୍‌ର ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ କୁମାର ନାୟକ ଜଣାଇଛନ୍ତି । ଏହି ଖବର ପାଇବା ଜଣାପଡ଼ିବା ପରେ ବିଶ୍ୱବିଦ୍ୟାଳୟରେ ଆନନ୍ଦର ଲହରୀ ଖେଳିଯାଇଛି ।

## ଜୁବୁଲି ଲାଇବ୍ରେରୀ ପରିଦର୍ଶନରେ ଖଡଗପୁର ଆଇଆଇଟି ବିଶେଷଜ୍ଞ ଟିମ୍

# ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ ଡିପିଆର ପ୍ରସ୍ତୁତି

ବାରିପଦା, ୧୮ ।୭ (ସମିସ)



ବାରିପଦା ସହରର ମଧ୍ୟସ୍ଥଳରେ ଅବସ୍ଥିତ ତଥା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ପ୍ରଚେଷ୍ଟାରେ ୧୮୯୮ରେ ପ୍ରତିଷ୍ଠିତ ଓଡ଼ିଶାର ଅନ୍ୟତମ ସର୍ବପୁରାତନ ଶ୍ରୀରାମଚନ୍ଦ୍ର ପାଠାଗାର (ଜୁବୁଲି ଲାଇବ୍ରେରୀ) ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ ଶୁକ୍ରବାର ଥ୍ରିଡି ଲେଜର ସ୍କାନିଂ ଜରିଆରେ ଡିପିଆର ପ୍ରସ୍ତୁତି ଆରମ୍ଭ ହୋଇଛି । ସମ୍ପ୍ରତି ଏହି ଲାଇବ୍ରେରୀ ବିପଦସଙ୍କୁଳ ଅବସ୍ଥାରେ ଥିବାବେଳେ ଗତ ଜାନୁଆରୀ ୨୮ ତାରିଖରେ ଖଡଗପୁର ଆଇଆଇଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. ଦାମୋଦର ଆଚାର୍ଯ୍ୟ ଓ ଜାତୀୟ ସ୍ମାରକୀ ପ୍ରାଧିକରଣର ଅଧ୍ୟକ୍ଷ ଡ. କିଶୋର କୁମାର ବସା, ଆମେରିକା ସ୍ଥିତ ଓଡ଼ିଶା ସମାଜର ଡ. ଅଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ପରିଦର୍ଶନ ପୂର୍ବକ ନିଷ୍ପତ୍ତି ଅନୁଯାୟୀ ଫେବୃଆରୀ ୧୮ ତାରିଖରେ ଖଡଗପୁର ଆଇଆଇଟିର ଏକ ୪ ଜଣିଆ ଟିମ ଅନୁଧ୍ୟାନରେ ଆସିଥିଲେ। ଏହି ଟିମ୍ ପାଠାଗାର ପରିସର ତଥା ୧୨୫ ବର୍ଷ ତଳେ ୟୁରୋପ ପ୍ରାଚୀନ କଳା ସ୍ଥାପତ୍ୟ ଶୈଳୀରେ (ଗୋଥିକ୍) ନିର୍ମିତ ହୋଇଥିବା ବିଶାଳ ଅଟ୍ଟାଳିକାର ପରିଦର୍ଶନ କରିଥିଲେ। ଏହାର ମୃତ୍ତିକା ପରୀକ୍ଷା ସହ ବ୍ୟବହୃତ ହୋଇଥିବା ଚୂନପଥର, ଇସ୍ପାତ ଓ ଅଟ୍ଟାଳିକାର ସୁଦୃଢ ସମ୍ପର୍କିତ ସ୍ଥିତି ପରଖିଥିଲେ । ଏ ନେଇ ଆଗାମୀ ଦିନରେ ଇଂଜିନିୟରିଂ ଆଧାରରେ ପରୀକ୍ଷା କରିବାର ଆବଶ୍ୟକତା ଦର୍ଶାଇଥିଲେ। ଏ ସମ୍ପର୍କରେ ବୈଷୟିକ ଟିମ୍ ଆଗାମୀ ୭ ଦିନ ମଧ୍ୟରେ ପ୍ରାଥମିକ ରିପୋର୍ଟ ପ୍ରଦାନ କରିବା ସହ ସ୍ୱଳ୍ପ ଓ ଦୀର୍ଘ ମିଆଦୀ ଆଧାରରେ ସଂରକ୍ଷଣ ଓ ପୁନରୁଦ୍ଧାର ନିମନ୍ତେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ପାଇଁ ସୂଚନା ଦେଇଥିଲେ। ଏହାପରେ ମାର୍ଚ୍ଚ ୬ ତାରିଖରେ ଖଡଗପୁର ଆଇଆଇଟି ସ୍ଥିତ ସେଣ୍ଟ୍ରାଲ ଲାଇବ୍ରେରୀର ଏକ ୩ ଜଣିଆ ପର୍ଯ୍ୟବେକ୍ଷକ ଦଳ ପହଞ୍ଚି ଅନୁଧ୍ୟାନ କରି ଫେରିଥିଲେ। ପାଠାଗାରରେ ଉପଲବ୍ଧ ବହୁ ମୂଲ୍ୟବାନ ଏବଂ ଦୁଷ୍ପ୍ରାପ୍ୟ ପୁସ୍ତକଗୁଡିକ ରକ୍ଷଣାବେକ୍ଷଣ ତଥା ଆଧୁନିକୀକରଣ ବ୍ୟବସ୍ଥା ସଂକ୍ରାନ୍ତରେ ପର୍ଯ୍ୟାଲୋଚନା ଏବଂ ସହାୟତା ନିମନ୍ତେ ସେମାନଙ୍କ ସହିତ ପାଠାଗାର କମିଟି ପକ୍ଷରୁ ଯୋଗାଯୋଗ କରାଯାଇଥିଲା। ଏହି କ୍ରମରେ ଶୁକ୍ରବାର ଖଡ଼ଗପୁର ଆଇଆଇଟିର ଆର୍କିଟେକ୍ଟ ପ୍ଲାନିଂ ବିଭାଗର ଏକ ବିଶେଷଜ୍ଞ ଦଳ ଲାଇବ୍ରେରୀ ପରିଦର୍ଶନରେ ଆସି ପୁନରୁଦ୍ଧାର କାର୍ଯ୍ୟର ଡିପିଆର ପ୍ରସ୍ତୁତି ସମ୍ବନ୍ଧିତ ବିଶେଷ ସର୍ବେକ୍ଷଣ କାର୍ଯ୍ୟ ଥ୍ରିଡି ଲେଜର ସ୍କାନିଂ ମାଧ୍ୟମରେ କରିଛନ୍ତି। ଏହି କାର୍ଯ୍ୟରେ ଲାଇବ୍ରେରୀର ପରିଚାଳନା ପରିଷଦର ସଭାପତି ଜୟନ୍ତ ପାଲ, କାର୍ଯ୍ୟକାରୀ ସମ୍ପାଦକ ଅଶୋକ ବେହେରା, ବରିଷ୍ଠ ସଦସ୍ୟ ପ୍ରଦୀପ ଲେଙ୍କା, ଆଶିଷ ମହାନ୍ତି, ବିଜୟ ମହାପାତ୍ର, ବଳଦେବ ଶତପଥୀ ଓ ଲାଇବ୍ରେରିଆନ୍ କନିକା ସେନାପତି, ପ୍ରଦୀପ କୁମାର ମିସ୍ତ୍ରୀ ଓ ମନୋଜ କୁଅଁର ପ୍ରମୁଖ ସହଯୋଗ କରିଥିଲେ।

# ଏମ୍‌ସିଏମ୍‌ରେ ଶ୍ରଦ୍ଧାଞ୍ଜଳି ସଭା



**ବାରିପଦା, ୧୮ ।୭ (ସମିସ):** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏମ୍)ର ଜାତୀୟ ସେବା ଯୋଜନା ୟୁନିଟ ଦ୍ୱାରା ଶୁକ୍ରବାର ଦିବଂଗତ ଏଫଏମ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ପୌରୋହିତ୍ୟ କରିଥିଲେ। ଛାତ୍ରୀଙ୍କ ଆତ୍ମାହୁତି ଘଟଣା ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଭିଭାବକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ଅଧ୍ୟକ୍ଷ ଶ୍ରୀ ନାୟକ ଛାତ୍ରଛାତ୍ରୀଙ୍କ ଧୈର୍ଯ୍ୟର ସହ ନିଜର ଅସୁବିଧାକୁ ବିନାଦ୍ୱିଧାରେ ମହାବିଦ୍ୟାଳୟ ପ୍ରଶାସନ ପାଖରେ ଜଣାଇବାକୁ ଅନୁରୋଧ କରିଥିଲେ। ମହାବିଦ୍ୟାଳୟରେ ଏକ ଆନ୍ତରୀଣ ଅଭିଯୋଗ କମିଟି ଗଠନ କରାଯାଇଥିବା କଥା ଜଣାଇବା ସହ ଅଭିଯୋଗ ବାକ୍ସରେ ନିଜର ଅଭିଯୋଗ ଲେଖି ପକାଇବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ସଂଘମିତ୍ରା ରାଉତ, ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା, ଡ ଜିତେନ୍ଦ୍ର କୁମାର ଦାସ, ସମ୍ବିତ କୁମାର ମିଶ୍ର, ଡ଼ ଠାକୁରା ମାରାଣ୍ଡି, ଅଧ୍ୟାପିକା ସୁଜାତା ପାଲ, ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ମହର୍ଷି ଇଣ୍ଟରନ୍ୟାସନଲ ପବ୍ଲିକ ସ୍କୁଲର କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ଅଧ୍ୟାପିକା କିରଣବାଳା ବାସ୍କେ ଧନ୍ୟବାଦ ଅର୍ପଣ କରିଥିଲେ।

● ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ଡାକ୍ତରଙ୍କ ବଦଳିକୁ ନେଇ ତେଜୁଛି ଅସନ୍ତୋଷ

ମହୁଲଡିହା, ୧୮।୭(ସମିସ): ଠାକୁରମୁଣ୍ଡା ବ୍ଲକ ଏକ ପାହାଡ଼ ପର୍ବତ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ଅଞ୍ଚଳରେ ମେଲେରିଆର ନାହିଁ ନ ଥିବା ପ୍ରକୋପ। ଗତ ୪ ମାସରେ ମେଲେରିଆରେ ପୀଡିତ ହୋଇ ବହୁ ଲୋକ ଚିକିତ୍ସିତ ହୋଇଛନ୍ତି। ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବ୍ଲକର ୧୮ଟି ଗ୍ରାମ ପଞ୍ଚାୟତ ସମେତ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ମନୋହରପୁର, ପଣସଡିହା, ଗୟଲମୁଣ୍ଡା ଓ ବୁଢିକୁଦ ପଞ୍ଚାୟତବାସୀ ନିର୍ଭରଶୀଳ। ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର



ଗିରୀଶ ଚନ୍ଦ୍ର ଅଧିକାରୀ ରୋଗୀଙ୍କ ସେବା କରୁଛନ୍ତି। ସେ ଜଣେ ଆୟୁଷ ଡାକ୍ତର। ଡଃ ଅଧିକାରୀ ଉପଯୁକ୍ତ ସେବା ଯୋଗାଉଥିବାରୁ କୌଣସି କାରଣ ଦର୍ଶାଇ ତାଙ୍କୁ ବାରମ୍ବାର ବଦଳି କରାଯାଏ। ପୁଣି ଲୋକଙ୍କ ଚାପରେ ଠାକୁରମୁଣ୍ଡାକୁ ଅଣାଯାଏ। ସେ ଚୁକ୍ତିଭିତ୍ତିକ ଚାକିରିରେ ଥିବା ସତ୍ତ୍ୱେ ତାଙ୍କୁ ବେଆଇନ ଭାବେ ବଦଳି କରାଯାଇଥାଏ। ପ୍ରଶାସନର ଏଭଳି ଅଦୂରଦର୍ଶୀ ନିଷ୍ପତ୍ତି ଫଳରେ ରୋଗୀ ହନ୍ତସନ୍ତ ହେଉଛନ୍ତି। ଗତ ୯ ତାରିଖରେ ଡାକ୍ତର ଅଧିକାରୀଙ୍କ ବଦଳି ପରେ ଲୋକେ ସେବା ନ ପାଇ ଡାକ୍ତରଖାନାରୁ ନିରାଶରେ ଫେରୁଛନ୍ତି। ସରକାରଙ୍କ ଉପରେ ଲୋକଙ୍କ ଆକ୍ରୋଶ ମଧ ବଢ଼ିବାକୁ ଲାଗିଛି। ଏବେ ତାଙ୍କ ବଦଳି ହୋଇଥିବାରୁ ଠାକୁରମୁଣ୍ଡା ଡାକ୍ତରଖାନାକୁ ରୋଗୀ ଆସିବା ନିୟମିତ କମିବାରେ ଲାଗିଛି। ଯେଉଁଠି ଦୈନିକ ୩୦ରୁ ୪୦ ରୋଗୀ ଆସୁଥିଲେ ଏବେ ୧୦କୁ ହ୍ରାସ ପାଇଛି। ଅନ୍ୟପକ୍ଷରେ ଏଠାରୁ ଅନ୍ୟ ଡାକ୍ତରଖାନାକୁ ରୋଗୀଙ୍କୁ ସ୍ଥାନାନ୍ତର ସଂଖ୍ୟା ବଢ଼ିଛି। କେବଳ ମେଡିକାଲ ଅଫିସରଙ୍କୁ ଛାଡିଦେଲେ ଅନ୍ୟ ଡାକ୍ତର ନୂଆ ଚାକରି ଆରମ୍ଭ କରିଛନ୍ତି। ଅଭିଜ୍ଞତାର ଅଭାବ ହେତୁ ଏହି ଡାକ୍ତରଖାନାରୁ ରୋଗୀ ମୁହଁ ମୋଡିଲେଣି। ତେବେ ସିଡିଏମଓଙ୍କ ଏଭଳି ନିଷ୍ପତ୍ତିକୁ ନେଇ ଠାକୁରମୁଣ୍ଡାରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଆଗକୁ ପରିସ୍ଥିତି ଭିନ୍ନ ମୋଡ଼ ନେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ସବୁ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଲାଣି। ପ୍ରଶାସନ ତୁରନ୍ତ ଡଃ ଅଧିକାରୀଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ନ କରାଗଲେ ନିଶ୍ଚିତ ଏକ ବଡ଼ ଧରଣର ଜନଆନ୍ଦୋଳନ ହେବ ଏଥିରେ ସନ୍ଦେହ ନାହିଁ।

## ୫ ନୂତନ ସିଆରସିସିଙ୍କ ଦାୟିତ୍ୱ ଗ୍ରହଣ



ରାଇରଙ୍ଗପୁର, ୧୮।୭(ସମିସ): ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ୫ ଜଣ ନୂତନ ସିଆରସିସି ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ଲକରେ ୧୨ଟି କ୍ଲଷ୍ଟରରୁ ୫ଟିର ସିଆରସିସିଙ୍କୁ ନୂତନ ଦାୟିତ୍ୱ ଦିଆଯାଇଛି। ସେମାନେ ହେଲେ ମୂଷାବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟରରେ ଅନୁପ ଗୁପ୍ତା, ବଡବାଇକଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟର ଦାୟିତ୍ୱରେ ମୃତ୍ୟୁଞ୍ଜୟ ମହାନ୍ତ, ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ଲଷ୍ଟର ଭାବେ ଶଶାଙ୍କ ପଟ୍ଟନାୟକ, ଦୁବୁଲାବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ଲଷ୍ଟରରେ ଧନଞ୍ଜୟ ରାମ ଏବଂ ଗୁହାଳଡାଙ୍ଗିରୀ କ୍ଲଷ୍ଟରରେ ରଶ୍ମିରଞ୍ଜନ ନିଯୁକ୍ତି ପାଇଛନ୍ତି। ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବିଇଓ ଘନଶ୍ୟାମ ମୁର୍ମୁ, ଏବିଇଓ କାର୍ତ୍ତିକ ଚନ୍ଦ୍ର ବରୁଆ, ଏବିଇଓ ହେମ ମାଝୀ ପ୍ରମୁଖ ନବ ନିଯୁକ୍ତ ସିଆରସିସିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବିଦ୍ୟାଳୟର ଶୈକ୍ଷିକ ପରିବେଶ, ମଧ୍ୟାହ୍ନ ଭୋଜନ, ଛାତ୍ର-ଅଭିଭାବକ ଏବଂ ଶିକ୍ଷକଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଉପରେ ଗୁରୁତ୍ୱ ଦେବେ ବୋଲି ନୂତନ ସିଆରସିସିମାନେ କହିଛନ୍ତି।

ଉଦଳାକୁ ପୌର ପରିଷଦର ମାନ୍ୟତା ପାଇଁ ରାଜନୈତିକ ଦଳର ନାହିଁ ଆନ୍ତରିକତା

# ୧୫ ବର୍ଷ ହେଲା ବିଜେପି ହାତରେ କ୍ଷମତା; ବିକାଶ ଶୂନ

ଉଦଳା, ୧୮।୭(ସମିସ): ଉଦଳା ଏନଏସିକୁ ପୌରପରିଷଦ ମାନ୍ୟତା ନ ମିଳିବା ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ସହରୀ ଭୋଟର ଗତ ସାଧାରଣ ନିର୍ବାଚନରେ ଏହି ପ୍ରସଙ୍ଗକୁ ନିର୍ବାଚନୀ ପ୍ରସଙ୍ଗ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ତାହା ଦବି ଯାଇଥିଲା। ଫଳରେ ନିର୍ବାଚନରେ ଏହା ପ୍ରସଙ୍ଗ ହୋଇପାରିଲାନାହିଁ। ଗତ ୧୯୭୩ ମସିହାରେ ଉଦଳା ଏନଏସି ଗଠନ ହୋଇଥିଲା। ଇତିମଧ୍ୟରେ ୫୨ ବର୍ଷ ବିତିଯାଇଥିଲେ ହେଁ ଏବେ ବି ପୁରୁଣା କାଳିଆ ବଜାର ସ୍ଥିତିରେ ସହର ଅବହେଳିତ ଅବସ୍ଥାରେ ରହିଛି। ସହରବାସୀ ରାଜନୈତିକ ଇଚ୍ଛାଶକ୍ତି ଓ ବିକାଶର ଦୂରଦୃଷ୍ଟି ଅଭାବରୁ ଆଜିଯାଏ ଏହି ସହରକୁ ପୌରପରିଷଦ ମାନ୍ୟତା ମିଳିନାହିଁ। ଏ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଉଦଳା ଏନଏସି ଗଠନ ହେବା ପରଠାରୁ କଂଗ୍ରେସ ୩, ବିଜେଡି ୨ଥର ଏବଂ ବିଜେପି ୩ ଥର ଶାସନ ହାତେଇଛି। ତେବେ ସହରର ମୁଖ୍ୟ ସମସ୍ୟା ହେଉଛି ରାସ୍ତାଘାଟ, ଜଳ ନିଷ୍କାସନ ବ୍ୟବସ୍ଥା, ପାନୀୟ ଜଳ, ବିସ୍ଥାପିତ ବ୍ୟବସାୟୀଙ୍କୁ ଥଇଥାନ। ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା ସହରର ମୁଖ୍ୟ ପ୍ରସଙ୍ଗ ହୋଇ ଏବେ ବି ରହିଛି। ଶିମିଳିପାଳର ପୂର୍ବ ପାଦଦେଶରେ ଥିବା ଏହି ଛୋଟ




ସହରର ନବକଳେବର ହେବା ନେଇ ବିଧାୟକ, ସାଂସଦ, ନଗରପାଳ କି ଲୋକ ପ୍ରତିନିଧିଙ୍କ ନିକଟରେ ଉତ୍ତର ନାହିଁ। କୌଣସି ରାଜନୈତିକ ଦଳ ପାଖରେ ମଧ୍ୟ କିଛି ଯୋଜନା ନ ଥିବା ପରି ମନେ ହେଉଛି। କେବଳ ଉଦଳାର ବିକାଶ ନେଇ ଗୋଲାପୀ ଚିତ୍ର ଦେଖାଇ ନିର୍ବାଚନ ସମୟରେ ଭୋଟ ହାତେଇବା ମୁଖ୍ୟ ଲକ୍ଷ୍ୟ। ଦୀର୍ଘ ୨୧ ବର୍ଷ ଧରି ପ୍ରମୁଖ ରାଜନୈତିକ ଦଳଗୁଡିକ କେବଳ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ବାସ୍ତବ ଚିତ୍ର ଓଲଟା। ସହରର ବାସ୍ତବ ବିକାଶ ନେଇ ଥିବା ଦାବି ମଧ୍ୟରେ ପ୍ରବେଶ ପଥରେ ପରିଚୟ ଫଳକ, ବାଇପାସ ରୋଡ ନିର୍ମାଣ, ମାଷ୍ଟର ଡ୍ରେନ ନିର୍ମାଣ, ଟାଉନ ପ୍ଲାନିଂ କରିଆରେ ଉଦଳା ସହରର ଆଧୁନିକୀକରଣ, ଆଧୁନିକ ଟ୍ରାଫିକ ବ୍ୟବସ୍ଥା, ଶିଶୁ ଉଦ୍ୟାନ ସାଙ୍ଗକୁ ସହରବାସୀଙ୍କ ମନୋରଞ୍ଜନ ପାଇଁ ପାର୍କ, ପାନୀୟ ଜଳର ସୁବ୍ୟବସ୍ଥା, ଷ୍ଟାଡିୟମ ପାଇଁ ସ୍ଥାନ, ସହରର ଆଲୋକ ବ୍ୟବସ୍ଥା, ଆଧୁନିକ ବସ ଟର୍ମିନାଲ ନିର୍ମାଣ, ଶବଦାହ କେନ୍ଦ୍ର ସ୍ଥାପନା ଆଦି ରହିଛି। ବିଭିନ୍ନ ରାଜନୈତିକ ଦଳଗୁଡିକ କେବଳ ନିର୍ବାଚନ ଆସିଲେ ମିଛ ପ୍ରତିଶ୍ରୁତି ଦେଇ ଆଶା ସୃଷ୍ଟି କରନ୍ତି; କିନ୍ତୁ ନିର୍ବାଚନ ପରେ ଆଉ ମନେ ପଡେନାହିଁ। ନଗରପାଳ ମଧ୍ୟ ଦଳୀୟ କାର୍ଯ୍ୟକୁ ଗୁରୁତ୍ୱ ଦେଇ ଉଦଳାର ବିକାଶକୁ ଉପେକ୍ଷା କରୁଥିବା ସ୍ପଷ୍ଟ ଜଣାପଡୁଛି। ଏବେ କେବଳ ଠିକାଦାରୀ ତୁଷ୍ଟିକରଣରେ ସହରର ବିକାଶ ଚାଲିଛି। ରାଜନୈତିକ ଦଳ ମଧ୍ୟରେ ଆନ୍ତରିକତା ଓ ସମନ୍ୱୟର ଅଭାବରୁ ୫୦ ବର୍ଷ ପରେ ବି ଉଦଳାକୁ ପୌରପରିଷଦ ମାନ୍ୟତା ମିଳିପାରିନାହିଁ। ଏବେ ଡବଲ ଇଞ୍ଜିନ ସରକାର ଥିବା କହୁଥିଲେ ହେଁ ଉଦଳାରେ ଟ୍ରିପଲ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ଉଦଳାର ବିକାଶଧାରା କୋମାକୁ ଯିବା ଚିନ୍ତାର ବିଷୟ ବୋଲି ବୁଦ୍ଧିଜୀବି ମହଲରେ କ୍ଷୋଭ ପ୍ରକାଶ ପାଇଛି।

ସର୍ବପୁରାତନ ଶରତ ସରକାରୀ ଉଚ୍ଚ ବିଦ୍ୟାଳୟ

## ଗଣିତ ଶିକ୍ଷକ ନିଯୁକ୍ତି ଦାବିକଲା ଶରତ ବିକାଶ ମଞ୍ଚ

ଶରତ, ୧୮।୭(ସମିସ): ମୟୂରଭଞ୍ଜ ଜିଲ୍ଲାର ସମ୍ପୂର୍ଣ୍ଣ ଆଦିବାସୀ ବହୁଳ ଅଞ୍ଚଳ ଶରତଠାରେ ୧୯୫୮ ମସିହାରେ ଶରତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ଅଞ୍ଚଳବାସୀଙ୍କୁ ଶିକ୍ଷାର ଆଲୋକ ବାଣ୍ଟି ଚାଲିଛି। ଏହି ଶିକ୍ଷାନୁଷ୍ଠାନ ଶରତ ଅଞ୍ଚଳର ସର୍ବପୁରାତନ। ବିଶେଷ ଭାବେ ନିରକ୍ଷର ଆଦିବାସୀଙ୍କ ସାମାଜିକ ଏବଂ ଶିକ୍ଷାଗତ ଜୀବନରେ ଉନ୍ନତି ଆଣିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିର୍ବାହ କରିଛି ଏହି ଶିକ୍ଷାନୁଷ୍ଠାନ। ବିଦ୍ୟାଳୟର ତିନି ଜଣ ପ୍ରତିଭା ୟୁପିଏସସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ହୋଇଛନ୍ତି। ସେହିପରି ୨୦୦୩ ମସିହା ମାଟ୍ରିକ ବ୍ୟାଚ ଛାତ୍ର ଆଶିଷ ପଣ୍ଡା ୨୦୧୪ ମସିହାରେ ୟୁପିଏସସି ପାସ କରି ନୂଆଦିଲ୍ଲୀରେ କାର୍ଯ୍ୟରତ। ସେହିପରି ସ୍କୁଲର ଛାତ୍ର ଦେବାଶିଷ ପଣ୍ଡା ଏବଂ ବିଶ୍ୱଜିତ ପଣ୍ଡା ମଧ୍ୟ ଏଠାରୁ ପାସ୍ ହୋଇ ପ୍ରଶାସନିକ ଅଧିକାରୀ ହୋଇପାରିଛନ୍ତି। ୨୦୧୧ ମସିହା ମାଟ୍ରିକ ବ୍ୟାଚ ଛାତ୍ର ନାରଣ ହେମ୍ବ୍ରମ ୨୦୨୦ ମସିହାରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିଲେ। ଏବେ ସେ ଶୁଳିଆପଦାରେ ତହସିଲଦାର ଭାବେ କାର୍ଯ୍ୟରତ। ୧୯୮୩ ମାଟ୍ରିକ ବ୍ୟାଚ ଛାତ୍ର ରାମଲାଲ ଟିୟୁ ବର୍ତ୍ତମାନ




ମୟୂରଭଞ୍ଜ ଜିଲ୍ଲା ଜଳ ସେଚନ ବିଭାଜନ, ବାରିପଦାରେ ସହକାରୀ ନିର୍ବାହୀ ଯନ୍ତ୍ରୀଭାବେ ଅବସ୍ଥାପିତ ଅଛନ୍ତି। ବର୍ତ୍ତମାନ ଦଶମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ର ସିଙ୍ଗରାଏ ସିଂ ଗତବର୍ଷ ଜାମ୍ମୁ-କାଶ୍ମୀରରେ ଅନୁଷ୍ଠିତ ୧୭ ବର୍ଷରୁ କମ ଜାତୀୟ ଫୁଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଏହି ବିଦ୍ୟାଳୟ ସମଗ୍ର ଜିଲ୍ଲାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି; ହେଲେ ଏଠାରେ ସ୍ୱତନ୍ତ୍ର ଭାବେ ଟିଜିଟି ଗଣିତ ଶିକ୍ଷକ ନ ଥିବାରୁ ପଢ଼ାରେ ବ୍ୟାଘାତ ଘଟୁଛି। ଏବେ ଏହି ସ୍କୁଲରେ ୪୪୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ। ଗଣିତ ଶିକ୍ଷକ ନ ଥିବାରୁ ପ୍ରଧାନ ଶିକ୍ଷକ ବାର୍ଣ୍ଣାଡ ଏକ୍କା ବିଦ୍ୟାଳୟର ସମସ୍ତ ଦାୟିତ୍ୱ ତୁଲାଇବା ସହିତ ଦଶମ ଶ୍ରେଣୀ ପିଲାଙ୍କୁ ଗଣିତ ପଢ଼ାଉଛନ୍ତି। ତେଣୁ ଏହି ବିଦ୍ୟାଳୟରେ ତୁରନ୍ତ ଜଣେ ଗଣିତ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି। ଶିକ୍ଷା ବର୍ଷ ୨୦୨୪-୨୫ରେ ଅରବିନ୍ଦ ବେହେରାଙ୍କୁ ଗଣିତ ଶିକ୍ଷକଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିଯୁକ୍ତି ଦେଇଥିଲେ; ହେଲେ ନିଯୁକ୍ତି ହେବାର ୯୦ ଦିନ ଭିତରେ ତାଙ୍କର ପଦୋନ୍ନତି ହୋଇ ରରୁଆଁ ବ୍ଲକ ଅନ୍ତର୍ଗତ ଖିଚିଂ ଗ୍ରାମ ଟାଙ୍ଗିଆ ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ। ସେ ଯିବା ପରଠାରୁ ଆଉ କୌଣସି ସ୍ୱତନ୍ତ୍ର ଗଣିତ ଶିକ୍ଷକ ନିଯୁକ୍ତି ହୋଇନାହାନ୍ତି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଶରତ ବିକାଶ ମଞ୍ଚ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଘେରଉ କରାଯିବ ବୋଲି ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ ଚେତାବନୀ ଦେଇଛନ୍ତି।

## ବାଇକ ଦୁର୍ଘଟଣାରେ ଜଣେ ମୃତ; ଜଣେ ଗୁରୁତର

ମୋରଡା/ଶୁଳିଆପଦା, ୧୮।୭ (ସମିସ): ଶୁଳିଆପଦା ଥାନା ଅନ୍ତର୍ଗତ ଚକଚକିଆଠାରେ ଶୁକ୍ରବାର ଏକ ବାଇକ ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଝାରପୋଖରିଆ ଥାନା ଅଧୀନ ନୂହାମାଳିଆ ଗ୍ରାମର ବିପିନ ମୁର୍ମୁ। ବିପିନ ଏକ ବାଇକ ଯୋଗେ ଯମୁନା ମୁର୍ମୁଙ୍କ ସହିତ ମହାବିଲା ଡିଗ୍ରୀ ମହାବିଦ୍ୟାଳୟକୁ ଆସୁଥିବା ସମୟରେ ଚକଚକିଆଠାରେ ଭାରସ୍ୟାମ ହରାଇ ଏକ ଗଛକୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବିପିନଙ୍କ ମୃତ୍ୟୁ ଘଟିଥିବାବେଳେ ଯମୁନା ଗୁରୁତର ହୋଇଥିଲେ। ତାଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଚୋରା ମଦ ଜବତ; ୩ ଗିରଫ

ବହସାହି, ୧୮।୭(ସମିସ): ବଡସାହି ଥାନା ଆମ୍ବଡାଳି ଓ ବୈଶିଙ୍ଗା ଥାନା ଜଡିଦା ଗ୍ରାମରେ ଦେଶୀ ଓ ବିଦେଶୀ ମଦ ବେଆଇନ କାରବାର ହେଉଥିବା ଖବର ପାଇ ଅବକାରୀ ବିଭାଗ ଚଢଉ କରିଛି। ଫଳରେ ଦାନ୍ତୁଣୀ ଗ୍ରାମର ଜସୁ ବଗାଳ ଓ ଗିରି ବଗାଳ ଏବଂ ଜଡିଦା ଗ୍ରାମର ଲକ୍ଷ୍ମଣ ବେହେରାଙ୍କ ନିକଟରୁ ୫୫ ଲିଟର ଦେଶୀ ମଦ ଜବତ ହୋଇଛି। ପରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି ଅବକାରୀ ବିଭାଗ।

## ମୃତ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳିସଭା

ବାରିପଦା, ୧୮।୭(ସମିସ): ବାରିପଦା ଗାନ୍ଧୀ ମାର୍କେଟ ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ମୟୂରଭଞ୍ଜ ବ୍ୟୁଟି ସାମାଜିକ ଅନୁଷ୍ଠାନ ପକ୍ଷରୁ ନ୍ୟାୟରୁ ବଞ୍ଚିତ ଏଫଏମର ମୃତ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅଧ୍ୟକ୍ଷ




ରାକେଶ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଙ୍କ ଅମର ଆତ୍ମାର ସଦଗତି କାମନା କରି କାର୍ଯ୍ୟକର୍ତ୍ତା ମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ୨ ମିନିଟ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋକସଭାରେ ପ୍ରତିଷ୍ଠାତା ସଭାପତି ଦେବବ୍ରତ ଦେ, ଉପ ସଭାପତି ବିଶ୍ୱାସ ମହାନ୍ତି, ସାଧାରଣ ସମ୍ପାଦକ କୁମାର ରାକେଶ, ସୁବ୍ରତା କୁମାର ଦାସ, ହରେକୃଷ୍ଣ ପାତ୍ର, ସାଂସ୍କୃତିକ ସମ୍ପାଦିକା ଖୁସି କୁମାର, ରଞ୍ଜନ ବେହେରା, ମୋହିତ ଗିରି, ଏସକେ କରାମତ ଅଲି, ଏମଡି ନାଇମ୍ ଖାନ, ନରୁତ୍ତମ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଛାତ୍ରୀଙ୍କ ଅମର ଆତ୍ମାର ସଦଗତି କାମନା କରି ବାରିପଦାର ବସୁନ୍ଧରା ଫାଉଣ୍ଡେସନ ପକ୍ଷରୁ ମଧ୍ୟ ହରିହର ମନ୍ଦିରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଛାତ୍ରୀମାନଙ୍କ ଅଧିକାର, ସମ୍ମାନ ଓ ସୁରକ୍ଷା ଲାଗି ଅନ୍ତରୀଣ କମିଟି ଗଠନ କରି କମିଟିକୁ ୨୪ଘଣ୍ଟା ସରକାରୀ ବ୍ୟବସ୍ଥା ସହ ଅନଲାଇନ୍ ସଂଯୋଗ କରି ରଖିବାକୁ ଅନୁରୋଧ କରିଛନ୍ତି। ମହିଳା ଓ ଛାତ୍ରୀ ଶିକ୍ଷାନୁଷ୍ଠାନରେ ସୁରକ୍ଷିତ ଭାବରେ ରହିବାକୁ ସରକାର ଅଗ୍ରାଧିକାର ଦେବାକୁ ଦାବି ମଧ୍ୟ କରିଛନ୍ତି। ଶ୍ରଦ୍ଧାଞ୍ଜଳି ସଭାରେ ଅଧ୍ୟକ୍ଷା ଶୃତି ରାଉତରାୟ, ବରିଷ୍ଠ ସଦସ୍ୟା ତଥା ସମାଜସେବୀ ତାରାମଣି ମହାପାତ୍ର, ସକ୍ରିୟ ସଦସ୍ୟା ମଧୁସ୍ମିତା ଚୌଧୁରୀ, ଦିପ୍ତୀମୟୀ ଦାସ, ରେବତୀ ସିଂହ, ନିରୁପମା ସ୍ୱାଇଁ, ପୂଜା ବାରିକ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଛାତ୍ରୀଙ୍କୁ ନ୍ୟାୟ ଦାବିରେ ଜେଏମ୍ଏମ୍‌ର ଧାରଣା




ରାଇରଙ୍ଗପୁର, ୧୮।୭(ସମିସ): ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୂତି ନେଇ ସାରା ଓଡ଼ିଶା ଉଠୁଛି ପଡୁଛି। ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ ପ୍ରତିବାଦ ଜଣାଉଛନ୍ତି। ଶୁକ୍ରବାର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ତରଫରୁ ରାଇରଙ୍ଗପୁରସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଛକରେ ଜିଲ୍ଲା ଉପସଭାପତି ଘନଶ୍ୟାମ ପିଙ୍ଗୁଆଙ୍କ ନେତୃତ୍ୱରେ ମୃତ ଛାତ୍ରୀଙ୍କୁ ନ୍ୟାୟ ମିଳିବା ଦାବିରେ ଧାରଣା ଦିଆଯାଇଥିଲା। ଛାତ୍ରୀଙ୍କ ମୃତ୍ୟୁରେ ସାରା ଓଡ଼ିଶାବାସୀ ମର୍ମାହତ। ସମସ୍ତଙ୍କ ଉପରୁ ଭରସା ତୁଟିଲା ପରେ ସେ ନିଜେ ଅସହାୟ ଆତ୍ମହତ୍ୟାକୁ ବାଛି ନେଇଥିଲେ; ଯାହାକି ଅତ୍ୟନ୍ତ ଦୁଃଖଦାୟକ ଘଟଣା। ତାଙ୍କୁ ନ୍ୟାୟ ମିଳିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ଦାବି କରିଛି। ଏପରିକି ବାଲେଶ୍ୱର ବିଧାୟକ ମାନସ ଦତ୍ତ, ସାଂସଦ ପ୍ରତାପ ଷଡଙ୍ଗୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ଇସ୍ତଫା ଦାବି କରିଛନ୍ତି। ଧାରଣାରେ ଭୁବନ ଟୁଡୁ, ଛୋଟରାୟ ସୋରେନ, ଲକ୍ଷ୍ମଣ ମୁର୍ମୁ, ଶ୍ୟାମସୁନ୍ଦର ହାଁସଦା, ଚନ୍ଦ୍ର ପିଙ୍ଗୁଆ, ଟାକଲା ହାଁସଦା, ଜୁଝାର ମୁର୍ମୁ, ବାବୁଲା ମାର୍ଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।

ଅନ୍ତ୍ୟୋଦୟ ଗୃହ ନିର୍ମାଣ ଯୋଜନାରେ ବ୍ୟାପକ ଅବ୍ୟବସ୍ଥା

# ମିଳୁନି ଦ୍ୱିତୀୟ କିସ୍ତି; ଘରକରି ବାରଦୁଆର ହିତାଧିକାରୀ

ବଡସାହି, ୧୮।୭(ସମିସ): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ବ୍ୟାପକ ଗ୍ରାମୀଣ ଗୃହ ନିର୍ମାଣ ହେବ ବୋଲି ସରକାର ଯେଉଁ ଡିଣ୍ଡିମ ପିଟୁଥିଲେ, ତାହା ଏବେ ପ୍ରହସନ ପାଲଟିଛି। ପ୍ରତି ପଞ୍ଚାୟତରେ ବାସ କରୁଥିବା ବିଧବା, ଅସହାୟ, ଗୃହହୀନ ଓ ସ୍ୱାମୀ ପରିତ୍ୟକ୍ତାଙ୍କ ମଧ୍ୟରୁ ହାତଗଣତି ୩/୪ ଜଣ ହିତାଧିକାରୀଙ୍କୁ କେବଳ ଅନ୍ତ୍ୟୋଦୟ ଗୃହ ନିର୍ମାଣ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସେଥିରେ ମଧ୍ୟ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଗ୍ରହଣ କରାଯାଇ ନ ଥିବା ବେଳେ କେଉଁଠି ରାଜନୈତିକ ଉଦ୍ଦେଶ୍ୟ ତ କେଉଁଠି ପ୍ରିୟାପ୍ରୀତି ତୋଷଣ କରି ହିତାଧିକାରୀ ଚୟନ କରାଯାଇଛି। ଫଳରେ ପ୍ରକୃତ ହିତାଧିକାରୀ ବଞ୍ଚିତ ହୋଇଛନ୍ତି। ଟାର୍ଗେଟ ଅନୁସାରେ, ଏହି ଯୋଜନାରେ ବଡସାହି ବ୍ଲକରେ ଆଉ କିଛି ଘର ବଣ୍ଟନ ହେବାକୁ ଥିବା ବେଳେ ଅଦ୍ୟାବଧି ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପୂର୍ବରୁ ଏହି ଯୋଜନାରେ ୧ଲକ୍ଷ ୩୦ ହଜାର ଟଙ୍କାର ଅନୁଦାନ ଥିବାବେଳେ ଏବେ ଏହାକୁ କମାଇ ୧ ଲକ୍ଷ ୨୦ ହଜାର କରାଯାଇଛି। ଏହାବାଦ ମନରେଗା ଯୋଜନାରେ ଶ୍ରମିକ ମଜୁରୀ ବାବଦ ୨୫ ହଜାର ପାଖାପାଖି ଟଙ୍କା ମିଳିବ ବୋଲି ଜଣାଯାଇଛି। ଘର ନିର୍ମାଣ ପାଇଁ ଆବଶ୍ୟକୀୟ ସରଞ୍ଜାମର ଦର ଦିନକୁଦିନ ବଢୁଥିବା ବେଳେ ସରକାରଙ୍କ ୧୦ ହଜାର ଟଙ୍କା



କମ କରିବା ନିଷ୍ପତ୍ତି ହିତାଧିକାରୀଙ୍କୁ ବ୍ୟଥିତ କରିଛି। ଏହି ଯୋଜନାରେ କାର୍ଯ୍ୟାଦେଶ ଦିଆଯିବାର ୧ମାସରୁ ଊର୍ଦ୍ଧ୍ୱ ସମୟ ପରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ସେମାନଙ୍କ ଆକାଉଣ୍ଟକୁ ଯାଇଥିବାବେଳେ ଅଦ୍ୟାବଧି ଦ୍ୱିତୀୟ କିସ୍ତି ମିଳିନାହିଁ। ଫଳରେ ଧାରଉର୍ଦ୍ଧ୍ୱାର କରିଥିବା ହିତାଧିକାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଘର ଛାତ ଲେବୁଲ ହେବା ପରେ କାମ ଆଉ ଆଗକୁ ବଢ଼ିପାରୁନାହିଁ। ତେଣୁ ଏହି ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କୁ ତୁରନ୍ତ ଦ୍ୱିତୀୟ କିସ୍ତି ପ୍ରଦାନ ସହିତ ସମସ୍ତ ଅନୁଦାନ ଠିକ୍ ସମୟରେ ପ୍ରଦାନ କରିବାକୁ ଦାବି ହେଉଛି। ନଚେତ ହିତାଧିକାରୀ ଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ସ୍ୱଚ୍ଛତା ପାଇଁ ଘରକୁ ଘର ବୁଲି ଜିଓଟ୍ୟାଗ୍ ସହିତ ସର୍ଭେ ପରେ ସର୍ଭେ ଚାଲିଥିବା ବେଳେ ପଦ୍ମ ଘୁଞ୍ଚିଚାଲିଛି। ତେଣୁ ତୁରନ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ବନଜା ଦାସଙ୍କୁ ପଚାରିବାରୁ ଏଗୁଡିକ ସିଧାସଳଖ ରାଜ୍ୟରୁ ପରଚାଳନା ହେଉଛି। ତେଣୁ ଆମେ କିଛି କରି ପାରୁନାହୁଁ; ତଥାପି ଚିଠି କରିଛୁ। ଏହାବାଦ ଯୋଗ୍ୟ ହିତାଧିକାରୀ ଥିଲେ ବ୍ଲକକୁ ଆବଶ୍ୟକୀୟ କାଗଜପତ୍ର ପଠାନ୍ତୁ। ସରକାରଙ୍କ ନିର୍ଦ୍ଦେଶ ଆସିଲେ ସେଗୁଡିକୁ ଦେଖି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଛାତ୍ରଙ୍କୁ ମାନସିକ ନିର୍ଯାତନା ମାମଲା; ୨ ଶିକ୍ଷକଙ୍କ ବଦଳି

କୁଆମରା, ୧୮।୭(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ନୂତନ ସରକାରୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀର ଦୁଇ ଜଣ ଛାତ୍ରଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିବା ଅଭିଯୋଗରେ ପ୍ରଧାନ ଶିକ୍ଷକଙ୍କ ସମେତ ଜଣେ ସହକାରୀ ଶିକ୍ଷକଙ୍କୁ ଏଠାରୁ ବଦଳି କରାଯାଇଛି। ପ୍ରଶାସନର ଏହି ପଦକ୍ଷେପକୁ ଅଭିଭାବକ ମହଲରେ ସ୍ୱାଗତ କରାଯାଇଛି। ସୂଚନା ଅନୁସାରେ, ଉକ୍ତ ବିଦ୍ୟାଳୟର ଦଶମ ଶ୍ରେଣୀର ଦୁଇ ଛାତ୍ରଙ୍କୁ ପ୍ରଧାନଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକ ଆକ୍ରୋଶମୂଳକ ଭାବେ ନିର୍ଯାତନା ଦେଉଥିବା ନେଇ ଖୁଣ୍ଟା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଥିଲା ପୁଲିସ। ତେବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନତ କୁମାର ଗନ୍ତାୟତ ଓ ସମ୍ପାଦକ ସସ୍ମିତା ମହାପାତ୍ର ଏଥିରେ ହସ୍ତକ୍ଷେପ କରିବା ସହ ଶ୍ରେଣୀ ଗୃହ ମଧ୍ୟରେ ସମସ୍ତ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଦୁଇଛାତ୍ରଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗରେ ମଧ୍ୟ ପୁଲିସ ମାମଲା କରିଥିଲା। ଉକ୍ତ ଘଟଣାକୁ ନେଇ ବୁଧବାର ଅଭିଭାବକଙ୍କ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ଦୁଇ ଶିକ୍ଷକଙ୍କୁ ତୁରନ୍ତ ଏଠାରୁ ବଦଳି କରିବା ସହ ନୂତନ ପରିଚାଳନା କମିଟି ଗଠନ ପାଇଁ ଦାବି ଜୋର ଧରିଥିଲା। ହେଲେ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇବା ପୂର୍ବରୁ ପ୍ରଶାସନ ଉଚିତ ପଦକ୍ଷେପ ନେବା ସହ ୧୭ ତାରିଖରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରଧାନ ଶିକ୍ଷକ ଶିଶିର କୁମାର ପାତ୍ରଙ୍କୁ ବଡ଼ସାହି ବ୍ଲକ ପ୍ରତାପପୁର ସରକାରୀ ଉଚ୍ଚବିଦ୍ୟାଳୟ ଏବଂ ଓ ସହକାରୀ ଶିକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କୁ ଖୁଣ୍ଟା ସରକାରୀ ଉଚ୍ଚବିଦ୍ୟାଳୟକୁ ବଦଳି କରିଛନ୍ତି। ତେବେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରଞ୍ଜୁଲତା ଜେନା ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ସମ୍ପାଦକୀୟ



ପୁରାଣ ଓ କିମ୍ବଦନ୍ତୀ ଆମ ପରିଚୟର ଅଂଶ ଓ ଅସ୍ତିତ୍ୱର ଆଧାର
-ସୁଧାମୂର୍ତ୍ତି

ସକାଳ
THE SAKALA

## ଅସ୍ଥିର ବିଶ୍ୱ

ରୁଷ ଓ ୟୁକ୍ରେନ ଯୁଦ୍ଧ ଆମେରିକା ଓ ନାଟୋ ସହଯୋଗୀଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି । ସମସ୍ତ ସାମରିକ ସହଯୋଗ ସତ୍ତ୍ୱେ ୟୁକ୍ରେନର ପ୍ରତିରୋଧ ଶକ୍ତି ଦିନକୁ ଦିନ ଊଣା ହେଉଛି । ଅପରପକ୍ଷରେ ରୁଷର ପ୍ରତିପତ୍ତି ଓ ସାମର୍ଥ୍ୟ ବୃଦ୍ଧି ପାଉଛି । ରୁଷ-ୟୁକ୍ରେନ ଶାନ୍ତି ପ୍ରତିଷ୍ଠା ବା ବୁଝାମଣା ସକାଶେ ଟ୍ରମ୍ପଙ୍କ ପକ୍ଷରୁ ହେଉଥିବା ଉଦ୍ୟମରୁ କୌଣସି ସୁଫଳ ମିଳୁନି । ଆମେରିକା ଓ ନାଟୋ ରୁଷ-ୟୁକ୍ରେନ ଯୁଦ୍ଧରେ କେବଳ ପରାଜିତ ନୁହନ୍ତି, ରୁଷର ପ୍ରାଧାନ୍ୟ ସେମାନଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ତେଣୁ ଆମେରିକା ଓ ନାଟୋ ସହଯୋଗୀମାନେ ବିଚଳିତ ହେବା ସ୍ୱାଭାବିକ । ଏହି ପୃଷ୍ଠଭୂମିରେ ପରିବର୍ତ୍ତିତ ରଣନୀତି ଅନୁଯାୟୀ ଆର୍ଥିକ ଦୃଷ୍ଟିରୁ ରୁଷକୁ ଦୁର୍ବଳ କରିବାର ଯୋଜନା ପ୍ରସ୍ତୁତ ହୋଇଛି । ବିଭିନ୍ନ ଆର୍ଥିକ ପ୍ରତିବନ୍ଧକ ଲଗାଇ ରୁଷକୁ ଜବତ କରିବାକୁ ନାଟୋ ଚାହୁଁଛି । ଆମେରିକାର ସିନେଟରେ ମଧ୍ୟ ଏହା ଆଲୋଚନା ପରିସରକୁ ଆସିଛି । ଏହି ପ୍ରସ୍ତାବକୁ ୮୪ ସିନେଟର ସମର୍ଥନ କରିଥିବାରୁ ତାହା ଖୁବ୍ ଶୀଘ୍ର ଅନୁମୋଦନ ଲାଭ କରିବ ବୋଲି ଅନୁମାନ କରାଯାଉଛି । ଆହୁରି ମଧ୍ୟ ରୁଷ ସହ ବାଣିଜ୍ୟ ସଂପର୍କ ରଖୁଥିବା ରାଷ୍ଟ୍ର ବିରୋଧରେ ୫୦୦ % ଟାରିଫ ଲାଗୁ କରିବାକୁ ଆମେରିକା ଧମକ ଦେଇଛି । ବିଶେଷକରି ରୁଷରୁ ତୈଳ ଓ ଗ୍ୟାସ ସଂଗ୍ରହ କରୁଥିବା ଭାରତ, ଚୀନ ଓ ବ୍ରାଜିଲ ବିରୋଧରେ ୧୦୦ ପ୍ରତିଶତ ଟାରିଫ ଲାଗୁ କରିବାକୁ ନାଟୋର ସଚିବ ମାର୍କରୁଟ୍ ଧମକ ଦେଇଛନ୍ତି । ପରୋକ୍ଷରେ ରୁଷ ସହ ବାଣିଜ୍ୟ କାରବାର ରଦ୍ଦ କରିବାକୁ ଏହାକୁ ଏକ ଚେତାବନୀ ରୂପେ ଗ୍ରହଣ କରାଯାଇପାରେ ।

ଇତିମଧ୍ୟରେ ଯୁଦ୍ଧ ସମାପ୍ତି ପ୍ରସଙ୍ଗରେ କୌଣସି ବୁଝାମଣାରେ ଉପନୀତ ହେବା ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ପକ୍ଷରୁ ରୁଷକୁ ୫୦ ଦିନ ସମୟ ଦିଆଯାଇଛି । କୂଟନୈତିକ ପର୍ଯ୍ୟବେକ୍ଷକ ମନେ କରନ୍ତି ଯେ ବ୍ରିକ୍ସ ସମ୍ମିଳନୀରେ ଗୃହୀତ ମିଳିତ ପ୍ରସ୍ତାବ ଟ୍ରମ୍ପଙ୍କୁ କ୍ଷୁବ୍ଧ କରିଛି । ଆଗକୁ ରୁଷ, ଚୀନ ଓ ଭାରତ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠାର ପଥ ପରିଷ୍କାର ହେବାକୁ ଯାଉଥିବା ପାଶ୍ଚାତ୍ୟ ରାଷ୍ଟ୍ରଗୋଷ୍ଠୀ ଅନୁମାନ କରୁଛନ୍ତି । ଏହି ତିନି ରାଷ୍ଟ୍ର ମଧ୍ୟରେ ନବେ ଦଶକରେ ଆର୍ଥିକ, ସାମରିକ ଓ ରାଜନୈତିକ ସଂପର୍କ ସୁଦୃଢ଼ କରିବା ପାଇଁ ଆରମ୍ଭ ହୋଇଥିବା 'ଆରଆଇସି' ନୂଆ ରୂପ ନେଇ ପାରେ । ବେଜିଂରେ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଚୀନ୍ ପ୍ରତିପକ୍ଷ ଓ ବୈଦେଶିକ ମନ୍ତ୍ରୀଙ୍କ ସହିତ ସ୍ୱତନ୍ତ୍ର ସାକ୍ଷାତ ଆଲୋଚନା ଏବଂ ନିକଟରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ଚୀନ୍ ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କ ସହ ଆଲୋଚନା ଏଥିଲାଗି ପାଶ୍ଚାତ୍ୟ ରାଷ୍ଟ୍ର ଜଗତରେ ଚର୍ଚ୍ଚାର ଖୋରାକ ଯୋଗାଇଛି ।

ଅପରପକ୍ଷରେ ସଂପ୍ରତି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଥିବା ରୁଷ୍ ପୁଣି ଆରଆଇସି ସଂପର୍କ ଗଢ଼ିବା ଉଦ୍ୟମରେ କେତେଦୂର ଆନ୍ତରିକତା ପ୍ରକାଶ କରିବ ସେ ନେଇ ମଧ୍ୟ ସନ୍ଦେହ ରହିଛି । ପୁଣି ଏ କ୍ଷେତ୍ରରେ ପ୍ରମୁଖ ବାଧକ ହେଉଛି ଚୀନ୍‌ର ପରିବର୍ତ୍ତିତ ଭାରତ ବିରୋଧୀ ଆଭିମୁଖ୍ୟ । 'ଅପରେସନ ସିନ୍ଦୂର'ରେ ଚୀନ୍ ପାକିସ୍ତାନକୁ ଉପଗ୍ରହରୁ ସଂଗୃହୀତ ତଥ୍ୟ ଯୋଗାଇବା ସହ ସାମରିକ ସହାୟକ ମଧ୍ୟ ଯୋଗାଇଛି । ସେହିଭଳି ନିଜର ୬୨ ବିଲିୟନ ଡଲାର ମୂଲ୍ୟର ମହତାକାଂକ୍ଷୀ ଯୋଜନାକୁ ସାକାର କରିବା ସକାଶେ ଅଧିକୃତ କାଶ୍ମୀର ଉପରେ ଭାରତର ଦାବିକୁ ପ୍ରତିହତ କରିବା ସହ ଅକ୍ସାଇ ଚୀନକୁ ଦଖଲ ମଧ୍ୟ କରିଛି । ଭାରତର ଶକ୍ତି, ସାମର୍ଥ୍ୟ ଓ ସମୃଦ୍ଧିର ଗତିରୋଧ କରିବାରେ ଚୀନର ନାକାରାତ୍ମକ ଭୂମିକା ବିଶ୍ୱବାସୀଙ୍କୁ ବେଶ୍ ଜଣା । ଭାରତର ସମସ୍ତ ପଡ଼ୋଶୀ ରାଷ୍ଟ୍ରଙ୍କୁ ନିଜ ଅକ୍ତିଆରରେ ରଖି ଚୀନ ସେମାନଙ୍କୁ ନିଜ ସ୍ୱାର୍ଥ ରକ୍ଷା ସକାଶେ ପ୍ରୟୋଗ କରିଚାଲିଛି । ସି.ଜିନପିଙ୍ଗଙ୍କ ସହ ଆମ ବୈଦେଶିକ ମନ୍ତ୍ରୀଙ୍କ ସାକ୍ଷାତ ଓ ଆଲୋଚନାରୁ ସେଭଳି କିଛି ଅନୁକୂଳ ସଂପର୍କ ନେଇ ବାର୍ତ୍ତା ମଧ୍ୟ ମିଳିନାହିଁ । ଏଥିପୂର୍ବରୁ ମଧ୍ୟ ଏକାଧିକ ଥର ମୋଦୀ-ଜିନପିଙ୍ଗ ଭେଟ ହୋଇଛି, କିନ୍ତୁ ଚୀନ୍‌ର ଆଭିମୁଖ୍ୟ ଅପରିବର୍ତ୍ତିତ ରହିଛି । ତେଣୁ ଆରଆଇସିର ପୁନଃଗଠନ ଏତେ ସହଜ ନୁହେଁ ବୋଲି ଅନୁମାନ କରାଯାଉଛି ।

ଏଭଳି ଅସ୍ଥିର ବିଶ୍ୱରେ ଭାରତ ପାଇଁ କିନ୍ତୁ ଏକ ବଡ଼ ଆଶ୍ୱାସନାର ବିଷୟ ହେଲା ଏହାର ବିଶାଳ ବଜାର ବ୍ୟବସ୍ଥା । ବଜାର ଅର୍ଥନୀତି ଆଉ ମୁକ୍ତ ନୁହେଁ । ବିଶ୍ୱବାଣିଜ୍ୟ ସଂଗଠନ ଭୂମିକା ଦିନକୁ ଦିନ କ୍ଷୁର୍ଣ୍ଣ ହେଉଛି । ଏସବୁ ସତ୍ତ୍ୱେ ୧୪୬ କୋଟି ଲୋକସଂଖ୍ୟା ବିଶିଷ୍ଟ ଭାରତର ବୃହତ ବଜାର ତାହାର ପ୍ରାଧାନ୍ୟ ହରାଇନି । ବଜାର ଯେଉଁଠି ଅଛି ସେଠାରେ ବିପଣନ ହେବ । ତେଣୁ ନିଜ ନଜର ବ୍ୟବସାୟିକ ସ୍ୱାର୍ଥରକ୍ଷା ସକାଶେ ମେଣ୍ଟ ଓ ଗୋଷ୍ଠୀ ନିର୍ବିଶେଷରେ ସେମାନେ ଆମ ସହ ସଂପର୍କ ରକ୍ଷା କରିବେ । ସମୟ ଓ ସୁବିଧାକୁ ଅପେକ୍ଷା କରିବା ହେଉଛି ବୁଦ୍ଧିମାନର କାମ । ସେହିଭଳି ରୁଷର ଅଶୋଧିତ ତୈଳ ଓ ଗ୍ୟାସ ଆମଦାନୀ ନ କଲେ ଯେ ଭାରତ ବଡ଼ ଧରଣର କ୍ଷତି ସହିବ ଏକଥା ନୁହେଁ । ଏଥିମଧ୍ୟରେ ଓପେକ୍ ରାଷ୍ଟ୍ରସମୂହ ତୈଳ ଉତ୍ପାଦନ ବଢ଼ାଇଛନ୍ତି । ଏହାର ପ୍ରଭାବରେ ରୁଷ ମଧ୍ୟ ରିହାତି ଘୋଷଣା କରିଛି । ଭାରତ ସେଭଳି ଚାପର ସମ୍ମୁଖୀନ ହେଲେ ୟୁଏଇ କିମ୍ବା ମଧ୍ୟପ୍ରାଚ୍ୟରୁ ତୈଳ ଆମଦାନୀ କରିପାରେ । ଏହାଛଡ଼ା ଭାରତ ପାଇଁ ଆଉ ଏକ ଆଶ୍ୱାସନାର ବିଷୟ ହେଉଛି ଆମେରିକାରେ ପ୍ରବାସୀ ଭାରତୀୟଙ୍କ ଲବି । ଟ୍ରମ୍ପଙ୍କ ଅସ୍ଥିର ମତିଗତି ଭାରତ ପାଇଁ କେତେକାଂଶରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଥିଲେ ମଧ୍ୟ ହଠାତ୍ ଦିଗ ବଦଳାଇବାର ସମ୍ଭାବନା କମ୍ । କାରଣ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଓ ପ୍ରତିଷ୍ଠା ଅର୍ଜନ କରିଥିବା ଭାରତୀୟଙ୍କ ଆମେରିକାରେ ପ୍ରଭାବଶାଳୀ ଲବି ରହିଛି । ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ ଅମଳରେ ପୋଖରାନ୍ ଆଣବିକ ପରୀକ୍ଷଣକୁ ନେଇ ଉପୁଜିଥିବା ବିବାଦୀୟ ପରିସ୍ଥିତିର ସମାଧାନ ସେହି ପ୍ରବାସୀ ଭାରତୀୟଙ୍କ ଲବି ଯୋଗୁଁ ହୋଇପାରିଥିଲା । ତେଣୁ ଟ୍ରମ୍ପଙ୍କ ୪ ବର୍ଷର ଶାସନ ଶେଷକଥା ନୁହେଁ । ଆମେରିକା ସହିତ ସଂପର୍କକୁ ଆହୁରି ସୁଦୃଢ଼ କରିବାର ଆହ୍ୱାନ ହିଁ ବଡ଼ କଥା ।

ଏବେ ବିଶ୍ୱ ଏକ ବିଚିତ୍ର ପରିସ୍ଥିତି ଦେଇ ଗତି କରୁଛି । ରୁଷ-ୟୁକ୍ରେନ୍ ଯୁଦ୍ଧ ସମାପ୍ତ ପାଇଁ ଯେଉଁ ତତ୍ପରତା ପ୍ରକାଶ ପାଇଛି, ତାହା ଗାଜାରେ ଇସ୍ରାଏଲ କରୁଥିବା ନରସଂହାର କ୍ଷେତ୍ରରେ ଦେଖିବାକୁ ମିଳୁନି । ସେହିଭଳି ଇସ୍ରାଏଲ ଅଘୋଷିତ ଆଣବିକ ଅସ୍ତ୍ର ମହଜୁଦ୍ ରଖିଥିବା ବେଳେ ଇରାନ ନାଲି ଆଖିର ସମ୍ମୁଖୀନ ହେଉଛି? ନେତାନ୍ୟାହୁ ଓ ଟ୍ରମ୍ପଙ୍କ ସଂପର୍କର ଅର୍ଗଳିରେ ଏସବୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଓ ପ୍ରସଙ୍ଗ ନିଷ୍ପ୍ରଭ ହୋଇପଡୁଛି । ଇହୁଦୀଙ୍କ ପ୍ରାଧାନ୍ୟ ଓ ପତିଆରା ନିକଟରେ ଆମେରିକାର କ୍ଷମତା ଲବି ନିଷ୍ପ୍ରଭ କି? ଏହି ପ୍ରଶ୍ନ ମଧ୍ୟ ଉଠୁଛି, ଯାହାର ଗୂଢ଼ ରହସ୍ୟ ଆଜି ନହେଲେ ମଧ୍ୟ କାଲି ଉନ୍ମୋଚନ ହେବ । ଇତିମଧ୍ୟରେ ନାଟୋଠାରୁ ଦୂରେଇ ଯାଇଥିବା ଟ୍ରମ୍ପ ଏବେ ବ୍ରିକ୍ସର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବକୁ ପ୍ରତିହତ କରିବା ପାଇଁ ପୁଣି ଥରେ ସଂଗଠନକୁ କୋଳେଇ ନେବାକୁ ଉଦ୍ୟତ ହେଉଛନ୍ତି । ହୁଏତ ତା'ଭିତରେ ପୁଣି ଆଉ ଏକ ସମୀକରଣ ସୃଷ୍ଟି ହୋଇପାରେ । ଆଞ୍ଚଳିକ ସ୍ୱାର୍ଥ ଓ ପ୍ରସଙ୍ଗ ଭିତ୍ତିରେ ବିଭିନ୍ନ ଆଞ୍ଚଳିକ ଓ ବହୁପାକ୍ଷିକ ସଂଗଠନର ପୁନର୍ଗଠନ, ଜନ୍ମ ଓ ବିଲୟର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦେଇ ହେବ ନାହିଁ । ତେଣୁ ଅସ୍ଥିର ବିଶ୍ୱରେ ସମୟର ଆହ୍ୱାନକୁ ପ୍ରତିହତ କରିବା ପାଇଁ ଭାରତ ନିଜେ ହିଁ ନିଜକୁ ମୁକୁଳାଇବାର ବାଟ ଖୋଜିବାକୁ ପଡ଼ିବ ।

# ପାଣିପାଗ ପ୍ରାକସୂଚନା କେତେ ଜରୁରୀ

**ଡ.ମାନସ ରଞ୍ଜନ ଶତପଥୀ**

ଓଡ଼ିଶାରେ ଦୁଇ-ତୃତୀୟାଂଶରୁ ଅଧିକ ଚାଷଜମି ଜଳସେଚନ ରହିତ । ତେଣୁ ଏଠାର ଚାଷୀକୁଳ ମୌସୁମୀ ବର୍ଷା ଉପରେ ବିଶେଷ ନିର୍ଭରଶୀଳ । ଏ ଦିଗରେ ସଠିକ ପାଣିପାଗ ସମ୍ବନ୍ଧୀୟ ପ୍ରାକ୍‌ସୂଚନା ସହାୟକ ହୋଇଥାଏ । ପାଣିପାଗ ବିଭାଗ ଆଜିକାଲି ନିୟମିତ ଭାବେ ଜନସାଧାରଣଙ୍କ ସୁବିଧା ଓ ସତର୍କତା ପାଇଁ ପ୍ରାକ ସୂଚନା ଦେଉଛି, ଯେଉଁଥିରେ ମୌସୁମୀ ବର୍ଷା, ଖରା, ଶୀତ, ଲଘୁଚାପ, ଅଦିନିଆ ବର୍ଷା, ବାତ୍ୟା, ଘଡ଼ଘଡ଼ି ଓ ବିଜୁଳି ସମ୍ପର୍କିତ ଖବର ଅନ୍ତର୍ଭୁକ୍ତ । ଏସବୁ ଖବର ଟିଭି, ରେଡିଓ ସହିତ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ତରଫରୁ ମୋବାଇଲରେ ମେସେଜ ପହଞ୍ଚୁଛି । ଏପରି ପାଣିପାଗର ପ୍ରାକ ସୂଚନା କୃଷି କାର୍ଯ୍ୟ ସହିତ ଶସ୍ୟ ଅମଳ, ଗସ୍ତ ସୂଚୀ, ଗୃହ ନିର୍ମାଣ, ଶୁଭ କାର୍ଯ୍ୟ, ଇତ୍ୟାଦି ସମାପନ କରିବାରେ ଜନତାଙ୍କୁ ବିଶେଷ ସହାୟକ ହୋଇଥାଏ । ତଥାପି ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ଷାରେ ବିଶେଷ ଅନିୟମିତତା ଅପାଠୁଆ ଚାଷୀଙ୍କୁ ହନ୍ତସନ୍ତ କରୁଛି ।

ଓଡ଼ିଶା ଉପକୂଳବର୍ତ୍ତୀ ରାଜ୍ୟ ହୋଇଥିବାରୁ ସାଧାରଣ ଭାବେ ପ୍ରାକୃତିକ ବିପତ୍ତି ଯୋଗୁଁ ବିଶେଷ କ୍ଷତିଗ୍ରସ୍ତ ହୋଇଥାଏ । ୧୯୯୯ ମହାବାତ୍ୟାରେ ସଠିକ ପ୍ରାକ ସୂଚନା ଅଭାବରୁ ଅସଂଖ୍ୟ ଜନଜୀବନ ସହ ଅମାପ କ୍ଷତି ହେବା ଅସ୍ୱୀକାର କରାଯାଇ ନ ପାରେ । ସରକାର ଏହାକୁ ହୃଦବୋଧ କରିପାରି କିପରି ବିପର୍ଯ୍ୟୟର ଉଚିତ ମୁକାବିଲା କରିହେବ ସେନେଇ ପରିକଳ୍ପନା କରି ବିଭିନ୍ନ ଜ୍ଞାନୀ ଗୁଣୀ ଏପରିକି ଆଇଆଇଟିର ସହାୟତା ନେଇ ରଣନୀତି ଓ ଖସଡ଼ା ପ୍ରସ୍ତୁତ କରିଥିଲେ । ଏହି କ୍ରମରେ ଅତ୍ୟାଧୁନିକ ଡପ୍‌ଲାର ରାଡାର ୨୦୧୫ ମସିହାରେ ଗୋପାଳପୁର ଓ ପାରାଦ୍ୱୀପ ଠାରେ ପ୍ରତିଷ୍ଠା କରିଥିଲେ । ଏହି ରାଡାର ବିକଶିତ ରାଷ୍ଟ୍ରମାନେ ପାଣିପାଗ ସୂଚନା ପାଇଁ ବ୍ୟବହାର କରୁଥିବା ବେଳେ ଏହାର ବଜାର ଦର ବର୍ତ୍ତମାନ ୧୫ ରୁ ୨୦ କୋଟି ଟଙ୍କା । ବାର୍ଷିକ ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ପ୍ରାୟ ୨୦-୪୦ ଲକ୍ଷ ଟଙ୍କା । ଡପ୍‌ଲାର ସୂଚନା ପ୍ରଣାଳୀକୁ ଆହୁରି ମଜବୁତ କରିବା ଉଦ୍ଦେଶ୍ୟରେ ବାଲେଶ୍ୱର ଓ ସମ୍ବଲପୁରଠାରେ ୨୦୨୬ ମସିହା ସୁଦ୍ଧା ଆଉ ଦୁଇଟି ରାଡାର ପ୍ରତିଷ୍ଠା କରିବାକୁ ସରକାରୀ ପ୍ରସ୍ତୁତି ଚାଲୁ ରହିଛି । ଏହାଛଡ଼ା ଓଡ଼ିଶା ସରକାର 'ଓସଡମା ଓ ଓଡ୍ରାଫ' ଭଳି ସଂସ୍ଥା ଯଥାକ୍ରମେ ୧୯୯୯ ଓ ୨୦୦୧ ମସିହାରେ ଗଠନ କରିଛନ୍ତି ।



ଡପ୍‌ଲାର ରାଡାର ପ୍ରତିଷ୍ଠା ପରବର୍ତ୍ତୀ ଅବସ୍ଥାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଚିତ୍ରପଟରେ ବ୍ୟାପକ ପରିବର୍ତ୍ତନ ଆସିପାରିଲା । ଅଧୁନା ସଠିକ ପାଣିପାଗ ପ୍ରାକସୂଚନା ସହିତ ଓସଡମା ଓ ଓଡ୍ରାଫ ସହାୟତା ଯୋଗୁଁ ସରକାର ଫାଇଲିନ, ତିତଲି, ଫନି, ହୁଦହୁଦ, ୟଶ ଭଳି ବାତ୍ୟାରେ ମୃତାହତ ସଂଖ୍ୟା ଶୂନ୍ୟ କରି ପାରିଲେ ଏବଂ ଜାତୀୟ ଅନ୍ତର୍ଜାତୀୟ ସଂସ୍ଥାଙ୍କ ଦ୍ୱାରା ଓଡ଼ିଶା ପୁରସ୍କୃତ ହେଲା । ୧୮୪୦ ମସିହାରେ ଖ୍ରୀଷ୍ଟିଆନ ଡପ୍‌ଲାର ନିଜର ଗବେଷଣା ମାଧ୍ୟମରେ 'ଡପ୍‌ଲାର ପ୍ରଭାବ' ତତ୍ତ୍ୱ ଉଦ୍‌ଭାବନ କରିଥିଲେ, ଯାହାର ନିୟମକୁ ଆଧାର କରି ଡପ୍‌ଲାର ରାଡାର ପରିଚାଳିତ । ଏହି ରାଡାରଗୁଡ଼ିକ ସାଧାରଣ ଭାବେ ସମୁଦ୍ର ମୁହାଁ ହୋଇ ଉପକୂଳରେ ସ୍ଥାପନ ହୁଏ । ଫଳରେ ଏଥିରୁ ନିସୃତ ରେଡିଓ ତରଙ୍ଗ ସମୂହ ସମୁଦ୍ର ଗଭୀରତା ମଧ୍ୟକୁ ଅହର୍ନିଶ ପ୍ରବାହିତ ହେବା ସୁଯୋଗ ସୃଷ୍ଟି ହୁଏ । ଏହି ତରଙ୍ଗଗୁଡ଼ିକ ସମୁଦ୍ର ଗର୍ଭରେ ସୃଷ୍ଟି ହେଉଥିବା ବିଶେଷ ଜଳୀୟକଣା, ଝଡ଼ କିମ୍ବା ବିପରୀତ ପରିସ୍ଥିତି ସଂସ୍ପର୍ଶରେ ଆସିବା କ୍ଷଣି ଏହା ନିଜର ଗତି ଓ ତରଙ୍ଗରେ ବ୍ୟବହାରିକ ତ୍ୱରିତ ବ୍ୟତିକ୍ରମ ଦେଖାଇଥାଏ, ଯାହା ବିଚଳିତ ତରଙ୍ଗ ଆକାରରେ ରାଡ଼ାର ପାଖକୁ ଫେରିଆସେ । ଏହାର ଗୁରୁତ୍ୱ ଓ ଗତିବିଧି ବିଶେଷଜ୍ଞ ମାନେ ବ୍ୟାଖ୍ୟା କରି କେଉଁ ଦିଗରୁ, କେତେ ଦୂରତ୍ୱ ତଥା ଆସନ୍ନ ସାମୁଦ୍ରିକ ବିପତ୍ତିର ବେଗ ସମ୍ବନ୍ଧୀୟ ପୂର୍ବାନୁମାନ ଜନତାଙ୍କୁ ଯୋଗାଇ ଥାଆନ୍ତି । ଗୋଟିଏ ଡପ୍‌ଲାର ରାଡାର ଉଭୟ ପାର୍ଶ୍ୱରେ ୫୦୦ କିମି ପର୍ଯ୍ୟନ୍ତ ଜଳବାୟୁ ସଂକ୍ରାନ୍ତୀୟ ବାର୍ତ୍ତା ଦେବାରେ ସକ୍ଷମ । ଏଗୁଡ଼ିକ ମୁଖ୍ୟତଃ ବାତ୍ୟାର ଗତିବିଧି, ପବନର ରୂପରେଖ ଓ ନାଓ କାଷ୍ଟିଙ୍ଗ ସମ୍ବନ୍ଧୀୟ ସୂଚନା ପ୍ରେରଣ କରିଥା'ନ୍ତି । ନାଓ କାଷ୍ଟିଙ୍ଗ ଏକ ବିଶେଷ ବୈଷୟିକ ଜ୍ଞାନ, ଯାହା ମାଧ୍ୟମରେ ଆସନ୍ତା ୨ ରୁ ୩ ଘଣ୍ଟା ମଧ୍ୟରେ ହଠାତ ପାଗ ପରିବର୍ତ୍ତନ ହୋଇ ବର୍ଷା, ଘଡ଼ଘଡ଼ି, ବାତ୍ୟା ଓ ପବନ ସମ୍ବନ୍ଧୀୟ ପ୍ରାକ ସୂଚନା ମିଳିଥାଏ ।

ଅତ୍ୟନ୍ତ ସଠିକ ପାଣିପାଗ ସୂଚନା ଉପଲବ୍ଧ କରିବାକୁ ସରକାର ବିଭିନ୍ନ ସ୍ଥାନରେ ପାଣିପାଗ କେନ୍ଦ୍ର ସ୍ଥାପନ କରୁଛନ୍ତି, ଯାହା ବର୍ତ୍ତମାନ ସୁଦ୍ଧା ପୂର୍ଣ୍ଣସମ୍ଭବ ହୋଇନାହିଁ । ବିଭିନ୍ନ ସ୍ଥାନରେ ପାଣିପାଗ କାର୍ଯ୍ୟାଳୟ ଖୋଲିବାରେ ଥିବା ଅସୁବିଧାକୁ ଏଡ଼ାଇବା ଲାଗି ପାଇଁ ବର୍ତ୍ତମାନ ପ୍ରାୟ ୩୦୦ ରୁ ଅଧିକ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ରମାନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା ହୋଇସାରିଛି । ଏହି କେନ୍ଦ୍ରମାନଙ୍କର ନିତିଦିନିଆ କାର୍ଯ୍ୟକ୍ରମ ହେଲା ସେହି ଅଞ୍ଚଳରେ ହେଉଥିବା ବୃଷ୍ଟି, ତାପମାତ୍ରା, ଆର୍ଦ୍ରତା, ପବନର ଗତି, ଆକାଶରେ ଥିବା ମେଘର ଅବସ୍ଥା ଇତ୍ୟାଦି ବିଶ୍ଳେଷଣ କରି ସ୍ଥାନୀୟ ଅଞ୍ଚଳରେ ହେବାକୁ ଥିବା ପାଣିପାଗ ପରିବର୍ତ୍ତନ ବିଷୟରେ ପୂର୍ବାନୁମାନ ଯୋଗାଇବା । ବିଶେଷଜ୍ଞଙ୍କ ମତରେ ଏପରି ପାଣିପାଗ କେନ୍ଦ୍ର ଯେତେ କମ ଦୂରତାରେ ସ୍ଥାପନ ହେବ ସେତେ ନିର୍ଭୁଲ ଓ ସଠିକ ପାଣିପାଗ ପୂର୍ବାନୁମାନ ଜନତା ପାଇପାରିବେ । ଏପରିକି ଆସନ୍ତା ଦୁଇ ଘଣ୍ଟା ମଧ୍ୟରେ କିପରି ପାଣିପାଗରେ ପରିବର୍ତ୍ତନ ହେବ, ତାହା ନିର୍ଭୁଲ ଓ ନିର୍ବିଘ୍ନରେ ପ୍ରକାଶ କରା ଯାଇପାରିବ ।

ଯୁକ୍ତରାଷ୍ଟ୍ର ଆମେରିକାରେ ଘଣ୍ଟାଏ ପୂର୍ବରୁ ବର୍ଷା, ଝଡ଼ କିମ୍ବା ବରଫ ଝଡ଼ ସୂଚନା ପାଣିପାଗ ବିଭାଗ ଯୋଗାଇଥା'ନ୍ତି, ଯାହା କଦାପି ଭୁଲ ହୋଇନଥାଏ । ସୂଚନା ଅନୁଯାୟୀ ସେଠାରେ ପ୍ରତି ୪୦ କି.ମି. ଦୂରତାରେ ପାଣିପାଗ କେନ୍ଦ୍ର ସ୍ଥାପନ ହେବା ଦ୍ୱାରା ବିଭିନ୍ନ ପାଣିପାଗ ଜନିତ ଉପାଦାନକୁ ନେଇ ସଠିକ ଆକଳନ କରିବା ଆମେରିକୀୟ ପାଣିପାଗ ବିଶେଷଜ୍ଞଙ୍କ ପକ୍ଷେ ଅତ୍ୟନ୍ତ ସହଜ ହୋଇଥାଏ । ଆମେରିକୀୟମାନେ ଅତ୍ୟାଧୁନିକ ରାଡାର ପ୍ରଣାଳୀ ସହିତ ନିର୍ଭୁଲ ପାଣିପାଗ ପୂର୍ବାନୁମାନ ପାଇଁ ଉପଗ୍ରହର ସହାୟତା ନେଇ ସଠିକ ଆକଳନ କରିପାରନ୍ତି । ଏହି ଉପଗ୍ରହମାନେ ଆକାଶ ମାର୍ଗରୁ ଦେଶୀୟ, ରାଜ୍ୟସ୍ତରୀୟ କିମ୍ବା ପ୍ରାନ୍ତୀୟ ପାଣିପାଗ ସମ୍ବନ୍ଧିତ ଚିତ୍ର ଉତ୍ତୋଳନ କରି ବିଭିନ୍ନ ପାଣିପାଗ କେନ୍ଦ୍ରମାନଙ୍କୁ ପ୍ରେରଣ କରିବା ପରେ ବିଶେଷଜ୍ଞମାନେ ସ୍ଥାନୀୟ ଅବସ୍ଥାକୁ ବ୍ୟାଖ୍ୟା କରି ସଠିକ ଆକଳନ କରିପାରନ୍ତି । ଏଠାରେ ସୂଚିତ କରାଯାଇପାରେ ଯେ ଭାରତରେ ମଧ୍ୟ ନିଜସ୍ୱ ଉପଗ୍ରହ ଇନସାଟ -୩ ଡି ଓ ଇନସାଟ-୩ ଡିଆର ବର୍ତ୍ତମାନ ପାଣିପାଗ ବିଭାଗକୁ ଜଳବାୟୁ ସମ୍ବନ୍ଧୀୟ ପ୍ରାକ ସୂଚନା ଯୋଗାଇ ଦେଉଛନ୍ତି ।

ପାଣିପାଗ ସମ୍ବନ୍ଧୀୟ ପୂର୍ବାନୁମାନ ନିହାତି ପକ୍ଷେ ଆଜି ଏକ ବିଶେଷ ଆବଶ୍ୟକତା । ଭାରତ ପରିପ୍ରେକ୍ଷୀରେ ପାଣିପାଗ ବିଭାଗ ଆହୁରି ଅଧିକ ଶାଣିତ ହେବାର ଆବଶ୍ୟକତା ରହିଛି ।

(ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼)
ମୋ: ୯୪୩୭୪୭୯୦୪୫

# ଫୁଲ ତୁ କାହିଁକି ଝଡ଼ିଗଲୁ?

**ଡକ୍ଟର ଅଭିମନ୍ୟୁ ବରାଳ**

ବ୍ୟାସକବିଙ୍କ ନାମରେ ନାମିତ ଓଡ଼ିଶାର ଏକ ବିଶିଷ୍ଟ ଶିକ୍ଷାୟତନରେ ଫୁଟିବା ପୂର୍ବରୁ କଢ଼ିଟି ଝାଉଁଳି ଗଲା ବୃନ୍ତରେ । ଝଡ଼ି ପଡ଼ିଲା ଅକାଳରେ । ଫୁଟିଥିଲେ ତା'ର ସୁରଭି ଆମୋଦିତ କରିଥା'ନ୍ତା ସମସ୍ତଙ୍କୁ । ଏଥିସହିତ ପୁଣି ଥରେ କଳଙ୍କିତ ହୋଇଗଲା ଗୁରୁ-ଛାତ୍ରୀଙ୍କର ପବିତ୍ର ସମ୍ପର୍କ ।

ପୁଣ୍ୟଭୂମି ଭାରତବର୍ଷ ଋଷିମୁନିଙ୍କ ଦେଶ । ପୂର୍ବକାଳରେ ଶିଷ୍ୟଶିଷ୍ୟାମାନେ ଗୁରୁକୁଳାଶ୍ରମରେ ରହି ଶିକ୍ଷା ଲାଭ କରୁଥିଲେ । ଯେଉଁଠି ପ୍ରିୟମ୍ବଦା, ଅନସୂୟା, ଶକୁନ୍ତଳା ପ୍ରଭୃତି ମୁନି କନ୍ୟାମାନେ ଉଦାହରଣ ସୃଷ୍ଟି କରିଛନ୍ତି, ସେଠାରେ ଆଜି ସେ ଦିବ୍ୟଚେତନାର ଅବକ୍ଷୟ ଘଟିଲା କେମିତି? କିନ୍ତୁ ଆଜି ଆମର ବ୍ୟବସ୍ଥା ହିଁ ଏଇଆ । ଝିଅଟି ଉତ୍ପୀଡ଼ନକୁ ସହ୍ୟ କରି ନପାରି ନିଜକୁ ଠେଲି ଦେଲା ମରଣ ମୁହଁକୁ । ନିଜର ଦୁଃଖକୁ ସେ ସମସ୍ତଙ୍କ ପାଖରେ ଜଣାଇ ହତାଶ ହେଲା, ନ୍ୟାୟ ପାଇବାରେ ବିଫଳ ହେଲା । ଆଉ କେତେ ବାରମ୍ବାର ହୋଇଥା'ନ୍ତା? ଆମ ବ୍ୟବସ୍ଥାକୁ ଧିକ୍ । ସମସ୍ତେ ଜାଣିଲେ, ହେଲେ କେହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ସେ ଜାଣିଲା ତା'କୁ ଏ ରାଜ୍ୟରେ ନ୍ୟାୟ ମିଳିବ ନାହିଁ । ସେ ତ କୌଣସି ବଡ଼ଲୋକର ଝିଅ ନୁହେଁ, ଏକ ସାଧାରଣ ପରିବାରର ପିଲା । ତା'କଥା କିଏ ଶୁଣିବ? ରାଧାନାଥ ଯଥାର୍ଥରେ କହିଛନ୍ତି **'ଧିକ ସେ ସଂସାର ପ୍ରବଳର ଯହିଁ ସବୁକଥାରେ ସୁଯୋଗ, ଦୁର୍ବଳର ଯହିଁ ଲଲାଟ ଲିଖନ ନୀରବେ ଲାଞ୍ଛନା ଭୋଗ ।(ପାର୍ବତୀ)'** ।

ଆଜି ସମସ୍ତେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ଲେଡ଼ିଗୁଡ଼ ସବୁ କହୁଣିକୁ ବହିଯିବା ପରେ । କିନ୍ତୁ କାହାରି ଆଖିରେ ଲୁହ ନାହିଁ । ଟିକିଏ ଆଗରୁ ସେମାନେ କୁଆଡ଼େ ଯାଇଥିଲେ? ସେମାନେ କ'ଣ କଲେ? ଯୁଗେ ଯୁଗେ ଏ ସମାଜ ଏହିପରି । କାହାପ୍ରତି ସେ ସମ୍ବେଦନଶୀଳ ହୁଏ ନାହିଁ । ଏପରିକି ସତୀ ଶିରୋମଣି ଜାନକୀ ମହାରଣୀଙ୍କୁ ଏ ସମାଜ କଟୁ ସମାଲୋଚନା କରିବାକୁ ପଛାଇଲା ନାହିଁ । ଶେଷରେ ସୀତାଠାକୁରାଣୀ ଅତିଷ୍ଠ ହୋଇ ପାତାଳ ଗମନ କଲେ । ଆମର ସାମାଜିକ ବିଧି ବ୍ୟବସ୍ଥାରେ ଝିଅଟିଏ ପାଇଁ କେହି ବି ସମ୍ବେଦନଶୀଳ ହେଲେ ନାହିଁ । ସମସ୍ତେ ଲୋକଦେଖାଣିଆ ମନ୍ତବ୍ୟ ଦେଇ ନିଜର ଦାୟିତ୍ୱ ତୁଲାଇ ଦେଲେ ।

ପବିତ୍ର ଶିକ୍ଷାୟତନ ଆଜି କାହିଁକି ଏଡ଼େ ଅପବିତ୍ର, ବିକଳାଙ୍ଗ? ଆମ ସମାଜ, ଆମ ବିଚାର ଧାରା, ଆମ ନୈତିକତା ଆଉ କ'ଣ ଅଛି? ଏସବୁର ଅଧୋପତନ ହୋଇ ପାଇଛି । ସମସ୍ତଙ୍କୁ ଗୁହାରି କରିବା ପରେ ଯେତେବେଳେ କେହି ନଶୁଣି ଉପେକ୍ଷା କଲେ, ସେତେବେଳେ ଝିଅଟି ଏପରି କଠୋର ତଥା ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେଲା । ସର୍ବସମକ୍ଷରେ ସେ ନିଜକୁ ଜାଳିଦେଲା । କେବଳ ଜଣେ ଛାତ୍ରକୁ ଛାଡ଼ିଦେଲେ କେହି ସେଠାରେ ନଥିଲେ । କେହି ତା' ଜୀବନକୁ ରକ୍ଷା କରିବାକୁ ଚେଷ୍ଟା କଲେ ନାହିଁ । କେହି ସେତେବେଳେ ଆଗେଇ ଆସିଲେ ନାହିଁ କାହିଁକି? ଏ ରହସ୍ୟ ତଦନ୍ତସାପେକ୍ଷ । ଏବେ ବୁକୁଫଟା କାନ୍ଦ କାନ୍ଦି ଓଡ଼ିଶା ବନ୍ଦ କଲେ କ'ଣ ହେବ? ଆମରିମାନଙ୍କ ଅପାରଗତାରୁ ସେ ଝିଅ ଆଜି ଚାଲିଗଲା ଅଫେରା ରାଇଜକୁ । ତା'ର ଅମୂଲ୍ୟ ଜୀବନ ଜଳିପୋଡ଼ି ପାଉଁଶ ହୋଇଗଲା । ଏହା ହିଁ ଥିଲା ଏହି ସମାଜ ତଥା ସମାଜର ବଡ଼ ପଣ୍ଡାମାନଙ୍କ ସମ୍ମୁଖରେ ଝିଅଟିର ମୌନ ପ୍ରତିବାଦ । ସେ ଝିଅ ପୋଡ଼ି ଯାଇ ନାହିଁ, ବରଂ ଆମ ସମାଜର ନୈତିକତା ଶତଧା ଦଗ୍ଧ ହୋଇ ଯାଇଛି । ଝିଅଟିର ଆତ୍ମଦାହ ଆଜି ଏହି ବାର୍ତ୍ତା ପ୍ରେରଣ କରିଛି ।

ଓଡ଼ିଆ ଘରର ପାରମ୍ପରିକ ଜୀବନଧାରା ଆଜି ସମ୍ପୂର୍ଣ୍ଣ ପଥଭ୍ରଷ୍ଟ । ଝିଅ ଓଡ଼ିଆ ଘରର ଲକ୍ଷ୍ମୀ ବୋଲି ବିବେଚନା କରାଯାଏ, ଝିଅଟିଏ କୋଳକୁ ଆସିଲେ ଘରର ଆନନ୍ଦ ବଢ଼ିଯାଏ, ପିତାମାତାଙ୍କର ଆୟୁବୃଦ୍ଧି ହୁଏ ବୋଲି ବିଶ୍ୱାସ ରହିଛି । ଝିଅଟିଏ ଆମ ଘରର ଆନନ୍ଦର ବଳୟ । ସେ ଦୁହିତା, ଦୁଇ କୁଳକୁ ହିତା ।

ହଇଲୋ ଝିଅ, ତୁଏ ମର୍ମନ୍ତୁଦ ପଦକ୍ଷେପ କାହିଁକି ନେଲୁ? ତୁତ ଏଡ଼େ ସାହାସୀ ଝିଅ । କେତେକ ଅନୁଷ୍ଠାନରେ ଝିଅମାନଙ୍କ ଆତ୍ମରକ୍ଷା କରିବାର ଶିକ୍ଷା ଦେଉଥିଲୁ । ତୁ କାହିଁକି ଏଡ଼େ ଦୁର୍ବଳ ହୋଇଗଲୁ? ନିଜକୁ ରକ୍ଷା କରି ପାରିଲୁ ନାହିଁ? କୁଆଡ଼େ ଗଲା ସେ ସାହସ, ସେ ଧୈର୍ଯ୍ୟ? ତୁ ଏ ଜାତିର ବୀରାଙ୍ଗନା । ବରଂ ତୁ ବଞ୍ଚି ରହି ଦେଖିଥା'ନ୍ତୁ ସମାଜ କିପରି ଜଳୁଛି । ସମାଜପତିମାନେ କିପରି ବିକଳ ଚିତ୍କାର କରୁଛନ୍ତି । ତୋତେ ଅବଶ୍ୟ ନ୍ୟାୟ ମିଳିବ । ଏ ଜଗତ ଦେଖିବ । ଯେଉଁଠି ଥିଲେ ବି ତୋ ଆତ୍ମା ସନ୍ତୋଷ ଲାଭ କରିବ । ଏହାର ତୋର ଆତ୍ମଦାହ ନୁହେଁ, ସମାଜକୁ ଏକ ମହାନ ଚେତାବନୀ । ଶିକ୍ଷାୟତନରେ ରହୁଥିବା ନରପିଶାଚମାନେ ନିଶ୍ଚୟ ମହାଶିକ୍ଷା ଲାଭ କରିବେ ।

ଏଭଳି ଦୁର୍ଭାଗ୍ୟଜନକ ଘଟଣାଗୁଡ଼ିକ ଘଟିବାର ପ୍ରମୁଖ କାରଣ ହେଲା ମହାବିଦ୍ୟାଳୟଗୁଡ଼ିକୁ ସ୍ୱୟଂଶାସିତ କରିଦେବା । ଏହାଦ୍ୱାରା ଅଧ୍ୟାପକମାନେ ଅଧିକ ଶକ୍ତିଶାଳୀ ହୋଇଗଲେ ଏବଂ ସେମାନଙ୍କର ସ୍ୱେଚ୍ଛାଚାରିତା ବଢ଼ିଗଲା । ଯଥାଯଥ ଯୋଗ୍ୟତା ନ ଥାଇ ବି ଅନେକ ବିଶ୍ୱବିଦ୍ୟାଳୟରେ ପ୍ରଫେସର/ ସହକାରୀ ପ୍ରଫେସର ହେବାର ସୁଯୋଗ ପାଇଗଲେ । ଛାତ୍ରଛାତ୍ରୀମାନଙ୍କ ନମ୍ବର ବଢ଼ାଇବା-କମାଇବା, ଉପସ୍ଥାନ କମାଇଦେବା, ପରୀକ୍ଷାରେ ପ୍ରତିବନ୍ଧକ ସୃଷ୍ଟି କରି ଛାତ୍ରମାନଙ୍କୁ ଅସୁବିଧାରେ ପକାଇ ସେମାନଙ୍କୁ ଶୋଷଣ କରିବା ସହଜ ହୋଇଗଲା । ଅନେକ ଝିଅ ମଧ୍ୟ ଯୌନ ଶୋଷଣର ଶିକାର ହେଲେ । ଅତୀତରେ ବିଶ୍ୱବିଦ୍ୟାଳୟମାନଙ୍କ ଅଧୀନରେ ମହାବିଦ୍ୟାଳୟମାନେ ରହିଥିଲେ ଏବଂ ସେମାନଙ୍କ ପରୀକ୍ଷା ନିୟନ୍ତ୍ରଣ ବିଶ୍ୱବିଦ୍ୟାଳୟ କରୁଥିଲା । ତେଣୁ ଏତେଟା ଦୁର୍ନୀତି ଏବଂ ଶୋଷଣ ହୋଇ ପାରୁନଥିଲା ।

ମୃତାଛାତ୍ରୀ ସୌମାଶ୍ରୀଙ୍କର ଜଣେ ସହପାଠିନୀଙ୍କ ଗଣମାଧ୍ୟମରେ ଦେଇଥିବା ବୟାନରୁ ଜଣାଯାଏ, ସୌମ୍ୟାଶ୍ରୀଙ୍କ ସପକ୍ଷରେ ୧୨ ରୁ୧୫ ଜଣ ଛାତ୍ରଛାତ୍ରୀ ଥିବା ବେଳେ ବିଭାଗୀୟ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କ ସପକ୍ଷରେ ୩୦୦ ଛାତ୍ରଛାତ୍ରୀ ଥିଲେ । ସେମାନେ ହୁଏତ ନିଜର ସ୍ୱାର୍ଥ ସିଦ୍ଧି ଲାଗି ଅଧ୍ୟାପକଙ୍କ ସହିତ ଥିଲେ । କାରଣ ପରୀକ୍ଷାରେ ଫେଲ କରିଦେବାର ଭୟ ଥିଲା । ତେଣୁ ଆମର ଲୋକପ୍ରିୟ ସରକାରଙ୍କୁ ଅନୁରୋଧ ଏହାର ଆଶୁ ନିରାକରଣ କରାଗଲେ ଶିକ୍ଷାନୁଷ୍ଠାନର ଗୌରବ ପୁଣି ଫେରି ଆସିବ । ନଚେତ କେତେ ଯେ ସୌମ୍ୟାଶ୍ରୀ ଅଗ୍ନି ଦଗ୍ଧ ହେବେ କହି ହେବ ନାହିଁ ।

ସାକ୍ଷୀଗୋପାଳ(ପୁରୀ)
ମୋ: ୯୯୩୭୮୩୫୨୩୩

# ତିବ୍ବତରେ ବୌଦ୍ଧଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

ଦ୍ୱିତୀୟ-ବୁଦ୍ଧ କଥା



ରାଜା ସ୍ରଙ୍ଗ ବୌଦ୍ଧ ଗୁରୁ ଓ ବୌଦ୍ଧ ଗ୍ରନ୍ଥ ସନ୍ଧାନ ନିମିତ୍ତ ପ୍ରତିନିଧି ଦଳଙ୍କୁ ଭାରତ ଓ ଚୀନ ପଠାଇଲେ । ତିବ୍ବତରେ ଉପସ୍ଥିତ ଥିବା ଭାରତ, ନେପାଳ ଓ ଚୀନର ବୌଦ୍ଧ ଆଚାର୍ଯ୍ୟଗଣ ତଥା ଭାରତକୁ ଯାଇ ଶିକ୍ଷାଲାଭ କରିଥିବା ଥୋନ୍‌ମି ଏବଂ ତାଙ୍କର ଯୋଗ୍ୟ ଶିଷ୍ୟଗଣ ସମସ୍ତଙ୍କୁ ସଂଗୃହୀତ ଶାସ୍ତ୍ର ଓ ଧର୍ମଗ୍ରନ୍ଥଗୁଡ଼ିକର ଅନୁବାଦ ତଥା ସଂପାଦନା କାର୍ଯ୍ୟରେ ନିୟୋଜିତ କଲେ । କରଣ୍ଡବ୍ୟୁହସୂତ୍ର, ରତ୍ନମେଘସୂତ୍ର ଆଦି ଅନେକ ଗ୍ରନ୍ଥ ତିବ୍ବତର ନୂତନ ଲିପି ଓ ଭାଷା ବ୍ୟବହାର କରି ଅନୁବାଦ କରାଗଲା । ରାଜା ସ୍ରଙ୍ଗ ଦୀର୍ଘ ବର୍ଷ ଧରି ନିଜେ ତିବ୍ବତର ନୂତନ ଲିପି ଓ ଭାଷାର ଅଧ୍ୟୟନ ମଧ୍ୟ କରିଥିଲେ । ରାଜା ଅନେକ ଶାସ୍ତ୍ର ଓ ଧର୍ମଗ୍ରନ୍ଥ ଅଧ୍ୟୟନ କରିବା ସହ ଦେଶରେ ବହୁ ଧର୍ମୀୟ ଅନୁଷ୍ଠାନ ଓ ମଠ, ମନ୍ଦିର ଆଦି ପ୍ରତିଷ୍ଠା କରିଥିଲେ । ବୌଦ୍ଧଧର୍ମର ନୀତିକାନ୍ତି ଓ ଶିକ୍ଷଣୀୟ ବାଣୀ ଇତ୍ୟାଦି ବ୍ୟାପକ ଭାବେ ସମଗ୍ର ତିବ୍ବତରେ ପ୍ରସାରିତ କରାଇଥିଲେ । ରାଜା ସ୍ରଙ୍ଗ ଏବଂ ତାଙ୍କ ଦୁଇ ରାଣୀ ତିବ୍ବତରେ ବୌଦ୍ଧ ଧର୍ମର ବୀଜରୋପଣ କରିବା ସହ ଦେଶରେ ଶିକ୍ଷା, ସାଂସ୍କୃତିକ ବିକାଶ ଓ ସାମାଜିକ ସଂସ୍କାରର ଭିତ୍ତି ମଧ୍ୟ ସ୍ଥାପନ କରାଇଲେ । ରାଜା ସ୍ରଙ୍ଗଙ୍କୁ ତିବ୍ବତର ସଂରକ୍ଷକ ବୌଦ୍ଧ ଦେବତା ଅବଲୋକିତେଶ୍ୱରଙ୍କ ଅବତାର ଭାବରେ ଗ୍ରହଣ କରାଯାଇଥିଲା ।

ରାଜା ସ୍ରଙ୍ଗ୍‌ଙ୍କ ଶାସନ କାଳରେ ତିବ୍ବତରେ ବୌଦ୍ଧ ଧର୍ମକୁ ପ୍ରଚଳନ କରାଗଲା । ତିବ୍ବତୀୟ ଭାଷା ଓ ଲିପିକୁ ମଧ୍ୟ ପ୍ରଚଳନ କରାଗଲା । ଏହାବ୍ୟତୀତ ଅନ୍ୟ ଭାଷାର ଶାସ୍ତ୍ର ଓ ଧର୍ମ ଗ୍ରନ୍ଥସବୁ ଯାହା ମିଳିଲା ବ୍ୟାପକଭାବେ ତାହାକୁ ଲିପିବଦ୍ଧ କରାଯିବା କାର୍ଯ୍ୟ ମଧ୍ୟ ଆରମ୍ଭ ହେଲା । ବୌଦ୍ଧ ଧର୍ମକୁ ନିଜ ଦେଶରେ ପ୍ରଚଳିତ କରିବାରେ ରାଜାଙ୍କ ଉଦ୍ଦେଶ୍ୟ ଧାର୍ମିକ ଅପେକ୍ଷା ଅଧିକ ରାଜନୈତିକ ହିଁ ଥିଲା । ସେ ଚାହୁଁଥିଲେ ପଡ଼ୋଶୀ ଓ ବାହାର ଦେଶ ସହିତ ସାଂସ୍କୃତିକ ବିନିମୟ ତିବ୍ବତୀୟମାନଙ୍କର ବୃଦ୍ଧି ପାଉ, ଯାହା ସେହି ଅଞ୍ଚଳର ସଭ୍ୟତା ଓ ସଂସ୍କୃତିର ପ୍ରଭାବ ତିବ୍ବତୀୟମାନଙ୍କ ଉପରେ ପଡ଼ିବ ଏବଂ ସେମାନେ ସଭ୍ୟ, ସଂସ୍କୃତିସଂପନ୍ନ ଓ ମାର୍ଜିତ ତଥା ସଂସାରାଭିଜ୍ଞ ହୋଇପାରିବେ, ଯାହାଫଳରେ ଦେଶର ଉନ୍ନତି ସାଧନ ହୋଇପାରିବ । ସମାନ୍ତରାଳ ଭାବେ ରାଜା ସ୍ଥାନୀୟ ବନ ଧର୍ମକୁ ମଧ୍ୟ ଉତ୍ସାହିତ କରୁଥିଲେ । ସେଥିରେ ମଧ୍ୟ ରାଜାଙ୍କୁ ଦିବ୍ୟପୁରୁଷ ଭାବେ ବିବେଚନା କରାଯାଉଥିଲା । ରାଜା ଉଭୟ ଧର୍ମକୁ ପ୍ରଶ୍ରୟ ଦେଉଥିଲେ ମଧ୍ୟ ଯେହେତୁ ବନ୍ ତିବ୍ବତର ଦୀର୍ଘକାଳର ଧାର୍ମିକ ପରମ୍ପରା ଭାବେ ରହି ଆସିଥିଲା, ତାହାର ସମାଜରେ ଅଧିକ ପ୍ରଭାବ ରହିଥିଲା । ଏଣୁ ଉଭୟ ଧର୍ମ ମଧ୍ୟରେ ସଂଘର୍ଷ ଘଟିବା ମଧ୍ୟ ସ୍ୱାଭାବିକ ଥିଲା ।

ସେ ସମୟକୁ ସମଗ୍ର ଦେଶ ଏକଜୁଟ ଥିଲା । ପାଖ ପଡ଼ୋଶୀ ଛୋଟ ଛୋଟ ରାଜ୍ୟଗୁଡ଼ିକୁ ଜୟ କରି ତିବ୍ବତ ସହ ରାଜା ମିଶାଇ ଦେଇଥିଲେ । ପଡ଼ୋଶୀ ପ୍ରଭାବଶାଳୀ ଶାଙ୍ଗ୍-ଶୁଙ୍ଗ ଅଞ୍ଚଳ ବନ୍ ଧର୍ମର ଗଡ଼ ଭଳି ରହିଥିଲା । ତାକୁ ମଧ୍ୟ ରାଜା ଜୟ କରି ତିବ୍ବତ ସହ ମିଶାଇ ଦେଇଥିଲେ । ତାହାର ଧର୍ମ ଓ ସଂସ୍କୃତି ମଧ୍ୟ ତିବ୍ବତୀୟ ଧର୍ମ ସଂସ୍କୃତି ସହ ମିଶି ପ୍ରଭାବ ବିସ୍ତାର କଲା । କ୍ରମେ ବନ୍ ଧର୍ମ ବିଦେଶୀ ବୌଦ୍ଧ ଧର୍ମକୁ ପ୍ରତିରୋଧ କରିବାକୁ ଲାଗିଲା । ରାଜା ସ୍ରଙ୍ଗଙ୍କ ତିରୋଧାନ ପରେ ତିବ୍ବତରେ ବୌଦ୍ଧଧର୍ମ ଆଗକୁ ବଢ଼ି ପାରିଲା ନାହିଁ । ବନ୍ ଧର୍ମ ଅଧିକ ପ୍ରଭାବଶାଳୀ ଭାବେ ଉଭା ହେବାରେ ଲାଗିଲା ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

### ବ୍ରାହ୍ମଣୀ, ଖରସ୍ରୋତା, କାଣୀ ନଦୀରେ ବନ୍ୟା

# ଗାଁ ଦାଣ୍ଡକୁ ଉଠି ଆସିଲେ କୁମ୍ଭୀର



### ପଟ୍ଟାମୁଣ୍ଡାଇ, ରାଜନଗରର ବହୁ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ

### ବିଦ୍ୟୁତ୍ ସେବା ବ୍ୟାହତ, ପାନୀୟଜଳ ପାଇଁ ଲୋକେ ହନ୍ତସନ୍ତ

### ପୌରାଞ୍ଚଳ ବୁଲି ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

**ପଟ୍ଟାମୁଣ୍ଡାଇ/ରାଜନଗର, ୧୮।୭(ସମିସ):** ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଯୋଗୁଁ ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକ୍‌ର ବହୁ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ପଟ୍ଟାମୁଣ୍ଡାଇ ପୌରପରିଷଦର ୯ଟି ୱାର୍ଡ ଓ ୧୪ଟି ପଞ୍ଚାୟତର ଲୋକ ଏବଂ ରାଜନଗର ବ୍ଲକ୍‌ର ୨୦ରୁ ଅଧିକ ଗାଁ ପାଣି ଘେରରେ ରହିଛି। ଗାଁ ରାସ୍ତା ପାଣିରେ ବୁଡ଼ି ରହିଥିବାରୁ ଯାତାୟାତ ଠପ୍ ହୋଇଯାଇଛି। ବିଦ୍ୟୁତ୍ ସେବା ମଧ୍ୟ ବ୍ୟାହତ ହୋଇଛି। ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏପରିକି, ବନ୍ୟାପାଣିରେ କିଛି କୁମ୍ଭୀର ଗାଁକୁ ଉଠି ଆସିଥିବା ଦେଖିବାକୁ ମିଳିଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅପରପକ୍ଷେ, ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ପୌରାଞ୍ଚଳ ବୁଲି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି।

ସପ୍ତାହେ ଧରି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବନ୍ୟା ପରିସ୍ଥିତି ଲାଗି ରହିଛି। ଯାତାୟାତ, ବିଦ୍ୟୁତ ଓ ପାନୀୟ ଜଳ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ପୌର ପରିଷଦର ୯ଟି ୱାର୍ଡ ପ୍ରଭାବିତ ହୋଇଥିବା ବେଳେ ୧୧ ହଜାର ଲୋକ ବିପନ୍ନ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତର ୫୦ହଜାରରୁ ଊର୍ଦ୍ଧ୍ୱ ଲୋକ ଓ ୧୫ହଜାର ଗୃହପାଳିତ ପଶୁ ଜଳବନ୍ଦୀ ଅଛନ୍ତି। ଡାମରପୁର, ଶ୍ରୀରାମପୁର ଓ ବଳଭଦ୍ରପୁର ପଞ୍ଚାୟତରେ ସ୍ଥିତି ବେହାଲ ହୋଇଛି। ଯାତାୟାତ ଓ ପାନୀୟଜଳ ସମସ୍ୟା ଯୋଗୁଁ ଲୋକମାନେ ଅସୁବିଧା ଭୋଗୁଛନ୍ତି। ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର, ରାଉଳିଆଡିଆ, ପାଣିସାଉଁଳିଆ ଆଦି ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ସେହିପରି ଅଳପୁଆ ପଞ୍ଚାୟତର ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତାସିଂହ ସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳସାହି, ନାଥସାହି, ମଲିକସାହି, ଘାଗରାଡିଆ ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି ଦାଣ୍ଡିସାହି, ଅଣ୍ଡରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ପାଣିଘେରରେ ଥିବା ବେଳେ ହଜାରହଜାର ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି।

ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ତନୁପୁର ରାସ୍ତା ବୁଡ଼ିଯାଇଥିବାରୁ ବାଲିପାଟଣା, ଖଡ଼ିପାଳ, ତନୁପୁର, ନନ୍ଦିନୀନଗରର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ପଟ୍ଟାମୁଣ୍ଡାଇ ବ୍ଲକର ବାଛରା ପଞ୍ଚାୟତ ମଣ୍ଡପଡା-ବାଛରା ରାସ୍ତା ବୁଡିଯାଇଥିବାରୁ ବାଛରା, ମଣ୍ଡପଡା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ସେହିପରି ରାଜନଗର ବ୍ଲକ୍ ଅନ୍ତର୍ଗତ ୪ଟି ପଞ୍ଚାୟତ ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁରର ୨୦ଟି ଗାଁ ପାଣି ଘେରରେ ରହିଛି। ଗାଁ ରାସ୍ତାରେ ୪ ଫୁଟ ଉଚ୍ଚର ପାଣି ଚାଲୁଛି। ବନ୍ୟା ଯୋଗୁଁ ଫସଲ କ୍ଷତିଗ୍ରସ୍ତ ହୋଇଛି।

ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ନନ୍ଦିନୀନଗର, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଟା, ବାଲିପଡ଼ା, ନୂଆଗାଁ, କାକୁଡ଼ିପଲ୍ଲୀ ସମେତ ବ୍ଲକର ବାଛରା ପଞ୍ଚାୟତର ମଣ୍ଡପଡା, ବାଛରା ଗ୍ରାମକୁ ବୋଟ ଯୋଗେ ଯାଇ ବନ୍ୟା ସ୍ଥିତି ଓ ବିପନ୍ନ ଲୋକଙ୍କ ଅବସ୍ଥା ଅନୁଧ୍ୟାନ କରିଥିଲେ। ବିଧାୟକଙ୍କ ସହ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଯୁବନେତା ଦିଲ୍ଲୀପ ସେଠୀ କାଉନସିଲର ପ୍ରଶାନ୍ତ ବାରିକ, ପ୍ରିୟଙ୍କା ସେଠୀ, ମଧୁସ୍ମିତା ମଲିକ, ସୁଧାମୟ ମଲିକ ପ୍ରମୁଖ ବନ୍ୟାବିପନ୍ନ ବିଭିନ୍ନ ୱାର୍ଡ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଧାୟକ ଶ୍ରୀ ସାହୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବନ୍ୟା ବିପନ୍ନ ୯ଟି ୱାର୍ଡର ଲୋକଙ୍କୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବିପନ୍ନ ଲୋକଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି।

### ପ୍ରସୂତି ମୃତ୍ୟୁକୁ ନେଇ ଉତ୍ତେଜନା

# ନର୍ସିଂହୋମରେ ଭଙ୍ଗାରୁଜା



ଶବ ରଖି ଜୟପୁର-ଜଗତସିଂହପୁର ରାସ୍ତା ଅବରୋଧ

**ଜଗତସିଂହପୁର, ୧୮।୭ (ସମିସ):** ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଜଣେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ଉତ୍ତ୍ୟକ୍ତ ଲୋକେ ସମ୍ପୃକ୍ତ ନର୍ସିଂହୋମରେ ଭଙ୍ଗାରୁଜା କରିବା ସହିତ ପ୍ରାୟ ୨ ଘଣ୍ଟା ଧରି ରାସ୍ତାରେ ଶବ ରଖି ଅବରୋଧ କରିଥିଲେ।

ସୂଚନା ମୁତାବକ, ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରଡ଼ା ଗ୍ରାମର ସସ୍ମିତା ସ୍ୱାଇଁ ନାମକ ଜଣେ ମହିଳା ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଭୂୟାଁଙ୍କ ନିକଟରେ ଚିକିତ୍ସିତ ହେଉଥିଲେ। ଗର୍ଭଧାରଣାର ୫ ମାସ ପରେ ଅଲ୍ଟ୍ରାସାଉଣ୍ଡ ସମୟରେ ଗର୍ଭରେ ଛୁଆ ନଷ୍ଟ ହୋଇଯାଇଥିବା ଡାକ୍ତର ଭୂୟାଁ କହିବା ସହିତ ଚର୍ଚ୍ଚିକା ବଜାରସ୍ଥ ସାଇଶ୍ରଦ୍ଧା ନର୍ସିଂହୋମରେ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ୧୭ ତାରିଖ ଦିନ ୧.୩୦ ସମୟରେ ଅସ୍ତ୍ରୋପଚାର ହୋଇଥିଲା। ତେବେ ଅସ୍ତ୍ରୋପଚାର ପରେ ରକ୍ତସ୍ରାବ ବନ୍ଦ ନ ହେବାରୁ ସସ୍ମିତାଙ୍କୁ ଏକ ଘରୋଇ ଆମ୍ବୁଲାନ୍ସରେ ଚିକିତ୍ସା ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ନ ଦେଇ କଟକ ରେଫର କରିଥିଲେ ନର୍ସିଂହୋମ କର୍ତ୍ତୃପକ୍ଷ ଓ ଡାକ୍ତର ଭୂୟାଁ। ଆମ୍ବୁଲାନ୍ସ କଲେଜ ଛକରେ ଖରାପ ହୋଇଯାଇଥିବାବେଳେ ଆଉଏକ ଘରୋଇ ଆମ୍ବୁଲାନ୍ସରେ ରୋଗୀଙ୍କୁ କଟକ ନିଆଯାଇଥିଲା। ମାତ୍ର ସାଇଶ୍ରଦ୍ଧା ନର୍ସିଂହୋମ କର୍ତ୍ତୃପକ୍ଷ ଚିକିତ୍ସା ସମ୍ବନ୍ଧୀୟ କୌଣସି କାଗଜପତ୍ର ଦେଇ ନ ଥିବାରୁ କୌଣସି ନର୍ସିଂହୋମ ତାଙ୍କୁ ଆଡ଼ିମିଶନ କରି ନ ଥିଲେ। ପରିବାର ଲୋକ ରୋଗୀକୁ ଏସସିବି ମେଡ଼ିକାଲକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ତ୍ରୁଟିପୂର୍ଣ୍ଣ ଚିକିତ୍ସା ଅଭିଯୋଗ**

ସାଇଶ୍ରଦ୍ଧା ନର୍ସିଂହୋମର ତ୍ରୁଟିପୂର୍ଣ୍ଣ ଚିକିତ୍ସା ଓ ବିନା କାଗଜପତ୍ରରେ କଟକ ରେଫର କରିଥିବାରୁ ପ୍ରସୂତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆଣି ସସ୍ମିତାଙ୍କ ପରିବାର ଓ ସ୍ଥାନୀୟ ଲୋକ ନର୍ସିଂହୋମ ସମ୍ମୁଖ ଜଗତସିଂହପୁର-ଜୟପୁର ରାସ୍ତାରେ ଶବ ରଖି ପ୍ରତିବାଦ କରିବା ସହିତ ନର୍ସିଂହୋମରେ ପଶି ଭଙ୍ଗାରୁଜା କରିଥିଲେ। ସାଇଶ୍ରଦ୍ଧା ନର୍ସିଂହୋମ କର୍ତ୍ତୃପକ୍ଷ ଓ ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କୁ ଗିରଫ ସହିତ ଉପଯୁକ୍ତ କ୍ଷତିପୂରଣ ଦାବି କରି ୨ ଘଣ୍ଟା ଧରି ରାସ୍ତାରୋକ କରାଯାଇଥିଲା। ପରେ ସସ୍ମିତାଙ୍କ ସ୍ୱାମୀ ଘଟଣା ସମ୍ପର୍କରେ ଜଗତସିଂହପୁର ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ପ୍ରଦାନ ପାଇଁ ଦାବି ଜଣାଇଛନ୍ତି।

## ଫାର୍ମାସିଷ୍ଟମାନଙ୍କ ପାଇଁ ଦୁଇ ଦିବସୀୟ ତାଲିମ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୮।୭(ସମିସ):** ଶ୍ରମ ବିଭାଗ ପକ୍ଷରୁ ରାଜ୍ୟ ଶ୍ରମ ସଂସ୍ଥାନ ଆନୁକୂଲ୍ୟରେ ଓ କର୍ମଚାରୀ ରାଜ୍ୟ ବୀମା ଯୋଜନା ନିର୍ଦ୍ଦେଶାଳୟ ସହଯୋଗିତାରେ ଫାର୍ମାସିଷ୍ଟମାନଙ୍କ ନିମନ୍ତେ ଏକ ଦୁଇ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇଛି। ଏହି ତାଲିମ କାର୍ଯ୍ୟକ୍ରମକୁ ଶ୍ରମ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ନିର୍ଦ୍ଦେଶିକା ମଧୁମିତା ନାୟକ ଉଦଘାଟନ କରିଥିଲେ। ଫାର୍ମାସିଷ୍ଟମାନଙ୍କୁ ସେମାନଙ୍କର କାର୍ଯ୍ୟଶୈଳୀ ଓ ଦକ୍ଷତା ବିକାଶ ପାଇଁ ଏହି କର୍ମଶାଳାର ଆଲୋଚନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶ୍ରୀମତୀ ନାୟକ କର୍ମଚାରୀ ରାଜ୍ୟ ବୀମା ଯୋଜନା, ଓଡ଼ିଶା ଫାର୍ମାସିଷ୍ଟମାନଙ୍କୁ ରୋଗୀମାନଙ୍କ ପ୍ରତି ସମ୍ବେଦନଶୀଳ ଓ କର୍ତ୍ତବ୍ୟ ପରାୟଣ ହେବାକୁ ଅନୁରୋଧ କରିଥିଲେ। ଶ୍ୱେତାଲିନୀ ଆସେ ଧନ୍ୟବାଦ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ରାଜ୍ୟର ବିଭିର୍ନ ପ୍ରାନ୍ତରୁ ୨୫ ଜଣ ଫାର୍ମାସିଷ୍ଟ ଯୋଗଦାନ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଉପଭୋକ୍ତା ମହାସଂଘର ଚିଠି

## ବିହାର ଦେଲା ମାଗଣା ବିଜୁଳି; ଓଡିଶାରେ କେବେ?

**ଭୁବନେଶ୍ୱର, ୧୮।୭(ସମିସ):** ବିହାରର ବିଜେପି-ଜେଡିୟୁ ସରକାଙ୍କ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ତାଙ୍କ ରାଜ୍ୟରେ ୧୨୫ ୟୁନିଟ୍ ମାଗଣା ବିଜୁଳି ଅଗଷ୍ଟ ୧ରୁ ଲାଗୁ ହେବ ବୋଲି ଘୋଷଣା କରିଛନ୍ତି। କିନ୍ତୁ ଦୁଃଖର କଥା, ବିଜୁଳି ଉତ୍ପାଦନର ରାଜ୍ୟ ଓଡ଼ିଶାରେ ମାଗଣା ବିଜୁଳି ଦିଆଗଲା ନାହିଁ। ସରକାରକୁ ଆସିବା ପୂର୍ବରୁ ରାଜ୍ୟବାସୀଙ୍କୁ ବିଜେପି ମାଗଣା ବିଜୁଳି ଦେବାକୁ ପ୍ରତିଶୃତି ଦେଇଥିଲା। ୧୩ ମାସ ହେଲା ସରକାର ଆସିଲାଣି; କିନ୍ତୁ ଏହା କାର୍ଯ୍ୟକାରୀ ହେଲା ନାହିଁ। ତେଣୁ କେବେ ଓଡ଼ିଶା ସରକାର ରାଜ୍ୟବାସୀଙ୍କୁ ମାଗଣା ବିଜୁଳି ଦେବେ, ତାକୁ ନେଇ ପ୍ରଶ୍ନ କରିଛି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ। ସମ୍ପାଦକ ରବି ବେହେରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଓଡ଼ିଶାରେ ଅନ୍ତତଃ ୨୦୦ ୟୁନିଟ୍ ବିଜୁଳି ମାଗଣାରେ ଦେବା ପାଇଁ ଦାବି କରିଛନ୍ତି।

## ରାଜସ୍ଥାନରୁ ଉଦ୍ଧାର ଯୁବତୀଙ୍କୁ ପରିବାରକୁ ହସ୍ତାନ୍ତର

**କୋକସରା, ୧୮।୭(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ଲଡୁଗାଁ ଅଞ୍ଚଳର ଜଣେ ଯୁବତୀ ରାଜସ୍ଥାନରୁ ଉଦ୍ଧାର ପରେ ଘରକୁ ଫେରିଛନ୍ତି। ପୁଲିସ ଉପସ୍ଥିତିରେ ତାଙ୍କୁ ତାଙ୍କ ପରିବାରଲୋକଙ୍କ ଜିମା ଦିଆଯାଇଛି। ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ଦେଖି ସେ ଚାକିରି କରିବାକୁ ରାଜସ୍ଥାନ ଯାଇଥିଲେ; ହେଲେ ଚାକିରି ଆଶା ଦେଖାଇ ଡାକିଥିବା ଯୁବକ ସେଠାରେ ନିର୍ଯାତନା ଦେଇଥିଲେ। ଯୁବତୀଜଣକ ସ୍ଥାନୀୟ ପ୍ରତାପନଗର ଥାନାରେ ପହଞ୍ଚି ଏ ବାବଦରେ ଜଣାଇଥିଲେ। ଏହାସହ ଫୋନ୍‌ରେ ତାଙ୍କ ପରିବାର ଲୋକଙ୍କୁ ଏ ନେଇ ଜଣାଇଥିଲେ। ପରିବାର ଲୋକେ କୌଣସି ଉପାୟ ନ ପାଇ କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କୁ ଭେଟିଥିଲେ। ଝିଅକୁ ଉଦ୍ଧାର ଲାଗି ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଶ୍ରୀ ଅଗ୍ରୱାଲ ଏହି ଘଟଣାକୁ ଗୁରୁତର ସହ ନେଇଥିଲେ। ଏହାପରେ ସେ କଳାହାଣ୍ଡି ଜିଲ୍ଲା ପ୍ରଶାସନର ହସ୍ତକ୍ଷେ ଲୋଡିଥିଲେ। ଏହାସହ ରାଜସ୍ଥାନ ଯାଇ ସେଠାକାର ପୁଲିସ ସହଯୋଗରେ ଯୁବତୀଙ୍କୁ ଉଦ୍ଧାର କରିଥିଲେ। ବିମାନ ଯୋଗେ ଯୁବତୀଙ୍କୁ ଧରି ଫେରିବା ପରେ ଶୁକ୍ରବାର କୋକସରା ଥାନାରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଖରସ୍ରୋତାରୁ ନିଖୋଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**ସିଂହପୁର, ୧୮।୭(ସମିସ):** ଖରସ୍ରୋତା ନଦୀକୁ ଡେଇଁ ନିଖୋଜ ହୋଇଯାଇଥିବା ଛାତ୍ରୀଙ୍କ ମୃତଦେହ ଆଜି ଉଦ୍ଧାର କରାଯାଇଛି। ସିଂହପୁର ନିକଟବର୍ତ୍ତୀ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସୁଧାଂଶୁ ଶେଖର ମିଶ୍ରଙ୍କ ଝିଅ ସସ୍ମିତା ଗତକାଲି ମଧ୍ୟାହ୍ନରେ ଖରସ୍ରୋତା ନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଗତକାଲିଠାରୁ ଓଡ୍ରାଫ ଟିମ୍ ଓ ବିଞ୍ଝାରପୁର ପୁଲିସ ଖୋଜାଖୋଜି ଜାରି ରଖିଥିଲେ। ତେବେ ଆଜି ଅପରାହ୍ନରେ ନଦୀରେ ବୁଡ଼ିବାର ୩୦୦ ମିଟର ଦୂର ଯାଜପୁର ଜିଲ୍ଲାର ଚନ୍ଦନପୁର ଗ୍ରାମ ନିକଟ ନଦୀରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବିଞ୍ଝାରପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଯାଜପୁରକୁ ବ୍ୟବଛେଦ ପାଇଁ ପଠାଇଛନ୍ତି।

# ଭାଇବୋହୂକୁ ହାଣିଦେଲା ଦେଢ଼ଶୁର

**କଲ୍ୟାଣସିଂହପୁର, ୧୮।୭(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର ଡେପାଗୁଡ଼ା ଗ୍ରାମରେ ଦେଢଶୁରର କୋଡ଼ି ଚୋଟରେ ଭାଇବୋହୂର ମୃତ୍ୟୁ ଘଟିଛି।

ପରିବାର ଲୋକଙ୍କ କହିବା ଅନୁଯାୟୀ, ଆଜି ସକାଳେ ବୈମାଝୀ ପ୍ରେପକା ନିଜ ବିଲକୁ କାମ କରିବାକୁ ଯାଇଥିଲେ। ତାଙ୍କ ସ୍ତ୍ରୀ ସୌଲେନ୍ଦ୍ରି ସାରକା (୩୫) ଘରେ ରୋଷେଇ କରୁଥିଲେ। ଦେଢ଼ଶୁର ଲତ୍ରା ପ୍ରେପକା (୬୦) ଧରିଥିବା କୋଡ଼ିରେ ଭାଇବୋହୂର ମୁଣ୍ଡରେ ଦୁଇ ଚୋଟ ମାରିଥିଲେ। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ରୋଷେଇ ଘରେ ପଡିରହିଥିଲା। ପ୍ରେପକା ଏହି ହତ୍ୟାକାଣ୍ଡ ବିଷୟରେ ପରିବାର ଲୋକଙ୍କୁ କହିଥିଲେ ମଧ୍ୟ ସେମାନେ ବିଶ୍ୱାସ କରି ନଥିଲେ। ତେବେ ସେ ବାରମ୍ବାର କହିବାରୁ ପିଲାମାନେ ଯାଇ ସୌଲେନ୍ଦ୍ରି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିବା ଦେଖିଥିଲେ।। ଖବର ପାଇ ସ୍ୱାମୀ ବୈମାଝୀ ଘଟଣାସ୍ଥଳରେ ପହଞ୍ଚି ସଙ୍ଗେ ସଙ୍ଗେ ରୋଗୀବୁହା ଗାଡି ଯୋଗେ ତାଙ୍କୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଚିନ୍ମୟ ନାୟକ ପ୍ରାଥମିକ ଚିକିତ୍ସା କରି ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

**ଜମିବାଡ଼ି ବିବାଦ**

ପୂର୍ବରୁ ପରିବାର ମଧ୍ୟରେ ଜମିଜମା ଗଣ୍ଡଗୋଳ ଲାଗିରହିଥିଲା। ଆଜି ସକାଳୁ ବିଲରେ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। ରାଗରେ ଆସି କୋଡ଼ି ଧରି ରଷେଇ ଘରେ ଭାଇବୋହୂକୁ ଆକ୍ରମଣ କରିଥିବା ଲତ୍ରା କହିଛନ୍ତି। ବୈମାଝୀ ପ୍ରେପକା ଶିକ୍ଷକତା କରୁଥିବା ବେଳେ ସ୍ତ୍ରୀ ସୌଲେନ୍ଦ୍ରି ସାରକା କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସଦର ମହକୁମାରେ (ଏଏନ୍‌ଏମ୍) ମହିଳା ସ୍ୱାସ୍ଥ୍ୟ କର୍ମୀ ଭାବେ କାର୍ଯ୍ୟରତ। ଡେପାଗୁଡା ଗ୍ରାମରେ ପୁଲିସ ଅଧିକାରୀ ନୀଳକଣ୍ଠ ବେହେରା ପହଞ୍ଚି ତଦନ୍ତ ଚଳାଇଛନ୍ତି। ଭାଇବୋହୁର ମୃତ୍ୟୁ ଖବର ଶୁଣିବା ପରେ ନିଜେ ମାରିଥିବ କୋଡ଼ି ଧରି ଥାନାରେ ଦେଢଶୁର ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସ୍ଥାନୀୟ ପୁଲିସ ରାୟଗଡା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରି ହତ୍ୟା ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

**AFFIDAVIT**

Apana By virtue of an affidavit before the Notary Public, Titilagarh, on dated-02/07/2025. I, **Bigantha Kharsel,** aged about 57 years, S/o Late Pitho, resident of At/Po- Bhatipada, P.S. Titilagarh, Dist-Bolangir (Odisha) affirm that, my actual name is **Bigantha Kharsel,** S/o. Pitho which is mentioned in my Railway service record but in my Aadhar Card my name has been mentioned as **Biganath Kharsel**, S/o. Pita Kharsel instead of **Bigantha Kharsel,** S/o. Pitho. That, **Bigantha Kharsel**, S/o. Pitho and **Biganath Kharsel**, S/o. Pita Kharsel is same and one person. Henceforth, I shall be known as **Bigantha Kharsel**, S/o. Pitho for all future purposes.

**Bigantha Kharsel**

**IN THE COURT OF THE CIVIL JUDGE (SENIOR DIVISION) ANGUL**
**CIVIL SUIT NO: 195 /2020**
Kumudini Naik
Versus
Prabhakar Naik and others

**DRAFT NOTICE**
U/O 5, RULE 20 OF CIVIL PROCEDURE CODE.

To,
D.5. Sharat Naik, Aged about 45 years, Vill: Amantapur, P.O.: Bimalbeda, P.S: Jarpada, Dist: Angul
Bibhuti Behera, Aged about 40 years, Son of Late Niladri Behera, Vill: Amantapur, P.O.: Bimalbeda, P.S: Jarpada, Dist: Angul
Whereas the above named Plaintiff filed a suit for registration of a sale deed and other reliefsYou are hereby noticed to appear in this Court in person or by a pleader duly instructed and able to answer all material questions relating to the case, or who shall be accompanied by some persons able to answer all such questions, on the 03rd day of September 2025, at 10 ½ O' clock in the forenoon, to answer the claim if any; and directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set-off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter claim, you shall enter such documents in a list to be annexed to the written statement.
Take notice that, in default of your appearance on the day before mentioned, the suit will be heard and determined in your absence.
Given under my hand and the seal of the Court, this 11th day of July 2024.

**Sd/- Court of the Civil Judge (Sr. Divn) Angul**

**AFFIDAVIT**

I Arun Kumar Patra, S/o- Dibakar Patra, Village- Palusia, Po-Gopinathpur, Ps-Bhograi, Dist-Balasore declared by affidavit before Executive Magistrate, Bhograi, No. 2531/ 2025 that my daughter name as Hena Patra in her Birth and Matric certificate, that wrongly mentioned as Henarani Patra in Aadhar. Hena Patra and Henarani Patra is one & same person. Hence she shall be known as **Hena Patra** for all future purposes.

**AFFIDAVIT**

I, Manoj Kumar Samal, S/o- Dinabandhu Samal, resident of Plot No- 68, Sector-2, Niladri Vihar, Ps- Chandrasekarpur, Bhubaneswar, Pin-751021, Dist- Khordha, Odisha declare by this affidavit No-1386, date-14/07/2025 that now onwards I shall be known as **MANOJ SAMAL** for all future purposes.

**AFFIDAVIT**

By virtue of affidavit no . 8219 , sworn before Executive Magistrate, SADAR CUTTACK dated 18/07/2025, I, Jatadhari Sukula, S/o- Manu Sukula permanent resident of At/Po-NUAGARH, P.S-ASTARANGA, DIST-PURI, Odisha, Pin-752109 declare that I have changed the name of my daughter from Rajshree Sukula to Rajashree Sukula. Henceforth she shall be known as **Rajashree Sukula** for all purpose.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, no.830, dtd. 18/07/2025, I, Sri Gedala Venkat, S/o-Sri G. Babu Rao, resident of R.K. Colony, Nabarangpur state that, my original name's spelling is **Gedala Venkat** but in my son **Gedila Rohit Kumar**'s PM Shri Kendriya Vidyala school record my name has been wrongly recorded as **Gedila Venkat** instead of **Gedala Venkat**. Hence **Gedila Venkat** and **Gedala Venkat** is one and same person.

**AFFIDAVIT**

By virtue of an affidavit sworn before The Notary Public, Titilagarh on dated- 15/07/2025. I, **Mamata Majhi** (new name), W/o- Laxman Majhi, Address: At-Sikuan, PO- Marlad, PS-Titilagarh, Dist- Balangir (Odisha), PIN- 767066 declare that I have changed my name from **Lovely Majhi** (old name) To **Mamata Majhi** (new name). Henceforth, I shall be known as **Mamata Majhi** (new name) for all future purposes.

**(Mamata Majhi)**

**ହସ୍ତଶିଳ୍ପୀ ଇନ୍କ୍ୟୁବେସନ୍ କାର୍ଯ୍ୟକ୍ରମ**
KIIT-Technology Business Incubator (KIIT-TBI), Bhubaneswar

ଓଡିଶାର Applique (ଚାନ୍ଦୁଆ), Hand Painting (ହସ୍ତଚିତ୍ର), Ceramics/Terracotta (ସେରାମିକ୍ସ/ଟେରାକୋଟା) ଓ Silver Filigree (ରୁପା ତାରକସି) ଶିଳ୍ପୀ ଙ୍କ ପାଇ KIIT-TBI ଏବଂ ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର ଙ୍କ ମିଳିତ ଆନୁକୁଲ୍ୟ ରେ ଆୟୋଜିତ ହସ୍ତଶିଳ୍ପୀ ଇନ୍କ୍ୟୁବେସନ୍ କାର୍ଯ୍ୟକ୍ରମ ରେ ଚୟନ ପାଇ ଆବେଦନ କରନ୍ତୁ।

- ଚୟନ ତାରିଖ: ୨୨ ଜୁଲାଇ ୨୦୨୫
- ସ୍ଥାନ: କିଟ୍-ଟିବିଆଇ (KIIT-TBI), କ୍ୟାମ୍ପସ-୧୧, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
- ପ୍ରତି କଳାରୁ କେବଳ ୫ ଜଣ ମହିଳା ଶିଳ୍ପୀଙ୍କୁ ଚୟନ କରାଯିବ
- Stipend: ଦିନକୁ ଟଙ୍କା ୫୦୦.୦୦
- ଅବଧି: ୨.୫ ମାସ - ସମ୍ପୂର୍ଣନି: ଶୁଳ୍କ ଏବଂ ଆବାସିକ କାର୍ଯ୍ୟକ୍ରମ
- ଆବେଦନ ଲିଙ୍କ: https://sfurti.kiitincubator.in/

ବିବରଣୀ ଇମେଲ୍ କରନ୍ତୁ: debashis@kiitincubator.in. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ: 7751003502 / 9311429320

## ଅବଶିଷ୍ଟାଂଶ

### ପାସହାର ୯୦.୫୭%...

ବେଳେ ଛାତ୍ରଙ୍କ ୮୬.୧୬% ଓ ଛାତ୍ରୀଙ୍କ ୯୪.୦୯% ପାସହାର ରହିଛି। ସେହିପରି ବିଜ୍ଞାନରେ ୩୪୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧୧ଜଣ ପାସ କରିଛନ୍ତି।

ମୋଟ୍ ପାସହାର ୮୯.୩୬% ଥିବା ବେଳେ ଛାତ୍ରଙ୍କ ୮୮.୩୪% ଏବଂ ଛାତ୍ରୀଙ୍କ ପାସହାର ୯୦.୮୪% ରହିଛି। ବାଣିଜ୍ୟରେ ୧୩୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୩୨ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ଜଗତସିଂହପୁର ଜିଲାର ଶହେ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ନୂଆପଡ଼ାରେ ସର୍ବନିମ୍ନ ୩୩.୩୩ ପ୍ରତିଶତ ପିଲା ପାସ୍ କରିଥିବା ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି।

### ତିନି ତଦନ୍ତକାରୀ...

ତଦନ୍ତ ଆଜି ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଅନୁସନ୍ଧାନର ନିର୍ଯ୍ୟାସ କ'ଣ ବାହାରିବ, ସେନେଇ ସାଧାରଣରେ ଉତ୍କଣ୍ଠା ବଢ଼ି ଚାଲିଥିବା ବେଳେ ଏହି ଘଟଣା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସଂଶ୍ଳିଷ୍ଟ ଅନ୍ୟ ଅଭିଯୁକ୍ତଙ୍କ ଉପରୁ କେବେ ପରଦା ଉଠିବ, ସେନେଇ ଆଲୋଚନା ଜୋର୍ ଧରିଛି।

ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିବା କ୍ରାଇମ୍‌ବ୍ରାଞ୍ଚର ଗୋଟିଏ ଟିମ୍ ଆଜି ସୌମ୍ୟାଶ୍ରୀଙ୍କ ପୈତୃକ ବାସଭବନକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କରିଥିବା ବେଳେ ଅନ୍ୟ ଏକ ଟିମ୍ କଲେଜ କ୍ୟାମ୍ପସ୍‌ରେ ପୀଡ଼ିତା ଛାତ୍ରୀଙ୍କ ସହପାଠୀମାନଙ୍କୁ ଡାକି ପଚରାଉଚରା କରିଛି।

ଅନ୍ୟପକ୍ଷରେ ଘଟଣାର ପୁଙ୍ଖାନୁପୁଙ୍ଖ ରିପୋର୍ଟ ସଂଗ୍ରହ କରିବା ପାଇଁ ଦିଲ୍ଲୀରୁ ୟୁଜିସିର ଚାରିଜଣିଆ ଏକ ଫ୍ୟାକ୍ଟଫାଇଣ୍ଡିଂ ଟିମ୍ ଆଜି ବାଲେଶ୍ୱରରେ ପହଞ୍ଚିଛି। କମିଟି ଅଧ୍ୟକ୍ଷ ପ୍ରଫେସର୍ ରାଜକୁମାର ମିତ୍ତଲଙ୍କ ନେତୃତ୍ୱରେ ସଦସ୍ୟା ପ୍ରଫେସର୍ସୁ କ୍ଷମା ଯାଦବ, ଡ. ନିରୋଜ ଗୁପ୍ତା, ୟୁଜିସିର ଯୁଗ୍ମସଚିବ ତଥା କମିଟିର ସଂଯୋଜକ ଡ. ଅସୀମା ମଙ୍ଗଲା ପ୍ରମୁଖ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜକାନ୍ତ ପାଢ଼ୀଙ୍କ ସହ ମାମଲାର ବିଭିନ୍ନ ଦିଗକୁ ନେଇ ଆଲେଚନା କରିଛନ୍ତି। ଏହାସହ ସୌମ୍ୟାଶ୍ରୀଙ୍କୁ ନିର୍ଯାତନା ଘଟଣା ବାବଦରେ ତଥ୍ୟ ସଂଗ୍ରହ କରିବା ସହ ଆତ୍ମାହୁତିର ବିଭିନ୍ନ ଦିଗ ଉପରେ ରିପୋର୍ଟ ସଂଗ୍ରହ କରିଛନ୍ତି। ସେହିପରି ପୀଡ଼ିତା ଛାତ୍ରୀଙ୍କ ସହପାଠୀମାନଙ୍କ ସହ ଆଲୋଚନା କରି ତଥ୍ୟ ସଂଗ୍ରହ କରିବା ସହ ଆଗକୁ ଏଭଳି ସମ୍ବେଦନଶୀଳ ଘଟଣା ଯେମିତି ନଘଟିବ, ସେନେଇ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର୍ ପାଢ଼ୀଙ୍କ ସହ ଆଲୋଚନା କରିଛନ୍ତି। ଆସନ୍ତାକାଲି ଏହି ଟିମ୍‌ର ସଦସ୍ୟମାନେ ଦୁଇ ଭାଗରେ ବିଭକ୍ତ ହୋଇ ପୃଥକ୍ ପୃଥକ୍ ସ୍ଥାନରୁ ତଥ୍ୟ ସଂଗ୍ରହ କରିବେ। ଗୋଟିଏ ଟିମ୍ ସୌମ୍ୟାଶ୍ରୀଙ୍କ ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କରିବାକୁ ଯିବ। ଅନ୍ୟ ଟିମ୍ କଲେଜ କ୍ୟାମ୍ପସ୍‌ର ଅନ୍ୟ ଦିଗ ଉପରେ ତଦନ୍ତ କରିବେ।

ସେହିପରି ଉଚ୍ଚଶିକ୍ଷା ବିଭାଗର ଆଉ ଏକ ଉଚ୍ଚସ୍ତରୀୟ କମିଟି ଆଜି ଅପରାହ୍ଣରେ ଆସି କଲେଜରେ ପହଞ୍ଚି ଘଟଣାର ଅନ୍ୟ ଦିଗ ଉପରେ ତଦନ୍ତକୁ ଆଗକୁ ବଢ଼ାଇଛନ୍ତି। କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସଦସ୍ୟମାନଙ୍କୁ ଗୋଟି ଗୋଟି କରି ପଚରାଉଚରା କରିଛନ୍ତି। ତେବେ କମିଟିର ସଦସ୍ୟ ଥିବା ତିନିଜଣ ଛାତ୍ରୀ ଆଜି ତଦନ୍ତରେ ସାମିଲ ହୋଇନାହାନ୍ତି। ଏହା ତଦନ୍ତକାରୀ କମିଟି ଓ କଲେଜ କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଡ. କାଳୀପ୍ରସନ୍ନ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍‌ରେ ବିଭାଗୀୟ ଯୁଗ୍ମ ସଚିବ ଡ. ମୌସୁମୀ ନାୟକ ଏବଂ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର୍ ଝୁମକି ରଥ ସାମିଲ ଅଛନ୍ତି। ସେମାନେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ର ସଦସ୍ୟ ସଦସ୍ୟାମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ଆଲୋଚନା କରିଥିବା ଜଣାପଡ଼ିଛି। ଆସନ୍ତାକାଲି ଟିମ୍ ଘଟଣାର ଅନ୍ୟ ଦିଗ ଉପରେ ତଦନ୍ତ କରିବ ବୋଲି ଜଣାପଡ଼ିଛି। ଅପରପକ୍ଷେ, ପୀଡ଼ିତାଙ୍କୁ ଆତ୍ମଦାହ ଭଳି ଜଘନ୍ୟ ନିଷ୍ପତ୍ତି ପାଇଁ ପ୍ରବର୍ତ୍ତାଇଥିବା ବ୍ୟକ୍ତିବିଶେଷ ଏବଂ ଏଭଳି ସମ୍ବେଦନଶୀଳ ଘଟଣାକୁ ଚାପି ଦେବାକୁ ରହିଥିବା ଅଦୃଶ୍ୟ ଚାପ ଆଦି ଉପରୁ ତିନିଟି ଯାକ ତଦନ୍ତକାରୀ ଟିମ୍ କେମିତି ପରଦାଉଠାଉଛନ୍ତି, ତାହା ସଭିଁଙ୍କ ଅପେକ୍ଷାରେ ରହିଛି। ଏଜେନ୍ସିଗୁଡ଼ିକର ତଦନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସ୍ଥିରୀକୃତ ହେବ ବୋଲି ସୂଚନା ମିଳିଛି।

### ହେଲ୍ପଲାଇନ ନମ୍ବର...

ହେଲ୍ପଲାଇନ ନମ୍ବର ପ୍ରଦର୍ଶନ କରାଯିବ। ଏଥିପାଇଁ ବିଭାଗ ପକ୍ଷରୁ ସମସ୍ତ କୁଳସଚିବ ଓ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଓ ପ୍ରତିକାର) ଅଧିନିୟମ, ୨୦୧୩ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଏହାସହ ଛାତ୍ରୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ସଚେତନତା କର୍ମଶାଳା ହେବ। କର୍ମଶାଳାରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟ ଉପସ୍ଥିତ ରହିବେ। କର୍ମଶାଳାର ବିସ୍ତୃତ ବିବରଣୀ ୩ଦିନ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବାକୁ କୁହାଯାଇଛି।

### ୬୪ କୋଟିର...

ସୂଚନାଯୋଗ୍ୟ ଯେ କମିସନି କାରବାର ଅଭିଯୋଗ ଆସିବା ପରେ ୧୯୮୭ରେ ଜେପିସି ତଦନ୍ତ ଆରମ୍ଭ ହେଲା। ୧୯୮୯ରେ ହୋଇଥିବା ଲୋକସଭା ନିର୍ବାଚନରେ ବୋଫର୍ସ ବିବାଦ ଘେରରେ ଥିବା ରାଜୀବ ଗାନ୍ଧୀ ସରକାରର ପତନ ଘଟିଥିଲା ଏବଂ ଭିପି ସିଂହ ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୯୦ରେ ସିବିଆଇ ଏହି ମାମଲାରେ ଏଫ୍‌ଆଇଆର ଦାଖଲ କରିଥିଲା। ୧୯୯୯ରେ ପ୍ରଥମ ଚାର୍ଜସିଟ୍ ଦାଖଲ ହୋଇଥିଲା। ଏଥିରେ ୱିନ୍ ଚଡ୍ଢା, ମଧ୍ୟସ୍ଥି ସାଜିଥିବା କ୍ୱାତ୍ରୋଚି, ପ୍ରତିରକ୍ଷା ସଚିବ ଭଟନାଗର ଏବଂ ବୋଫର୍ସ କଂପାନୀର ନାମ ଥିଲା। ୨୦୦୪ରେ ଦିଲ୍ଲୀର ଏକ କୋର୍ଟ ପ୍ରମାଣ ଅଭାବରୁ ରାଜୀବ ଗାନ୍ଧୀଙ୍କ ନାମ ବାଦ୍ ଦେଇଥିଲା। ୨୦୦୬ରେ ଭାରତ ସରକାରଙ୍କ ଅନୁରୋଧ କ୍ରମେ କ୍ୱାତ୍ରୋଚିଙ୍କୁ ଆର୍ଜେଣ୍ଟିନାରେ ଅଟକ ରଖାଯାଇଥିଲା। କିନ୍ତୁ ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ନଥିବାରୁ କ୍ୱାତ୍ରୋଚିଙ୍କୁ ମୁକ୍ତ କରାଯାଇଥିଲା। ଶେଷରେ ୨୦୧୧ରେ ଦିଲ୍ଲୀର ସିବିଆଇ କୋର୍ଟ ଏହି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। କୋର୍ଟ କହିଥିଲେ ଯେ କ୍ୱାତ୍ରୋଚିଙ୍କ ପ୍ରତ୍ୟର୍ପଣ ପାଇଁ ସରକାରୀ ତହବିଲରୁ ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ଆଉ ଅଧିକ ଖର୍ଚ୍ଚ କରାଯିବା ସମ୍ଭବ ନୁହେଁ। ୧୯୯୩ରୁ ଭାରତ ଛାଡ଼ି ପଳାଇଥିବା କ୍ୱାତ୍ରୋଚିଙ୍କୁ ଆଉ ଅଣାଯାଇପାରିନଥିଲା।

ସକାଳ THE SAKALA



www.sakalaepaper.com

# ଟ୍ରକ୍ ଓଲଟି ଡ୍ରାଇଭର ମୃତ



ଆନନ୍ଦପୁର, ୧୮।୭ (ସମିସ): ୨୦ନମ୍ବର ଜାତୀୟ ରାଜପଥର କନ୍ତୋ ନିକଟରେ ଓଡି ୦୯ପି ୯୦୭୫ ନମ୍ବର ଲୁହାପଥର ବୋଝେଇ ଟ୍ରକ୍‌ଟି ଓଲଟିଯିବାରୁ ଘଟଣାସ୍ଥଳରେ ଡ୍ରାଇଭର ମନଦୀପ ଯାଦବ (୩୦)ଙ୍କ ମୃତ୍ୟୁ ହୋଇଯାଇଛି। କେନ୍ଦୁଝର ଖଣିରୁ ଲୁହାପଥର ବୋଝେଇ ହୋଇ ଆସୁଥିବା ଟ୍ରକ ଭାରସାମ୍ୟ ହରାଇ ପଲଟି ଯାଇଥିଲା। ଖବର ପାଇ ଘସିପୁରା ପୁଲିସ ମୃତଦେହକୁ ଆନନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ରୂପାନ୍ତରିତ ହେଲା ଗ୍ରାମପଞ୍ଚାୟତ ହାଇସ୍କୁଲ ମଛାଲୋ



ରାମଚନ୍ଦ୍ରପୁର, ୧୮।୭(ସମିସ): ଘଷିପୁରା ବ୍ଲକ ମଛାଲୋ ଗ୍ରାମପଞ୍ଚାୟତ ହାଇସ୍କୁଲକୁ ସ୍ମାର୍ଟ ବିଦ୍ୟାଳୟରେ ପରିଣତ କରାଯାଇଛି। ୧ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ରୂପାନ୍ତରଣ କାର୍ଯ୍ୟ ସମାପନ ହୋଇଥିବା ବେଳେ ଗୁରୁବାର ଏହାକୁ ମୁଖ୍ୟଅତିଥି ଭାବେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଉଦ୍‌ଘାଟନ କରିଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଶରତ ରାଉତ, ସମ୍ମାନିତ ଅତିଥି ଭାବେ ଘସିପୁରା ବିଡିଓ ବିନୀତା ବିଜୟିନୀ, ସ୍ଥାନୀୟ ସରପଞ୍ଚ ସୌମ୍ୟା ରାଉତ, ବିଦ୍ୟାଳୟ ସଭାପତି ରମେଶ ନାଥ ପ୍ରମୂଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଧନଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ଧର୍ମାଧି ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ବତନ ସରପଞ୍ଚ ମନୋଜ ଜେନା ସ୍ୱାଗତ ଅଭିଭାଷଣ ରଖିଥିଲେ। ଗ୍ରାମର ବରିଷ୍ଠ ଗିରିଧାରୀ ପାଣିଗ୍ରାହୀ, ଅଭିମନ୍ୟୁ ପଣ୍ଡା, ପ୍ରହ୍ଲାଦ ନାୟକ, ଦୀପ୍ତିରଂଜନ ମହାନ୍ତି, ବିଜୟବାରିକ, ଛବିନ୍ଦ୍ର ଜେନା ଅତିଥିଙ୍କ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସମାଜସେବୀ ମାୟାଧର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଟ୍ରାନ୍ସଫର୍ମର ଅଚଳ; ଅସ୍ତବ୍ୟସ୍ତ ୩୦ ପରିବାର



କେନ୍ଦୁଝର,୧୮।୭(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପର୍ଜନପୁର ପଞ୍ଚାୟତ କଶିରା ଗାଁର ୬୩ କେଭି ବିଶିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପାଞ୍ଚ ଦିନ ହେଲାଣି ପୋଡ଼ି ଯାଇଛି। ଫଳରେ ୩୦ ପରିବାର ଅନ୍ଧାରରେ ଅଛନ୍ତି। ସନ୍ଧ୍ୟାହେଲେ ରାସ୍ତାଘାଟ କିଟିମିଟି ଅନ୍ଧାର ହୋଇ ଯାଉଥିବାରୁ ଲୋକେ ଘରୁ ବାହାରିବାକୁ ଭୟ ଲାଗି ରହୁଛି। ନିକଟରେ ଜଙ୍ଗଲ ରାଗି ରହିଥିବାରୁ ହାତୀ, ଭାଲୁ, ଶିଆଳ ଆଦି ବନ୍ୟଜନ୍ତୁ ଗାଁ ମୁହାଁ ହୋଇଥାନ୍ତି। ଏହାଛଡା ଅନ୍ଧାର ଯୋଗୁଁ ପିଲାମାନଙ୍କ ପାଠପଢାରେ ବାଧାସୃଷ୍ଟି ହେଉଛି। ସେନେଇ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଅଭିଯୋଗ କରାଯିବା ପରେ ଗାଁରେ ପହଞ୍ଚିଥିଲେ। ହେଲେ ନୂତନ ଟ୍ରାନ୍ସଫର୍ମର ବସାଇବାକୁ ପଦକ୍ଷେପ ନିଆଯାଇ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଟ୍ରାନ୍ସଫର୍ମର ବସାଯିବାକୁ ରାମଚନ୍ଦ୍ର ମାଝୀ, ବନମାଳି ମାଝୀ, ଡମ୍ବରୁଧର ମାଝୀ, ଦାସରଥି ମହାନ୍ତ, ତୁଳସୀ ମହାନ୍ତି, ପିକୁନ ମାଝୀ, ମୋହନ ମାଝୀ, ଅରୁଣ ମହନ୍ତ, ଚନ୍ଦନ ମହନ୍ତ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ଜୈବିକ ପଦ୍ଧତିରେ ଉତ୍ପାଦିତ ପନିପରିବା ପ୍ରଦର୍ଶନୀ



ଆନନ୍ଦପୁର/ବେଲବାହାଲି, ୧୮।୭ (ସମିସ): ଅଣରସାୟନିକ ବା ଜୈବିକ ପଦ୍ଧତିରେ ଚାଷ କରି ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ କେନ୍ଦୁଝର ଜିଲ୍ଲାର ଘଷିପୁରା ବ୍ଲକ ଦରଡିପାଳ ପଞ୍ଚାୟତ ବାଲିପାଳ ହାଟରେ ପନିପରିବା ବିକିବା ସହ ସଚେତନତା ସୃଷ୍ଟି କରିଛନ୍ତି। ଏଥିରେ ମହିଳାମାନେ ବିଭିନ୍ନ ପ୍ରକାରର ପନିପରିବା ଚାଷ କରି ଉତ୍ପାଦିତ ବାଇଗଣ, ବିଲାତି, ଭେଣ୍ଡି କାକୁଡି, ବାଦାମ, ଝୁଡ଼ଙ୍ଗ, କଲରା ପ୍ରଭୃତି ଆଣି ହାଟରେ ବିକ୍ରି କରିଛନ୍ତି। ହାତ ତିଆରି ମସଲା, ବଡି, ବାଦମ, ମଟର, ନଳି, ପାମ୍ପଡ଼ ଖାଦ୍ୟସାମଗ୍ରୀ ମଧ୍ୟ ବିକ୍ରି କରିଛନ୍ତି। ଏପ୍ରିଇଏସର ମାଷ୍ଟର ଟ୍ରେନର ଇନ୍ଦ୍ରା ମହାନ୍ତି ଉପସ୍ଥିତ ରହି ଅଞ୍ଚଳର ଚାଷୀମାନେ କିପରି ବିନା ସାରରେ, ଅଣରସାୟନିକ ପଦ୍ଧତିରେ ଚାଷ କରିବେ ସେ ଉପରେ ମହିଳା ଓ ପୁରୁଷ ଚାଷୀମାନଙ୍କୁ ବିଭିନ୍ନ ପ୍ରଦର୍ଶନୀ ମାଧ୍ୟମରେ ସଚେତନତା ସୃଷ୍ଟି କହିଥିଲେ। ମା' ପଦ୍ମାଳୟା ପିଜି ବାଲିପାଳ ମହିଳା ଚାଷୀ ଅଖଜା ଓଝା, ଅହଲ୍ୟା ପଣ୍ଡା, ରଶ୍ମିତା ଓଝା, ମମତା ଓଝା, ଉର୍ବସୀ ଓଝା, ଖୁଲଣା ସାହୁ, ମମତା ଓଝା, ସଂଯୁକ୍ତା ଭୋଳ, ଚିନ୍ମୟୀ ଓଝା, ବାସରି ଓଝା, କନକ ଓଝା, ଝୁନୁଲତା, ସୁବର୍ଷ ଓଝା, ସତ୍ୟଭାମା ସୁତାର ଉପସ୍ଥିତ ଥିଲେ।

# ଓଏମ୍‌ସି ଖଣିରୁ କ୍ରୋମାଇଟ୍ ପରିବହନ ସହମତିରେ ପୁଣି ଆରମ୍ଭ

ହାଟଡ଼ିହୀ,୧୮।୭(ସମିସ)



ହାଟଡ଼ିହୀ ବ୍ଲକ ବଉଳାସ୍ଥିତ ଓଏମସି ମାଇନ୍ସରୁ କ୍ରୋମାଇଟ ପରିବହନ ନେଇ ୨ଟି ଆସୋସିଏସନ ମଧ୍ୟରେ ଆପୋଷ ବୁଝାମଣା ହୋଇଛି। ପରିବହନ ସମ୍ପୂର୍ଣ୍ଣ ବନ୍ଦ ଥିଲା ବେଳେ ଶୁକ୍ରବାର ପୂର୍ବାହ୍ନରେ ପୁଲିସ ପ୍ରଶାସନର ହସ୍ତକ୍ଷେପରେ ପରିବହନ କାର୍ଯ୍ୟ ସହମତିରେ ଆରମ୍ଭ ହୋଇଛି। ବାଙ୍ଗୋରଠାରେ ୨ଟି ଆସୋସିଏସନର କର୍ମକର୍ତ୍ତା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବିଜେପି ନେତା ବିବେକାନନ୍ଦ ରାଉତ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଟିକି କିସ୍କୁ ଏବଂ ଦୁଇ ପକ୍ଷର ନେତୃମଣ୍ଡଳୀଙ୍କ ସହ ଆନନ୍ଦପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ ବେହେରା, ସୋସୋ ଥାନା ଆଇଆଇସି ବିଜୟ କୁମାର ବିହାରୀ, ନନ୍ଦିପଦା ଥାନା ଆଇଆଇସି ରବିନ୍ଦ୍ର ପାତ୍ର, ଆନନ୍ଦପୁର ଆଇଆଇସି ଫନିନ୍ଦ୍ରଭୂଷଣ ନାଏକ ପ୍ରମୁଖ ଆଲୋଚନା କରିଥିଲେ। ପ୍ରକାଶଥାଉକି, ୧୯୯୨ରୁ ବଉଳା ଟ୍ରକ ମାଲିକ ସଂଘ ପକ୍ଷରୁ ବଉଳା ମାଇନ୍ସରୁ ମାଲ୍ ପରିବହନ ହୋଇ ଆସୁଥିଲା। ଯାହାର ନିଜସ୍ୱ ଗୃହ ଏବଂ ଜମି ରହିଥିବା ବେଳେ ସଂଘ ନିୟମାନୁସାରେ, ଉପଖଣ୍ଡ ସ୍ତରରୁ ଟ୍ରକ ମାଲିକ ଏଥିରେ ଯୋଡ଼ି ହୋଇ ରହିପାରିବେ। ପ୍ରତିଦିନ ମାଇନ୍ସରୁ ୨୦ ଟ୍ରକ ସାମଗ୍ରୀ ପରିବହନ କରିବା ନେଇ ନିର୍ଦ୍ଦେଶ ଥିଲାବେଳେ ମାଇନ୍ସରୁ ସାମଗ୍ରୀ ଅଭାବ ପରିଲକ୍ଷିତ ହେଉଥିଲା। ଏଥିସହ ପ୍ରତି ମାସ ମାତ୍ର ୪-୫ ଦିନ ମାଲ୍ ଲୋଡ ହୋଇ ପରିବହନ ହେଲେ ଅନ୍ୟଦିନେ ପରିବହନ ବନ୍ଦ ହୋଇ ରହୁଥିଲା। ଏମିତିକି ବର୍ଷକୁ ଦୁଇ ମାସ ପରିବହନ ଚାଲିଲେ ୧୦ ମାସ ବନ୍ଦ ରହୁଥିଲା। ମାଇନ୍ସର ୫କିମି ପରିଧି ତଥା ୩୪ନଂ ଜୋନର ବାଙ୍ଗୋର, ଧନୁର୍ଜୟପୁର ପଞ୍ଚାୟତରେ ୩୫ଖଣ୍ଡ ଟ୍ରକ ଥିଲାବେଳେ ପଡ଼ିଆରିପଲ୍ଲୀ, ବାଲିବରେଇ ଏବଂ ସୋସୋ ଆଦି ୩ଟି ପଞ୍ଚାୟତରେ ୫୩ ଖଣ୍ଡ ଟ୍ରକ୍ ରହିଥିବା ନେଇ ବଉଳା ଆସୋସିଏସନ ପକ୍ଷରୁ ରିପୋର୍ଟ ମିଳିଛି। ପରେ ପରିବହନ କ୍ଷେତ୍ରରେ ଦ୍ୱନ୍ଦ୍ୱ ଉପୁଜିବାରୁ ବାଙ୍ଗୋର ଏବଂ ଧନୁର୍ଜୟପୁର ପଞ୍ଚାୟତ ଅଲଗା ହୋଇ ନୂତନ ଭାବେ ବାଙ୍ଗୋର ଟ୍ରକ ମାଲିକ ସଂଘ ଗଠନ କରି ପରିବହନ ପାଇଁ ଦାବି କରିଥିଲେ। ପୃଥକ ୨ଟି ଟ୍ରକ ଆସୋସିଏସନ ହେବାରୁ ମାଲ୍ ପରିବହନରେ ବିରୋଧ ହୋଇ ଆସୁଥିଲା। ଶୁକ୍ରବାର ଏନେଇ ଅନୁଷ୍ଠିତ ଆପୋଷ ସମାଧାନ ବୈଠକରେ ବଉଳା ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଜିଲ୍ଲା ପୁଲିସ ପ୍ରଶାସନକୁ ସମ୍ମାନ ଜଣାଇ ଏହି ବିବାଦରୁ ଓହରି ଯାଇଛନ୍ତି। ପରିବହନ କ୍ଷେତ୍ରରେ କୌଣସି ଆପତ୍ତି ଅଭିଯୋଗ ନାହିଁ ବୋଲି କହିଛନ୍ତି। ଫଳରେ ଓଏମସି ମାଇନ୍ସରୁ ସାମଗ୍ରୀ ବୋଝେଇ ସହ ପୁଣି ପରିବହନ ସ୍ୱାଭାବିକ ଭାବେ ଚାଲିଥିବା ଜଣାପଡ଼ିଛି।

## ଚିକିତ୍ସାଧୀନ ମହିଳାଙ୍କ ମୃତ୍ୟୁନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରଶ୍ନ ଘେରରେ

# ଶବ ଜବତ; ପୁଲିସ ତଦନ୍ତ ଆରମ୍ଭ

ଯୋଡ଼ା, ୧୮।୭ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରାଞ୍ଚଳର ଟାଟା ମେମୋରିଆଲ ଡାକ୍ତରଖାନାରେ ଗୁରୁବାର ରାତ୍ରି ପ୍ରାୟ ୩ଟା ସମୟରେ ଜଣେ ମହିଳାଙ୍କ ମୃତ୍ୟୁ ନେଇ ସଂଶୟ ଘନୀଭୂତ ହୋଇଛି। ପ୍ରାୟ ଆଠଦିନ ହେବ ୭ ନମ୍ବର ୱାର୍ଡର ବାଲମା ମୁଣ୍ଡା (୪୮) ଉକ୍ତ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ନିଜ ଗଳା କାଟି ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତେବେ, ଘଟଣା ପଛର କାରଣକୁ ନେଇ ଅନେକ ସନ୍ଦେହ ଓ ଅସ୍ପଷ୍ଟ ସୂଚନା ସାଧାରଣରେ ଆଲୋଚନା ହେଉଛି। ସୂଚନା ଅନୁସାରେ, କୌଣସି କାରଣରୁ ତାଙ୍କ ଗୋଡ଼ରେ ଏକ କାଚ ପଶିଯିବା ପରେ ତାହା ଧୀରେ ଧୀରେ ଗୁରୁତର ଅବସ୍ଥାକୁ ଚାଲି ଆସିଥିଲା। ପରେ ୮ ଦିନ ତଳେ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଗତରାତିରେ ତାଙ୍କ ନିଜ ଝିଅ ନିକଟରେ ଥିବା ବେଳେ ପ୍ରାୟ ରାତି ଦୁଇଟା ସମୟରେ ସେ ଶୋଇ ପଡ଼ିଥିଲେ। ରାତି ୪ଟା ସମୟରେ ନିଦ ଭାଙ୍ଗିବାରୁ ଦେଖନ୍ତି ଯେ ମା' ବାଲମାଙ୍କ ରକ୍ତ ଜୁଡୁବୁଡୁ ଦେହ ପଡିଛି। ବେକରେ ଏକ କଟା ଦାଗ ରହିଛି। ଏହାକୁ ନେଇ ସେ ଘର ଲୋକଙ୍କୁ ଖବର କରିବା ସହ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଘର ଲୋକ ସେଠାରେ ପହଞ୍ଚି ବାଲମାଙ୍କ ମୃତଦେହକୁ ଘରକୁ ନେଇ ଆସିଥିଲେ। ତେବେ ଏହା ଏକ ଅପମୃତ୍ୟୁ ମାମଲା ହୋଇଥିବା ବେଳେ ଏଥିରେ ଡାକ୍ତରଖାନା କର୍ତ୍ତୃପକ୍ଷ କାହିଁକି ପୁଲିସକୁ ଖବର ନ କରି ମୃତଦେହକୁ ଘର ଲୋକଙ୍କୁ ହସ୍ତାନ୍ତର କରିଦେଲେ ବୋଲି ପ୍ରଶ୍ନ ଉଠିଛି। ଶୁକ୍ରବାର ସକାଳେ ଡାକ୍ତରଖାନାରେ ଉକ୍ତ ମହିଳାଙ୍କ ମୃତ୍ୟୁ ନେଇ ଘୋର ସଂଶୟ ଛାଇ ରହିଥିଲା। ଏପରିକି ଉତ୍ତେଜନା ମଧ୍ୟ ସୃଷ୍ଟି ହେବାରୁ ଘଟଣାସ୍ଥଳକୁ ଯୋଡ଼ା ଆଇଆଇସି, ବଡ଼ବିଲ ଏସଡିପିଓ, ତହସିଲଦାର, ଚମ୍ପୁଆ ଉପଜିଲ୍ଲାପାଳ ପହଞ୍ଚି ଅନୁଧ୍ୟାନ କରିଥିଲେ। ଯୋଡ଼ା ପୁଲିସ ଏକ ଅପମୃତ୍ୟୁ ମାମଲାରେ ମହିଳାଙ୍କ ଶବକୁ ଜବତ କରିବା ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଛି।

# ରଥଯାତ୍ରା ସମୀକ୍ଷା ବୈଠକ

## ପଳସା ଗ୍ରାମରେ ଦଧିବାମନ ଜୀଉଙ୍କ ମାମୁଘର ଘୋଷଣା



ଚମ୍ପୁଆ,୧୮।୭(ସମିସ): ଚମ୍ପୁଆ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସଭାଗୃହରେ ମହାପ୍ରଭୁ ଦଧିବାମନଜୀଉଙ୍କର ପବିତ୍ର ରଥଯାତ୍ରାର ସମୀକ୍ଷା ବୈଠକ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମନ୍ଦିର କମିଟି ସହ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ରଥଯାତ୍ରା ଓ ବାହୁଡା ଯାତ୍ରାର ଆୟ ଓ ବ୍ୟୟର ହିସାବ ହେବା ସହିତ ଆଗାମୀ ଦିନରେ ବଡ଼ଦାଣ୍ଡ ମରାମତି, ମାଉସୀ ମାଁ ଘର ନିର୍ମାଣ, ମନ୍ଦିର ମରାମତି, ମନ୍ଦିର ପରିଶରରେ ବିବାହ, ବ୍ରତ ଆଦି ନିମନ୍ତେ ମଣ୍ଡପ ନିର୍ମାଣ, ମନ୍ଦିର ପରିସରର ଉନ୍ନତିକରଣ, ଅଣସର ଗୃହ ନିର୍ମାଣ ସହିତ ମନ୍ଦିର ପରିସରରେ ସ୍ୱଉଚ୍ଚ ପାଚେରି ନିର୍ମାଣ, ମନ୍ଦିର ପରିଚାଳନା, ଦୈନିକ ମନ୍ଦିରର ନିତିକାନ୍ତି ଆଦି ଉପରେ ଉପସ୍ଥିତ ବ୍ୟକ୍ତିବିଶେଷ ଆଲୋଚନା କରିଥିଲେ। ପଳସା ଗ୍ରାମରେ ଦଧିବାମନଜୀଉଙ୍କର ମାମୁଘର ଘୋଷଣା ସହିତ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ଏକ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଅନ୍ୟପକ୍ଷରେ ଚମ୍ପୁଆ ଉପଖଣ୍ଡର ବିକାଶ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ସ୍ୱର ଉତ୍ତୋଳନ କରିବାକୁ ଉପଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।

## ଠିକାଦାରଙ୍କ ମନମାନି ଲୋକେ ହଟହଟା

# ଦେଢ଼ବର୍ଷ ହେଲା ସରୁନି ୪ କିମି ରାସ୍ତା ନିର୍ମାଣ



ତୁରୁମୁଙ୍ଗା, ୧୮।୭(ସମିସ): ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ ୪୯ ନମ୍ବର ଜାତୀୟ ରାଜପଥ ଝାରବେଡା ଛକଠାରୁ ତଳସାହି ଦେଇ କଇଣ୍ଡା ଏବଂ ତୁରୁମୁଙ୍ଗା ମେଡିକାଲ ପର୍ଯ୍ୟନ୍ତ ୪.୦୪୫ କିଲୋମିଟର ରାସ୍ତା ଏବେ ସ୍ଥାନୀୟ ଲୋକଙ୍କ ଯାତାୟାତରେ ମୁଣ୍ଡବଥାର କାରଣ ପାଲଟିଛି। ୪ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଗତ ୨୮ ଫେବୃଆରୀ ୨୦୨୪ରେ ପାଟଣାର ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମନ୍ଥର ଗତି ଦେଇ ଚାଲୁଥିବା ଅଭିଯୋଗ ହୋଇଛି। ଠିକାଦାରଙ୍କ ମନମୁଖୀକୁ ନେଇ ଏବେ ହାଇସ୍କୁଲ ଓ ଷ୍ଟାଡିୟମ ମଧ୍ୟ ରାସ୍ତା କୃତ୍ରିମ ହ୍ରଦ ପାଲିଟିଛି। କାଦୁଅ ପଚପଚ ରାସ୍ତାରେ ଛାତ୍ରଛାତ୍ରୀ, ଲୋକେ ଯିବାଆସିବା କରି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠିକାଦାର କିଛି ସ୍ଥାନରେ କାମ ଆରମ୍ଭ କରିଥିବା ବେଳେ କିଛି କିଛି ରାସ୍ତା ମଝିରେ ରାସ୍ତା ନିର୍ମାଣ ପାଇଁ ବାଲି, ଚିପ୍ସ ପକାଇ ରଖିଥିବା ଯୋଗୁଁ ବର୍ଷା ପାଣି ଜମି କୃତ୍ରିମ ହ୍ରଦ ସୃଷ୍ଟି ହେଉଛି। କିଛି ରାସ୍ତାରେ ମାଟି ପକାଇ ରଖିଥିବାରୁ କଇଣ୍ଡାରୁ ତୁରୁମୁଙ୍ଗା ନାଏକସାହି ରାସ୍ତା କାଦୁଅ ପଚପଚରେ ଭର୍ତ୍ତି ହୋଇଯାଇଛି। ଫଳରେ ଲୋକେ ଯିବାଆସିବା କରିବାରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବା ସହ ରାସ୍ତା ଉପରେ ପକାଇ ରଖିଥିବା ସାମଗ୍ରୀକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ଓ ସଚେତନତା କାର୍ଯ୍ୟକ୍ରମ



ଆନନ୍ଦପୁର/ରାମଚନ୍ଦ୍ରପୁର, ୧୮।୭ (ସମିସ): ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ମାଧ୍ୟମରେ ବିଜେପି କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡା ପଞ୍ଚାୟତର ଦାନ୍ତିଆ ଗ୍ରାମଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ର, ଶରତ ସ୍ୱାଇଁ, ଚତୁର୍ଭୁଜ ମୁର୍ମୁ, ଦୀପକ ଜେନା, ହରିହର ବୋଇତୋଇ, ମଳୟ ପଣ୍ଡା, ତୀର୍ଥବାସୀ ଜେନା, ଅନଜନ ବେହେରା, ସୁମନ୍ତ ଜେନା, ଚିନ୍ମୟ ଶାଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ସେହିପରି ଆନନ୍ଦପୁର ବ୍ଲକ ଜଘାର ପାତାଳେଶ୍ୱର ଶିବ ମନ୍ଦିର କମିଟି ଆନୁକୂଲ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଦେବପ୍ରିୟ ପାତ୍ର, ଜିଲ୍ଲା ପରିଷଦ ଜିତେନ୍ଦ୍ର ସାମଲ, ସରପଞ୍ଚ ସରସ୍ୱତୀ ସେଠୀ, ସମାଜସେବୀ ରାମଚନ୍ଦ୍ର ପଲେଇ ଯୋଗ ଦେଇଥିଲେ। ରମାକାନ୍ତ ଘଡେଇ, ସନାତନ ଘଡେଇ, ଭୀମସେନ ଘଡେଇ, ଦୟାନିଧି ଘଡେଇ, ଯଦୁମଣି ଘଡେଇ, ମହେଶ୍ୱର ଦାସ, ଧର୍ମାନନ୍ଦ ଘଡେଇ, ରଞ୍ଜନ ଘଡେଇ, ଉତ୍ତମ ଘଡେଇ, ମହେଶ୍ୱର ଦାସ, ବଳରାମ ବେହେରା, ସହଦେବ ପାତ୍ର ସହଯୋଗ କରିଥିଲେ। ପାତାଳେଶ୍ୱର ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ନାହିଁ ଶୀତଳଭଣ୍ଡାର; ପରିବା ଦର ଆକାଶଛୁଆଁ

ତୁରୁମୁଙ୍ଗା, ୧୮।୭(ସମିସ): ଆକାଶ ଛୁଆଁ ପରିବା ଦର। ପରିବା ଦର ଶୁଣି ଛାନିଆଁ ହୋଇ ଦୋକାନରେ ଘଡ଼ିଏ ରହି ଗ୍ରାହକ ଚିନ୍ତାରେ ପଡ଼ି ଯାଉଛନ୍ତି। ଗରିବ ଖଟିଖିଆ ଓ ମଧ୍ୟବିତ୍ତ ଲୋକଙ୍କୁ ଏବେ ଘାରିଛି ପରିବା ଦର ବୃଦ୍ଧି ଚିନ୍ତା। ତୁରୁମୁଙ୍ଗା ବଜାରରେ ଏବେ ବିଲାତି ୬୦ ଟଙ୍କାରେ, ଫୁଲକୋବି ୧୦୦, ପୋଟଳ ୮୦, ବାଇଗଣ ୧୦୦, ଭେଣ୍ଡି ୮୦, କାଙ୍କଡ଼ ୮୦, କଖାରୁ ୩୦, କୁନ୍ଦୁରୁ ୪୦, ଝୁଡ଼ଙ୍ଗ ୬୦, କାକୁଡି ୬୦, ଅମୃତଭଣ୍ଡା ୩୦, ଜହ୍ନି ୬୦, କଲରା ୮୦ ଟଙ୍କା କେଜିରେ ବିକ୍ରି ହେଉଛି। କେଜିଏ, ଅଧକେଜିଏ ପରିବା କିଣୁଥିବା ଲୋକେ ବାଧ୍ୟ ହୋଇ ଦୁଇଶହରୁ ଅଢେଇଶହ ଗ୍ରାମର ପନିପରିବା କିଣି ଘରକୁ ନେଉଛନ୍ତି। କେନ୍ଦୁଝର ଜିଲ୍ଲାରେ ପ୍ରତ୍ୟେକ ବର୍ଷ ଶହ ଶହ ହେକ୍ଟର ପନିପରିବା ଚାଷ ହେଉଥିବା ବେଳେ ଉତ୍ପାଦିତ ପରିବାକୁ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ନଥିବାରୁ ପରିବା ଦର ଏପରି ଭାବରେ ହୁହୁ ହୋଇ ବଢ଼ି ଚାଲିଛି ବୋଲି ଜଣେ ବେପାରୀ କହିଛନ୍ତି। ପରିବା ଦର ନିୟନ୍ତ୍ରଣ ପାଇଁ ପ୍ରଶାସନର କୌଣସି ଭୂମିକା ନଥିବାରୁ ମନଇଚ୍ଛା ଯିଏ ଯେତିକି ପାରିଲା ଚଢ଼ା ଦରରେ ବିକ୍ରି କରୁଛନ୍ତି। ତୁରୁମୁଙ୍ଗା ଓ ଏହାର ଆଖପାଖ ଅଞ୍ଚଳରେ ଉତ୍ପାଦିତ ହେଉଥିବା ପରିବା ଚଢ଼ା ଦରରେ ବ୍ୟବସାୟୀ କିଣୁଥିବାରୁ ଉଚ୍ଚା ଦରରେ ବିକ୍ରି କରିବାକୁ ପଡୁଥିବା କହିଛନ୍ତି ଦୋକାନୀ। ଧନୀ ଶ୍ରେଣୀର ଲୋକଙ୍କୁ ପରିବା ଦର ବାଧୁ ନଥିବା ବେଳେ ଗରିବ ଖଟିଖିଆ ଲୋକଙ୍କ ଏବେ ମୁଖ୍ୟ ପରିବା ଆଳୁ ମୋଟର ଓ ସୁଲା। ମଧ୍ୟବିତ୍ତ ଲୋକଙ୍କୁ ପରିବା ଦର ବେଶ ବାଧୁଛି। କିଛି ଲୋକ ପରିବା ଖାଇବା ଛାଡି ମାଛ, ଅଣ୍ଡା ଓ ଚିକେନ ଉପରେ ନିର୍ଭର କରୁଥିବା ବେଳେ ଏଥିରେ ଶ୍ରାବଣ ମାସ ବାଧକ ସାଜିଛି। କେବେ ପରିବା ଦର କମ ହେବ ସେନେଇ ଗ୍ରାହକ ପ୍ରଶ୍ନ ଉଠାଇଥିବା ବେଳେ ଏ ପ୍ରଶ୍ନ ଉତ୍ତର କାହାରି ପାଖରେ ନାହିଁ।

# ବିବେକାନନ୍ଦ ଲୋକସଂସଦର ପାଠଚକ୍ର

ଆନନ୍ଦପୁର, ୧୮।୭ (ସମିସ): ସ୍ୱାମୀ ବିବେକାନନ୍ଦ ଲୋକସଂସଦ କେନ୍ଦୁଝର ଜିଲ୍ଲା ଶାଖା ଆନୁକୂଲ୍ୟରେ ଆଭାସୀ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶାସ୍ତ୍ରବିତ ଜଗତ କିଶୋର ଦାସ ମୁଖ୍ୟବକ୍ତା ଭାବେ ଗୀତାର ଦଶମ ଅଧ୍ୟାୟ ବିଭୂତି ଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସମ୍ପାଦକ ଅଧ୍ୟାପକ ବିଜୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ଜେନା ସଂଯୋଜନା କରିଥିଲେ। ପଦ୍ମିନୀ ସାହୁ ବେଦମନ୍ତ୍ର ଉଚ୍ଚାରଣ କରିଥିବା ବେଳେ ଶୁଭଶ୍ରୀ ଓଝା ବିବେକବାଣୀ ପାଠ କରିଥିଲେ। ଜିଲ୍ଲା ସଭାପତି ଡ. ବିମ୍ବାଧର ବେହେରା ଭଗବତ ଗୀତା ମାଧ୍ୟମରେ ଆଧ୍ୟାତ୍ମିକ ଚେତନାର ବିକାଶ ଘଟିବ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ଉପସଭାପତି ଜଗନ୍ନାଥ ପଣ୍ଡା, ଶଙ୍କର୍ଷଣ ଶତପଥୀ, କୈଳାସଚନ୍ଦ୍ର ନନ୍ଦ, ଦେବେନ୍ଦ୍ର ବିଜୟ ସାହୁ, ପ୍ରାଧ୍ୟାପିକା ସ୍ୱର୍ଣ୍ଣମୟୀ ପୁରୋହିତ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଅନେକ ସଦସ୍ୟ ଏଥିରେ ଯୋଗ ଦେଇଥିଲେ। ରଘୁନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ନାରାୟଣ ବୋଇତେଇ ଶାନ୍ତି ପାଠ କରିଥିଲେ।

## ବାଇଲୋ ପଞ୍ଚାୟତ ଉଚ୍ଚବିଦ୍ୟାଳୟ

# ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ

ବେଲବାହାଲି,୧୮।୭(ସମିସ)




ଆନନ୍ଦପୁର ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ବାଇଲୋ, ବାରିଗାଁ ବିଦ୍ୟାଳୟ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛି। ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଗ୍ରାମବାସୀଙ୍କ କହିବା ମୁତାବକ, ଉକ୍ତ ପଞ୍ଚାୟତରେ ଏହି ଉଚ୍ଚବିଦ୍ୟାଳୟ ୧୯୯୦ରୁ ନିର୍ମିତ ହୋଇଥିବା ବେଳେ ୨୦୦୪ରେ ସରକାରୀ ସ୍ୱୀକୃତି ପାଇଥିଲା। ୨୦୨୦ ମସିହା ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସଠିକ ଭାବେ କାର୍ଯ୍ୟ କରିଆସୁଥିଲେ। ବର୍ତ୍ତମାନ ୪ ଜଣ ଶିକ୍ଷକଙ୍କୁ ନେଇ ଅଷ୍ଟମଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ପୂର୍ବରୁ ଉନ୍ନତ ମାନର ଶିକ୍ଷାଦାନ ଯୋଗୁଁ ଆଖପାଖ ଅଞ୍ଚଳ ଭାଟିସିରା, ଖଡ଼ିବିଲି, ଟୁକୁଣା, ବନିକା, ହାତିବନ୍ଧା ପ୍ରମୁଖ ଗ୍ରାମର ଛାତ୍ରଛାତ୍ରୀମାନେ ଏଠାକୁ ପଢିବାକୁ ଆସନ୍ତି। ୨୦୨୪ରୁ ବିଦ୍ୟାଳୟରେ ଶିକ୍ଷକଙ୍କ ନିଯୁକ୍ତି ହେଉ ନଥିବାରୁ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ଉପରେ ଗୁରୁତର ଭାବେ ପ୍ରଭାବ ପଡିଛି। ଏହି ସ୍କୁଲରେ ପୂର୍ବରୁ ୮ ଜଣ ଶିକ୍ଷକ ଥିବାବେଳେ ବର୍ତ୍ତମାନ ୪ ଜଣ ଶିକ୍ଷକରେ ବିଦ୍ୟାଳୟରେ ପାଠପଢା ଚାଲୁଛି। ପୂର୍ବରୁ ବହୁବାର ସରକାର ସ୍ତରରେ ଦାବି କରି ଆସୁଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଫଳପ୍ରଦ ହେଉନାହିଁ। ଶୁକ୍ରବାର ଆନନ୍ଦପୁର ପଞ୍ଚାୟତସମିତି କାର୍ଯ୍ୟାଳୟରେ ଚାଲିଥିବା ବୈଠକରେ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗନ୍ନାଥ ସାହୁ, ପ୍ରମୋଦ ସାହୁ, ରାମଚନ୍ଦ୍ର ସାହୁ, ସୁବାସଚନ୍ଦ୍ର ଜେନା, ରାଧାକାନ୍ତ ସାହୁ, ଦେବରାଜ ସାହୁ, ସନତ ସାହୁ, ଚନ୍ଦନ ଜେନା, ପ୍ରମୋଦ ଜେନା ପ୍ରମୁଖଙ୍କ ସମେତ ଅଭିଭାବକ ଏବଂ ଗ୍ରାମବାସୀ ଯୋଗ ଦେଇଥିଲେ। ସେମାନେ ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ଦଳେଇ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବିଡିଓ ମନୋଜ ମହାନ୍ତଙ୍କ ନିକଟରେ ତିନି ଜଣ କଳା ଶିକ୍ଷକ, ଜଣେ କ୍ରୀଡ଼ା ଶିକ୍ଷକଙ୍କୁ ନିଯୁକ୍ତି କରିବା ପାଇଁ ଦାବି କରିଥିବା ଜଣାପଡ଼ିଛି।

## ପ୍ରସ୍ତାବିତ ମାଛମାଂସ ବଜାର ଶୀତଳ ଭଣ୍ଡାରରେ

# ରାସ୍ତାକଡ଼ ଦୋକାନରୁ ସୃଷ୍ଟି ଅସ୍ୱାସ୍ଥ୍ୟକର ପରିବେଶ

ଆନନ୍ଦପୁର,୧୮।୭ (ସମିସ): ଆନନ୍ଦପୁର ପୌରାଞ୍ଚଳରେ ମାଛ ମାଂସ ବିକ୍ରି କରିବାକୁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ ପାଇଁ ବିଭିନ୍ନ ଅଞ୍ଚଳରେ ସ୍ଥାନ ନିରୂପଣ ହୋଇଥିଲେ ମଧ୍ୟ ଏଯାଏଁ କାର୍ଯ୍ୟକାରୀ ହୋଇପାରୁ ନଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ତତ୍କାଳୀନ ଉପଜିଲ୍ଲାପାଳ, ପୌରନିର୍ବାହୀ ଅଧିକାରୀ, ତହସିଲଦାରଙ୍କ ଉପସ୍ଥିରେ ଆମିଷ ବିକ୍ରିୟ ପାଇଁ ଆନନ୍ଦପୁର ବଡ ବଜାର ଫକାରପୁର୍ ଶାଳପଡା ଓ ଶୈଲଙ୍ଗ ଅଞ୍ଚଳରେ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଥିଲା ହେଲେ ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନାହିଁ। ପୌରାଞ୍ଚଳରେ ଆମିଷ ବିକ୍ରି ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନର ବ୍ୟବସ୍ଥା ନଥିବାରୁ ବ୍ୟବସାୟୀମାନେ ନିଜ ଇଚ୍ଛା ମୁତାବକ ରାସ୍ତା କଡରେ ଦୋକାନ ଖୋଲି ମାଛ ମାଂସ ବିକ୍ରି କରୁଛନ୍ତି। ରାସ୍ତାକଡରେ ଖୋଲାଖୋଲି ଭାବେ ଛେଳି, କୁକୁଡ଼ା ମରାଯାଉଛି। ସାଧାରଣତଃ ଏହି ରାସ୍ତା ଦେଇ ପ୍ରତ୍ୟହ ଛୋଟ ଛୋଟ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାଆସିବା କରିଥାନ୍ତି। ପିଲାଙ୍କ ଉପରେ ଗଭୀର ପ୍ରଭାବ ପଡୁଥିବା ଅଭିଯୋଗ ହୋଇଛି। ସେହିପରି ୧୪ ନଂ ୱାର୍ଡ ରାସ୍ତାକଡ଼ରେ ନିର୍ମାଣ ହୋଇଥିବା ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ପାର୍କ ସମ୍ମୁଖରେ ମାଛ ମାଂସ କଟାଳି ଦୋକାନ ଖୋଲି ଦୋକାନରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ପାର୍କ ପାଖରେ ପକାଉଥିବାରୁ ପରିବେଶକୁ ଦୂଷିତ କରିବା ସଙ୍ଗେ ସଙ୍ଗେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। କୋମଳମତି ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପଡୁଛି। ରାସ୍ତାକଡ଼ରେ ଦୁଇଚକିଆ ଗାଡି ପାର୍କିଂ ସାଙ୍ଗକୁ ବୁଲା କୁକୁର ଜଗି ରହିବା ଯୋଗୁଁ ଅଧିକାଂଶ ସମୟରେ ବାଇକ ଚାଳକମାନେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ସାଧାରଣତ ପୌରପରିଷଦ ୱାର୍ଡ ନଂ ୧୪, ଘସିପୁରା, ୱାର୍ଡ ନଂ ୧୫, ମୁରାବାଲି ଏବଂ ୱାର୍ଡ ନଂ ୧୬ ଶୈଲଙ୍ଗ ଛକରେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। ଏପରିକି ଉପଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାକଡ଼ରେ ମଧ୍ୟ ମାଛ ବ୍ୟବସାୟୀ ଦୋକାନ ଖୋଲିବାକୁ ପଛାଉ ନାହାନ୍ତି। ପରିବେଶ ଦୂଷିତ ଯୋଗୁଁ ସାଧାରଣ ଲୋକଙ୍କ ଯାତାୟାତ କରିବା ସମ୍ଭବ ହେଉନାହିଁ। ଏଣୁ ପୌର ପରିଷଦ କର୍ତ୍ତୃପକ୍ଷ ତରଫରୁ ଦୃଢ କାର୍ଯାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

## ଫ୍ରି ଫେୟାର ଗେମ୍‌ରୁ ତୁମୂଳକାଣ୍ଡ

ବେଲବାହାଳି, ୧୮।୭(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଟୋଲଙ୍କପଡ଼ା ଏବଂ ଜଅଁରା ଗ୍ରାମର ଯୁବକଙ୍କ ମଧ୍ୟରେ ଫ୍ରି ଫେୟାର ଗେମ୍‌କୁ ନେଇ ଉତ୍ତେଜନା ହୋଇଛି। ଖେଳରେ ହାରିଯିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ଥାନାରେ ମାମଲା ରୁଜୁ ହୋଇଛି। ଟୋଲଙ୍କପଡ଼ାର ଦୁଇ କଲେଜ ଛାତ୍ର କୁଳମଣି ଜେନାଙ୍କ ପୁଅ ସିଧୁ ଓ ନିରଞ୍ଜନ ଜେନାଙ୍କ ପୁଅ ବବୁଲ ଜଅଁରା ଗ୍ରାମର ରାଜା ଜେନା ଓ ସାଙ୍ଗମାନଙ୍କ ସହିତ ଦୀର୍ଘ ପାଞ୍ଚ ଦିନ ହେବ ଫ୍ରି ଫେୟାର ଗେମ୍ ଖେଳୁଥିଲେ। ଖେଳ ଜିତିଥିବାରୁ ସିଧୁ ଫୋନ୍ କରି ରାଜାଙ୍କୁ ପଚାରିଥିଲା। ଏଥିରେ ରାଜା ଅସନ୍ତୋଷ ପ୍ରକାଶ କରିବା ସହ ଆଉ ଫୋନ ନକରିବାକୁ ତାଗିଦ କରିଥିଲା। ଘଟଣାରେ ଉଭୟ ପକ୍ଷରେ ଉତ୍ତେଜନା ପରେ ଖରାପ ଭାଷାରେ ପାଟିତୁଣ୍ଡ ହୋଇଥିଲା। ଫଳରେ ଖପରାଖାଇଠାରୁ ୧୦ କିମି ବ୍ୟବଧାନରେ ଥିବା ସିଧୁକୁ ଆନନ୍ଦପୁର ଆସିଲେ ମାଡଦେବ ବୋଲି ଧମକ ଦେଇଥିଲା। ସିଧୁ ଯେନା ଓ ତାର ସାଙ୍ଗମାନେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ଜାଣି ରାଜା ଓ ତାର ସାଙ୍ଗମାନେ ବାଟରେ ଅଟକାଇ ମାଡ଼ ମାରିଥିଲେ। ପରେ ଉଭୟଙ୍କ ମଧ୍ୟରେ ମାର୍‌ପିଟ ହୋଇଥିଲା। ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଗଣ୍ଡଗୋଳରେ ଲିପ୍ତ ଥିବା ଉଭୟ ପରିବାରର ଲୋକ ଓ ମହିଳାଙ୍କୁ ଡାକି ପଚରାଉଚରା କରୁଛି।

## ସାପ ଉଦ୍ଧାର ଓ ପୁନର୍ବାସ ସମ୍ପର୍କିତ ପ୍ରଶିକ୍ଷଣ

କେନ୍ଦୁଝର, ୧୮।୭(ସମିସ): କେନ୍ଦୁଝର ବନଖଣ୍ଡ ଏବଂ ସ୍ନେକ ହେଲ୍ପଲାଇନ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ କେନ୍ଦୁଝରସ୍ଥିତ ଦରବାର ହଲଠାରେ ସାପ ଉଦ୍ଧାର ଏବଂ ପୁନର୍ବାସ ଉପରେ ଏକ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ କର୍ମଚାରୀ, ସାପ ଉଦ୍ଧାରକାରୀ, ପ୍ରଶାସନିକ ଅଧିକାରୀଙ୍କୁ ସାପ ସହିତ ମାନବ-ବନ୍ୟଜନ୍ତୁ ବିବାଦ ପରିଚାଳନା ବିଷୟରେ ତାଲିମ୍ ଦିଆଯାଇଥିଲା। ରାଜ୍ୟର ବିଶିଷ୍ଟ ସାପ ଧରାଳି ଶୁଭେନ୍ଦୁ ମଲ୍ଲିକ୍ (ସ୍ନେକ୍ ହେଲ୍ପଲାଇନ୍ ଓଡ଼ିଶା) ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରପ୍ରିୟା ନାୟକ, ବନ ବିଭାଗର କର୍ମଚାରୀ, ସାପ ଉଦ୍ଧାରକାରୀ, ମିଡିଆ ପ୍ରତିନିଧି ଏବଂ ଏନଜିଓ ପ୍ରତିନିଧି ଉପସ୍ଥିତ ଥିଲେ।

## ଚାଷୀଙ୍କୁ ନେଇ ଏକଦିବସୀୟ କର୍ମଶାଳା



ମୋରଡ଼ା, ୧୮।୭(ସମିସ): ଶୁକ୍ରବାର ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ଚିତ୍ରଡା ମାଉସୀ ମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ଶତାଧିକ ଚାଷୀଙ୍କୁ ନେଇ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚିତ୍ରଡା ଲ୍ୟାମ୍ପସ ସଭାପତି ମାଥୁରା ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତହସିଲଦାର ବିଦ୍ୟାଧର ଦଣ୍ଡପାଟ ଉଦ୍‌ଘାଟନ କରିଥିଲେ। ମ୍ୟାନେଜିଂ ଡ଼ାଇରେକ୍ଟର ବୀରପ୍ରସାଦ ଶମ୍ଭୁନାରାୟଣ ରାଠୋର କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକ ସମ୍ପର୍କରେ ଚାଷୀଙ୍କୁ ଅବଗତ କରିଛନ୍ତି। ଫାର୍ମାର ରେଜିଷ୍ଟ୍ରେସନ, ମେମ୍ବରସିପ ଡ୍ରାଇଭ, ଡିପୋଜିଟ ମୋବିଲାଇଜେସନ, ଲୋନ ଟଙ୍କା ଆଦାୟ ଆଦି ସମ୍ପର୍କରେ ଆଲୋଚନା କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଚାଷୀଙ୍କ ସମେତ ଲ୍ୟାମ୍ପ୍ସ କର୍ମଚାରୀ, ସଦସ୍ୟ ଉପସ୍ଥିତ ଥିଲେ।

## ଖଲଣା ୟୁପି ସ୍କୁଲ ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାମଚନ୍ଦ୍ରପୁର, ୧୮।୭(ସମିସ): ଘଷିପୁରା ବ୍ଲକ ଖଲଣା ୟୁପି ସ୍କୁଲର ପ୍ରଧାନଶିକ୍ଷକ ବସନ୍ତ ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ସମ୍ମାନିତ ଅତିଥି ଭାବେ ଘସିପୁରା ବିଡିଓ ବିନିତା ବିଜୟିନୀ, ସ୍ଥାନିୟ ସରପଞ୍ଚ ଜ୍ୟୋସ୍ନାମୟୀ ନାୟକ, ସମିତିସଭ୍ୟା ସବିତା ସା, ପରିଚାଳନା କମିଟି ସଭାପତି କାହ୍ନୁଚରଣ ଦଳେଇ ପ୍ରଧାନ ଶିକ୍ଷକଙ୍କୁ ଜଣେ ମିଷ୍ଟଭାଷୀ, ଛାତ୍ର ବତ୍ସଳ, କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ପ୍ରଶଂସା କରିଥିଲେ। ସମ୍ବର୍ଦ୍ଧନା ସଭାରେ ଆଇନଜୀବୀ ରବୀନ୍ଦ୍ର ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ସମାଜସେବୀ ବିପିନ ବିହାରୀ ମାଝୀ, ଟିକନ ମାଝୀ, ଗୋପୀନାଥ ରାଉତ, ମେନକା ବେହେରା, ସୁନି ପାଢ଼ୀ, ବନସ୍ମିତା ପରିଡ଼ା, ସବିତା ସାହୁ ସମେତ ଗ୍ରାମବାସୀ ଏବଂ ଅଭିଭାବକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଚିତ୍ରଡ଼ା କଲେଜରେ ସଡକ ସୁରକ୍ଷା ଅଭିଯାନ




ମୋରଡ଼ା, ୧୮।୭(ସମିସ): ମୋରଡ଼ା ବ୍ଲକ ଚିତ୍ରଡାରେ ଶୁକ୍ରବାର ଆଞ୍ଚଳିକ ପରିବହନ ପ୍ରାଧିକରଣ ବିଭାଗ ଏବଂ ଚିତ୍ରଡା ମହାବିଦ୍ୟାଳୟ ଆନୁକୂଲ୍ୟରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମଭିଆଇ ସାଲଖୁ ମୁର୍ମୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ଅବଗତ କରିଥିଲେ। ଦୁର୍ଘଟଣା ଜନିତ ମୃତ୍ୟୁହାର କିପରି କମିପାରିବ ସେ ସମ୍ପର୍କରେ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ କାମଦେବ ପାଠୀ, ପ୍ରାଧ୍ୟାପିକା ସୌଦାମିନୀ ସିଂ ଆୟୋଜନ କରିଥିବା ବେଳେ ଏନଏସଏସ ଅଧିକାରୀ ସରିତା ଟୁଡ୍ଡୁ, ରେଡକ୍ରସ ସଂଯୋଜିକା ବିଷ୍ଣୁପ୍ରିୟା ସିଂ, ଅଧ୍ୟାପକ ବୁଦ୍ଧିରାମ ସିଂ, ପୂର୍ଣ୍ଣଚନ୍ଦ୍ର ସି ପରିଚାଳନାରେ ସହଯୋଗ କରିଥିଲେ।

# ପିଏମ୍ ପୋଷଣ ଯୋଜନାରେ ୨୦ କୋଟି ହେର୍‌ଫେର !

କେନ୍ଦୁଝର, ୧୮।୭(ସମିସ)

କେନ୍ଦୁଝର ଜିଲ୍ଲାରେ ସରକାରଙ୍କ ମଧ୍ୟାହ୍ନ ଭୋଜନ (ବର୍ତ୍ତମାନର ପିଏମ ପୋଷଣ) ଯୋଜନା ଚାଉଳ ଯୋଗାଣରେ ବ୍ୟାପକ ଅନିୟମିତତା ହୋଇଛି। ଜିଲ୍ଲାର ୧୩ଟି ବ୍ଲକରେ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣରେ ପାଖାପାଖି ୨୦ କୋଟି ଟଙ୍କାର ହେରଫେର ହୋଇଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ, ଜିଲ୍ଲାର ୧୩ଟି ବ୍ଲକର ସ୍କୁଲ ପାଇଁ ପାଖାପାଖି ୬୦୦୦ କ୍ୟୁଣ୍ଟାଲ ଚାଉଳ ଆବଶ୍ୟକତା ହୋଇଥାଏ। ୨୦୧୭ରୁ ୨୦୨୪ ପର୍ଯ୍ୟନ୍ତ ଟେଣ୍ଡର ମାଧ୍ୟମରେ ଚାଉଳ ଯୋଗାଣ ପାଇଁ ଜଣେ ଠିକାଦାରଙ୍କୁ ନିଯୁକ୍ତ କରାଯାଇଥିଲା। ପରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆଉ ଜଣଙ୍କୁ ଟେଣ୍ଡର ଦିଆଯାଇଥିଲା; ଯାହାକି ଚଳିତ ବର୍ଷ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଅବଧି ରହିଥିଲା। ଏବର୍ଷ ବିନା ଟେଣ୍ଡରରେ ଚାଉଳ ଯୋଗାଣ ଅବଧି ଅଧିକ ଏକ ବର୍ଷ ବୃଦ୍ଧି ହୋଇଥିବା ସୂଚନା ମିଳିଛି।

ମଧ୍ୟାହ୍ନ ଭୋଜନ ନିମନ୍ତେ ପ୍ରତି ବ୍ଲକକୁ ଆବଣ୍ଟିତ ଚାଉଳ ଜଣେ ଟେଣ୍ଡରଧାରୀଙ୍କୁ ନଦେଇ କୋଟି କୋଟି ଟଙ୍କାର ଚାଉଳ ହେରଫେର କରିଥିବା ଗନ୍ଧ ବାରି ହୋଇପଡୁଛି। କାରଣ ୨୦୨୪ ବର୍ଷ ପର୍ଯ୍ୟନ୍ତ ଚାଉଳ ଯୋଗାଣ ନିମନ୍ତେ ଠିକା ପାଇଥିବା ଟେଣ୍ଡରଧାରୀ ବିଭିନ୍ନ ବ୍ଲକକୁ ଆବଣ୍ଟିତ ପରିମାଣଠାରୁ ହଜାର ହଜାର କ୍ୱିଣ୍ଟାଲ ଚାଉଳ କମ ଦେଇଛନ୍ତି।

**● ବିନା ଟେଣ୍ଡରରେ ଚାଉଳ ଯୋଗାଣ ଅବଧି ବୃଦ୍ଧି ସନ୍ଦେହରେ**

୨୦୨୨-୨୦୨୪ ମାର୍ଚ୍ଚ ମଧ୍ୟରେ ଟେଣ୍ଡରଧାରୀ ୨୮୦୦ କ୍ୱିଣ୍ଟାଲ କମ ଚାଉଳ ଦେଇଥିବା ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି। ଅନ୍ୟପକ୍ଷରେ କେନ୍ଦୁଝର ସଦର ବ୍ଲକରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ନେଇଥିବା ମାନା ଟ୍ରଷ୍ଟ ମଧ୍ୟ ଗତ ୨୧/୧୨/୨୦୨୪ରେ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଟେଣ୍ଡରଧାରୀ ଆଲଟମେଣ୍ଟଠାରୁ ୨୨୬୪.୩୫ କ୍ୱିଣ୍ଟାଲ କମ ଚାଉଳ ଦେଇଥିବା ଲିଖିତ ଜଣାଇଥିଲେ; କିନ୍ତୁ କାର୍ଯ୍ୟାନୁଷ୍ଠାନ ଶୂନ। ଏହାତ ଦୁଇଟି ବ୍ଲକରେ ଚାଉଳ ଯୋଗାଣ କଥା। ୧୩ଟି ଯାକ ବ୍ଲକରେ ଏଭଳି ଆଲଟମେଣ୍ଟଠାରୁ କମ ଚାଉଳ ଦେଇ ବ୍ୟାପକ ହେରଫେର କରାଯାଇଥିବା ସନ୍ଦେହ କରାଯାଉଛି। ଜିଲ୍ଲାର ସମସ୍ତ ବ୍ଲକର ଚାଉଳ ଯୋଗାଣ ନିମନ୍ତେ ଜଣେ ନିଯୁକ୍ତ ହେଉଥିବାରୁ ଏଭଳି ହେଉଥିବା ସନ୍ଦେହ କରାଯାଉଥିବାବେଳେ ଜିଲ୍ଲାର ୪ ଜଣ ବିଧାୟକ ମଧ୍ୟ ପ୍ରତି ବ୍ଲକରେ ଜଣଙ୍କୁ ଲେଖାଏଁ ଟେଣ୍ଡରଧାରୀ ନିଯୁକ୍ତ ହେଲେ ପିଏମ ପୋଷଣ (ଏମଡିଏମ) ଚାଉଳ ଯୋଗାଣରେ ସ୍ୱଚ୍ଛତା ଆସିବ ବୋଲି ପତ୍ର ଦେଇସାରିଛନ୍ତି। ଏହାସତ୍ତ୍ୱେ ଶୁଣିବାକୁ ନାରାଜ କର୍ତ୍ତୃପକ୍ଷ। ପ୍ରତି ବ୍ଲକକୁ ଆଲଟମେଣ୍ଟ ଥିବା ଚାଉଳ ସମ୍ପୃକ୍ତ ଟେଣ୍ଡରଧାରୀ ଦେବେ ନା ହଜାରହଜାର କ୍ୱିଣ୍ଟାଲ ଚାଉଳ ଯାହାର କି ଆନୁମାନିକ ମୂଲ୍ୟ ପାଖାପାଖି ୨୦ କୋଟି ଟଙ୍କା ହେବ ଆତ୍ମସାତ କରି ବେଫିକର ରହିବେ ତାକୁ ନେଇ ଜିଲ୍ଲାରେ ବଡ଼ ପ୍ରଶ୍ନ ଉଠିଲାଣି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୨୦୧୭ରୁ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣ ଠିକା ଦିଆଯାଉଥିବା ବ୍ୟକ୍ତିମାନେ ସମ୍ପର୍କୀୟ ଅଟନ୍ତି; କିନ୍ତୁ ସେମାନେ ଠିକା ନେଇଥିଲେ ମଧ୍ୟ ସେମାନଙ୍କର ଆଉଜଣେ ସମ୍ପର୍କୀୟ ଚାଉଳ ଯୋଗାଣ କାର୍ଯ୍ୟ କରିଥାନ୍ତି। ଏଭଳି ଗୋଲକଧନ୍ଦା ମଧ୍ୟରେ ମଧ୍ୟାହ୍ନ ଭୋଜନ (ପିଏମ ପୋଷଣ) ଚାଉଳ ଯୋଗାଣରେ ବ୍ୟାପକ ଅନିୟମିତାର ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି।

**ପାଞ୍ଚପୀଢ଼ ପ୍ରଗତି ମଞ୍ଚର ଜରୁରୀ ବୈଠକ**

## ଦାବି ପୂରଣ ନ ହେଲେ ଅଗଷ୍ଟ ୨ରୁ ଆନ୍ଦୋଳନ




କରଞ୍ଜିଆ, ୧୮।୭(ସମିସ) : ପାଞ୍ଚପୀଢ଼ ଉପଖଣ୍ଡର ସର୍ବାଙ୍ଗୀନ ଉନ୍ନତି ପାଇଁ ଗଠିତ ହୋଇଥିବା ପାଞ୍ଚପୀଢ଼ ପ୍ରଗତି ମଞ୍ଚର ଏକ ଜରୁରୀ ବୈଠକ ଗତକାଲି ଓକିଲ ସଂଘର ପୂର୍ବତନ ସମ୍ପାଦକ ଦିବ୍ୟପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ପୂର୍ବତନ ସଭାପତି ସଞ୍ଜୟ କୁମାର ସାହୁଙ୍କ ସମେତ ମଞ୍ଚର ସର୍ବେଶ୍ୱର ମିଶ୍ର, ସରକାରୀ ଓକିଲ ଜଗମୋହନ ମହାନ୍ତ, କରଞ୍ଜିଆ କଚେରୀର ନୋଟାରୀ ଓକିଲ ଗୌରାଙ୍ଗ ଚରଣ ବାରିକ୍, ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ସମାଜସେବୀ ସିଦ୍ଧାର୍ଥ ରାୟ, ଅବସରପ୍ରାପ୍ତ ଇ ତ୍ରିଲୋଚନ ସେଠୀ, ଉମାକାନ୍ତ ଗିରି, ମଙ୍ଗୁଲୁ ପତ୍ର, ଜିତେନ କୁମାର ବେହେରା ପ୍ରମୁଖ ଯୋଗ ଦେଇ କରଞ୍ଜିଆର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଦୀର୍ଘଦିନ ଧରି ରହିଥିବା ଦାବିଗୁଡିକ କିପରି ସମାଧାନ କରାଯାଇ ପାରିବ ଓ ଉପଖଣ୍ଡର ସମସ୍ତ ନାଗରିକଙ୍କୁ କିପରି ଏଥିରେ ସାମିଲ କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ପାଞ୍ଚପୀଢ଼ ଉପଖଣ୍ଡ ଜିଲ୍ଲା ହେବା ପାଇଁ ସମସ୍ତ ବ୍ୟବସ୍ଥା ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ହୋଇପାରିନାହିଁ। ସେହିଭଳି କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପୌର ପରିଷଦର ସମସ୍ତ ଭିତ୍ତିଭୂମି ଥିଲେ ହେଁ ସରକାର ଘୋଷଣା କରୁନାହାନ୍ତି। ଏହା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ତଥା ଉପଖଣ୍ଡ ସଦରମହକୁମା କରଞ୍ଜିଆରୁ ଜିଲ୍ଲା ସଦରମାହକୁମା ବାରିପଦାର ଦୂରତା ୧୨୫ରୁ ୨୦୦ କିମି। ଏଠାରେ ଲୋକଙ୍କୁ ତୁରନ୍ତ ସେବା ଦେବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଦୀର୍ଘଦିନ ହେଲା ଏଠାରେ ଏ ଆର ଟି. ଓ. ଅଫିସ, ଏ.ଡି.ଏମ ଅଫିସ, ଅତିରିକ୍ତ ଏସ ପି. ଅଫିସ୍, ପୂର୍ତ୍ତ ବିଭାଗ ଉପଖଣ୍ଡିୟ କାର୍ଯ୍ୟାଳୟ, ବିଜୁଳି ବିଭାଗ ଖୋଲିବା ପାଇଁ ବୈଠକରେ ଦାବି ହୋଇଥିଲା। ସେହିଭଳି କରଞ୍ଜିଆରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାକୁ ପ୍ରସ୍ତାବ ରହିଥିଲା ଓ ଏଥିପାଇଁ ଜମି ମଧ୍ୟ ଚିହ୍ନଟ କରାଯାଇଥିଲେ ବି ଆଜି ପର୍ଯ୍ୟନ୍ତ ତାହା ଫାଇଲରେ ଚାପିହୋଇ ରହିଛି। ରେଳପଥ ସଂଯୋଗୀକରଣ ପାଇଁ ବହୁ ବର୍ଷ ହେଲା ଦାବି ହୋଇଆସୁଛି; କିନ୍ତୁ ସରକାର ଗୁରୁତ୍ୱ ଦେଉନାହାନ୍ତି। ଦୀର୍ଘ ୨୦ ବର୍ଷ ହେଲା ସହରକୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଦାବି ହୋଇଆସୁଛି। ଶୁକ୍ଲି ବ୍ଲକରେ ଆଜିଯାଏ ଥାନା ପ୍ରତିଷ୍ଠା ହୋଇପାରିନାହିଁ। ଉପଖଣ୍ଡର ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ଗତ ଏପ୍ରିଲରୁ ଅବସର ନେଲେଣି; ହେଲେ ତାଙ୍କ ପଦ ପୂରଣ କରାଯାଉନାହିଁ। ତେବେ ଅଗଷ୍ଟ ୧ ତାରିଖ ସୁଦ୍ଧା ଉପଖଣ୍ଡରେ ସ୍ଥାୟୀ ଉପଜିଲ୍ଲାପାଳ ସହିତ ଜଣେ ଡିଏଫ୍‌ଓ ନିଯୁକ୍ତି ନ ହେଲେ ୨ ତାରିଖରୁ ଆନ୍ଦୋଳନ ଡାକରା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରଗତିମଞ୍ଚକୁ ବ୍ୟାପକ କରିବାକୁ ଆଗାମୀ ଦିନରେ ଶୁକ୍ଲି, ରରୁଆ, ଯଶିପୁର ଓ ଠାକୁରମୁଣ୍ଡାରେ ବୈଠକ କରି ଶାଖା କମିଟି ଗଠନ କରିବାକୁ ସ୍ଥିର ହୋଇଛି। ଶୁକ୍ଲି ଏବଂ ଯଶିପୁରକୁ ଏନଏସି ଗଠନ ପାଇଁ ମଧ୍ୟ ଦାବି ରଖାଗଲା। ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ଯତ୍ନ ଓ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ



ବେତନଟୀ, ୧୮।୭(ସମିସ): ବେତନଟୀ ଏମପିସି ହାଇସ୍କୁଲରେ ଜୁଭେନାଇଲ ଜଷ୍ଟିସ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଏବଂ ଶିକ୍ଷା ଅଧିକାର ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେତନଟୀ କୋର୍ଟର ବିଚାରପତି ସୁଶ୍ରୀ ରଶ୍ମିନାରାୟଣୀ ମିଶ୍ର ସଭାପତିତ୍ୱ କରିଥିଲେ। ଏମ.ପି.ସି. ହାଇସ୍କୁଲର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ପୂର୍ବତନ ପ୍ରଧାନ ଶିକ୍ଷକ ମହେଶ୍ୱର ପଣ୍ଡା, ଓକିଲ ସଙ୍ଘର ସଭାପତି ଦେବବ୍ରତ ପରିଡ଼ା ଏବଂ ସମ୍ପାଦକ ପ୍ରବୀର ବାରିକ ପ୍ରମୁଖ ଶିଶୁ ଅଧିକାର ଓ ବାଧ୍ୟତାମୂଳକ ଶିକ୍ଷା ସମ୍ପର୍କରେ ସମାଜକୁ ସଚେତନ କରାଇବାରେ ସମଷ୍ଟିଗତ ପ୍ରୟାସର ମହତ୍ତ୍ୱକୁ ଦର୍ଶାଇଥିଲେ। ବିଚାରପତି ରଶ୍ମିନାରାୟଣୀ ମିଶ୍ର ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କ ଅଧିକାର ସୁରକ୍ଷା ଏବଂ ଆଇନ ସହ ଛନ୍ଦି ଥିବା ଶିଶୁମାନଙ୍କ ପାଇଁ ଜୁଭେନାଇଲ ଜଷ୍ଟିସ ଆଇନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଦୁର୍ବଳ ଓ ଅବହେଳିତ ଶିଶୁଙ୍କୁ ସୁରକ୍ଷା ଦେବା ଏବଂ ସେମାନଙ୍କର ପୁନର୍ବାସନ ଓ ସମାଜରେ ପୁନଃସଂଯୋଗୀକରଣ ପାଇଁ ଆଇନଗତ ପ୍ରଣାଳୀ ବୁଝିବାକୁ ସଭିଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷାର ଅଧିକାର ଆଇନ ଉପରେ ଆଲୋଚନାରେ ୬ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁଙ୍କ ପାଇଁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବାର ଏହାର ଆଦେଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଚାରପତି ମିଶ୍ର ଆର୍ଥ-ସାମାଜିକ ବାଧା ହେତୁ କୌଣସି ଶିଶୁ ଶିକ୍ଷାରୁ ବଞ୍ଚିତ ନ ହେବା ପାଇଁ ସମୁଦାୟର ଭାଗିଦାରୀର ମହତ୍ତ୍ୱ ଉପରେ ଜୋର ଦେଇଥିଲେ।

## ୩ ବାଲି ବୋଝେଇ ହାଇୱା ଜବତ

କରଞ୍ଜିଆ, ୧୮।୭(ସମିସ): ତିନ ବେଆଇନ ବାଲି ବୋଝେଇ ହାଇୱାକୁ ପୁଲିସ ଜବତ କରିବା ସହିତ ଚାଳକ ଫେରାର ହୋଇଯାଇଛନ୍ତି। ଶୁକ୍ରବାର ଭୋରୁ ଠାକୁରମୁଣ୍ଡା- କରଞ୍ଜିଆ ୫୩ ନମ୍ବର ରାଜ୍ୟ ରାଜପଥ ଅସନବଣୀ ଓ ପାଟବିଲ ନିକଟରୁ ପାଞ୍ଚପୀଢ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ ଆନନ୍ଦପୁର ବୈତରଣୀ ନଦୀରୁ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ୩ଟି ହାଇୱାକୁ ଜବତ କରିଛନ୍ତି। ଜବତ ହୋଇଥିବା ୨ଟି ହାଇୱାକୁ କରଞ୍ଜିଆ ପୋଲିସ ଥାନା ପରିସରକୁ ପଠାଇଥିବା ବେଳେ ଗୋଟିଏକୁ ଠାକୁରମୁଣ୍ଡା ଥାନା ପରିସରକୁ ପଠାଇଛନ୍ତି ବୋଲି ଶ୍ରୀ ନାଏକ ସୂଚନା ଦେଇଛନ୍ତି।

## ବେଆଇନ ଦେଶୀ ମଦ ଜବତ; ତିନି ଗିରଫ

ବେତନଟୀ, ୧୮।୭(ସମିସ): ବେତନଟୀ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ବେଆଇନ ଦେଶୀ ମଦ ଜବତ କରାଯାଇ ତିନି ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ତିନି ଜଣ ହେଲେ ବଡ଼ସାହି ଆମ୍ବଡାଳୀ ଅଞ୍ଚଳର ଜସୁ ବଗଲ, ଗିରି ବଗଲ। ଅନ୍ୟଜଣେ ବୈସିଙ୍ଗା ଜଡ଼ିଦା ଅଞ୍ଚଳର ଲକ୍ଷ୍ମଣ ବେହେରା। ତିନିଜଣଙ୍କ ନିକଟରୁ ମୋଟ ୫୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଗିରଫ ପରେ ତିନି ଅଭିଯୁକ୍ତଙ୍କୁ ବେତନଟୀ କୋର୍ଟ ଚାଲାଣ କରାଯାଇଛି।

## ମହିଳା ମହାବିଦ୍ୟାଳୟରେ ଆଇସିସିର ସଚେତନତା ବୈଠକ

କରଞ୍ଜିଆ, ୧୮।୭(ସମିସ): କରଞ୍ଜିଆସ୍ଥିତ ପାଞ୍ଚପୀଢ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହିଳାଙ୍କୁ ଯୌନ ଉତ୍ପୀଡନ ସମ୍ପର୍କିତ ଗଠିତ ଆନ୍ତଃ ଅଭିଯୋଗ ସମିତି (ଆଇସିସି) ପକ୍ଷରୁ ଆଜି ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇସିସିର ଆବାହକ ତଥା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଣତି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଇସିସି ସଭ୍ୟା ଭାରତୀ ରାଜ, ସଭ୍ୟା ଅଧ୍ୟାପିକା ମିଳାମଣି ମହାନ୍ତ, ସଭ୍ୟା ଅନିତା ମୁଣ୍ଡା ସଭ୍ୟା ଓ ଅଧ୍ୟାପିକା ଏନଏସଜି ପାୟଲ, ଅର୍ଚ୍ଚିତା ବାରିକ, ରଶ୍ମି ଖଣ୍ଡେତ୍ ପ୍ରାମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଶ୍ରୀମତୀ ପାୟଲ ଅତିଥି ପରିଚୟ ଦେଇଥିଲେ। ସଭାପତି ସେବତୀ ପୃଷ୍ଟି ଆଇସିସି ଗଠନ ହେବାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ସୂଚନା ଦେଇଥିଲେ। ୨୦୧୨ ମସିହାରେ ନିର୍ଭୟା କାଣ୍ଡ ଘଟିବା ପରେ ୨୦୧୩ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ କେନ୍ଦ୍ର ସରକାର ମହିଳାଙ୍କ ସୁରକ୍ଷା ପାଇଁ ପ୍ରିଭେନସନ, ପ୍ରୋହିବିସନ ଆଣ୍ଡ ରିଡ୍ରେସାଲ ଆକ୍ଟ ୨୦୧୩କୁ ଲାଗୁ କରିଥିଲେ। ଆଇନର ପ୍ରାବଧାନ ଅନୁଯାୟୀ ଯେକୌଣସି ସରକାରୀ ଅଥବା ବେସରକାରୀ ଅନୁଷ୍ଠାନରେ ୧୦ରୁ ଅଧିକ ମହିଳା ଥିବେ ସେଠାରେ ଆନ୍ତଃ ଅଭିଯୋଗ ସମିତି ଗଠନ ପାଇଁ ସରକାରୀ ନିର୍ଦ୍ଦେଶନାମା ଥିଲା। ଯୌନ ଉତ୍ପୀଡନ କ୍ଷେତ୍ରର ପରିସୀମା, ଆପତ୍ତି ଅଭିଯୋଗର ପଦ୍ଧତି, ପ୍ରକାର ଭେଦ, ଦଣ୍ଡବିଧାନ ଓ ଶୂନ୍ୟ ସହନଶୀଳତା ସମ୍ପର୍କରେ ବକ୍ତା ମାନେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଶେଷରେ ଅଧ୍ୟାପିକା ଏନ୍. ଏସ୍ ପାୟଲ ଧନ୍ୟବାଦ୍ ଦେଇଥିଲେ।

**ସାହାଣୀ କପ୍ ଫୁଟ୍‌ବଲ**

## ଆର୍‌ଏସ୍‌ପି ୪-୩ ଗୋଲରେ ବିଜୟୀ, କେନ୍ଦୁଝର-ଯାଜପୁର ମ୍ୟାଚ ଡ୍ର'

କେନ୍ଦୁଝର, ୧୮।୭(ସମିସ)



କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡ଼ିଆଠାରେ ଆଜି ୬୪ତମ ସାହାଣୀ କପ ସିନିଅର ଆନ୍ତଃଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ତଥା ଉତ୍ତେଜନା ପୂର୍ଣ୍ଣ ପ୍ରଥମ ଖେଳରେ ଘରୋଇ କେନ୍ଦୁଝର ଏବଂ ଯାଜପୁର ମଧ୍ୟରେ ୨-୨ ଗୋଲ ବିନିମୟରେ ସମାପ୍ତ ହୋଇ ଖେଳ ଡ୍ର ରହିଛି। ପ୍ରଥମାର୍ଦ୍ଧ ଖେଳର ୩୦ତମ ମିନିଟରେ କେନ୍ଦୁଝରର ଗୋଲରକ୍ଷକ ଯଦୁନାଥ ସର୍ଦ୍ଦାର ବିପଜ୍ଜନକ ଖେଳ ପ୍ରଦର୍ଶନ କରିବାରୁ ରେଫରୀ ସୁବ୍ରତ ପୁରୋହିତ ତାଙ୍କୁ ପଡ଼ିଆରୁ ବାହାର କରିଥିଲେ। ୩୭ ମିନିଟରେ ଯାଜପୁର ପକ୍ଷରୁ ଜର୍ସି ନମ୍ବର ୬ ଅଜୟ ସୋରେନ ପ୍ରଥମ ଗୋଲ କରିଥିଲେ। ଦ୍ୱିତୀୟାର୍ଦ୍ଧର ୭୩ତମ ମିନିଟରେ ରାଇଟ ଉଇଙ୍ଗର ଭଞ୍ଜକିଶୋର ହାଁସଦା ଦ୍ୱିତୀୟ ଗୋଲ କରିଥିଲେ। ମାତ୍ର ୭୫ତମ ମିନିଟରେ କେନ୍ଦୁଝରର ଲେଫ୍ଟ ଉଇଙ୍ଗର ମଙ୍ଗଳ ମୁଣ୍ଡା ଏକ ଦର୍ଶନୀୟ ଗୋଲ ଜରିଆରେ ଗୋଲଟିକୁ ପରିଶୋଧ କରିଦେଇଥିଲେ। ଖେଳ ଶେଷ ହୁଇସିଲ ବାଜିବାର ଏକ ମିନିଟ ପୂର୍ବରୁ ଘରୋଇ ଦଳର ମିଡଫିଲଡର ଅନ୍ୟ ଏକ ଗୋଲ ପରିଶୋଧ କରି ଖେଳକୁ ସମାନ ସ୍ତରକୁ ଆଣିବା ସହ ମ୍ୟାଚ ଡ୍ର ରଖିବାରେ ସକ୍ଷମ ହୋଇଥିଲେ।

ଦ୍ୱିତୀୟ ଖେଳରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଅନୁଗୋଳ ଜିଲ୍ଲା ବିପକ୍ଷରେ ୪-୩ ଗୋଲରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧ ଖେଳର ୪ ମିନିଟରେ ରାଉରକେଲାର ଷ୍ଟ୍ରାଇକର ସୁରେଶ ଖାଡ଼ିଆ ଦଳ ପକ୍ଷରୁ ପ୍ରଥମ ଗୋଲ କରିଥିବା ବେଳେ ୩୬ତମ ମିନିଟରେ ଅନୁଗୋଳର ରାଇଟ ଉଇଙ୍ଗର ଅନ୍ତର୍ଯ୍ୟାମୀ ନାୟକ ଗୋଲଟିକୁ ପରିଶୋଧ କରିଥିଲେ। ମାତ୍ର ୪୩ତମ ମିନିଟରେ ରାଉରକେଲା ପକ୍ଷରୁ ରମେଶ ଓରାମ ଅନ୍ୟ ଏକ ଗୋଲ କରିଥିଲେ। ଦ୍ୱିତୀୟାର୍ଦ୍ଧର ୪୯ ମିନିଟରେ ରାଉରକେଲା ପକ୍ଷରୁ ସୁରେଶ ଖାଡ଼ିଆ ଆଉ ଏକ ଗୋଲ କରିଥିଲେ। ମାତ୍ର ୬୪ତମ ମିନିଟରେ ଏବଂ ୭୪ତମ ମିନିଟରେ ଅନୁଗୋଳ ପକ୍ଷରୁ ପରାଉ ମୁର୍ମୁ ଲଗାତାର ଦୁଇଟି ଗୋଲ କରି ଖେଳକୁ ସମାନ ସ୍ତରକୁ ଆଣିଥିଲେ। ଶେଷରେ ରାଉରକେଲାର ତାରକା ଖେଳାଳି ଚତୁର୍ଥ ଗୋଲଟି କରି ଦଳକୁ ୪-୩ ଗୋଲରେ ବିଜୟୀ କରାଇଥିଲେ।

ଆଜି ଖେଳ ଆରମ୍ଭ ହେବା ପୂର୍ବରୁ ଅତିଥି ସଦର ବିଡିଓ ବିନୋଦଚନ୍ଦ୍ର ପଣ୍ଡା, ଜିଲ୍ଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ବରୋଦା ପ୍ରସାଦ ସାହୁଙ୍କ ସହ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡା ସଂସ୍ଥା ଉପସଭାପତି ସୁରେଶଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ ସୁରେଶ ରଣା, ରାଜକୁମାର ମିଶ୍ର, ବୀରେନ୍ଦ୍ର ମହାନ୍ତ ଏବଂ ଗିରୀଶଚନ୍ଦ୍ର ହୋତା ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଖେଳରେ ସୁବ୍ରତ ପୁରୋହିତ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଜଗନ୍ନାଥ କହ୍ନର ଓ ମହେଶ ପ୍ରଧାନ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ବାପୁନ ମହାନ୍ତ। ସେହିପରି ଦ୍ୱିତୀୟ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଦାୟିତ୍ୱ ଥିବା ବେଳେ ଲାଇନରେ ଅରୁଣ ନାୟକ ଓ ରତ୍ନାକର ସୋରେନ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ରାଇମୋହନ ମୁର୍ମୁ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ସଞ୍ଜୟ ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ସୁରେଶ ଦାଶ ମ୍ୟାଚ କମିଶନର ଥିଲେ।

## ପ୍ରତିଭା ସମ୍ମାନ ତାଲିକାରୁ ପଦ୍ମଶ୍ରୀ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ବାଦ

ଖିଚିଂ, ୧୮।୭(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ୨୦୨୫-୨୬ ବର୍ଷ ପାଇଁ କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପାଳନ କରି ସମ୍ମାନ ପ୍ରଦର୍ଶନ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ବର୍ଗର ୬୩ ଜଣ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କ ନାମ ତାଲିକା ପ୍ରସ୍ତୁତ ହୋଇଛି; ମାତ୍ର ଦୁଃଖର ବିଷୟ ଯେ, ଖିଚିଂ ଗ୍ରାମରେ ପୂଜକ ପରିବାରରେ ଜନ୍ମଗ୍ରହଣ କରିଥିବା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଐତିହାସିକ, ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ, ଧୁରୀଣ ଗବେଷକ ଓ ପ୍ରଥିତଯଶା ସାହିତ୍ୟିକ ପଦ୍ମଶ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ନାମ ଏହି ତାଲିକାରୁ ବାଦ ଦିଆଯାଇଛି। ଫଳରେ ଏ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଏଥିସହିତ ମୟୂରଭଞ୍ଜ ମାଟିର ଅନେକ ଯଶସ୍ୱୀ ସାରସ୍ୱତ ସାଧକ ଏହି ତାଲିକାରୁ ବାଦ ପଡ଼ିବା ଫଳରେ ଜିଲ୍ଲାର ସ୍ୱାଭିମାନ ପ୍ରତି ଆଞ୍ଚ ଆସିଛି। ଜିଲ୍ଲାବାସୀଙ୍କ ଏହି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ସୁଚିନ୍ତିତ ବିଚର ଆଲୋଚନା କରାଯାଇ ତାଲିକାକୁ ପୁଣି ସଂଶୋଧନ କରିବାକୁ ସାଧାରଣରେ ଦାବି ହେଉଛି।

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରଶିକ୍ଷଣ



କେନ୍ଦୁଝର, ୧୮।୭(ସମିସ): କେନ୍ଦୁଝର ଜିଲ୍ଲା ପ୍ରଶାସନ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସହଯୋଗରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଇଁ ଆବାସିକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବୀନ୍ଦ୍ର ପ୍ରଧାନ, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାର ୧୩ଟି ବ୍ଲକର ୨୯୭ ପଞ୍ଚାୟତର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଛଅଟି ବ୍ୟାଚରେ ଏହି ପ୍ରଶିକ୍ଷଣରେ ଯୋଗ ଦେବେ, ଯାହା ୬ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ଚାଲିବ। ପ୍ରଶିକ୍ଷଣରେ ବିପର୍ଯ୍ୟୟ ପରିଚାଳନା ଆଇନ୍ ୨୦୦୫, ସତର୍କତା ପ୍ରଣାଳୀ, ଆଶ୍ରୟସ୍ଥଳ ପରିଚାଳନା, ଗ୍ରାମପଞ୍ଚାୟତର ଭୂମିକା ଆଦି ବିଷୟ ଉପରେ ଆଲୋଚନା ହେବ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୨୫ ● ପାଉଣ୍ଡ ୧୧୫.୩୮
- ୟୁରୋ ୧୦୦.୬୯ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୧୪୦ (ନୂଆଦିଲ୍ଲୀ)
- ରୁପା : ୧,୧୩,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୭୫୭.୦୦
- ନିଫ୍ଟି ୨୪,୯୬୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତରେ ୩୫% ବ୍ୟାଙ୍କ ଆକାଉଣ୍ଟ ନିଷ୍କ୍ରିୟ

- ନିଷ୍କ୍ରିୟ ଆକାଉଣ୍ଟରେ ମହିଳାଙ୍କ ଅଂଶ ସର୍ବାଧିକ
- ୨୦୨୧ଠାରୁ ଏକ ତୃତୀୟାଂଶ ବ୍ୟାଙ୍କ ଆକାଉଣ୍ଟ ଅକାମୀ




ନୂଆଦିଲ୍ଲୀ,୧୮।୭(ଏଜେନ୍ସି): ୨୦୨୧ଠାରୁ ଦେଶରେ ଏକ ତୃତୀୟାଂଶରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ 'ନିଷ୍କ୍ରିୟ' ରହିଛି। ବୁଧବାର ପ୍ରକାଶିତ 'ଗ୍ଲୋବାଲ୍ ଫିଣ୍ଡେକ୍ସ ୨୦୨୫› ଶୀର୍ଷକ ଏକ ରିପୋର୍ଟ ଅନୁଯାୟୀ, ୨୦୨୧ରେ ଭାରତରେ ପ୍ରାୟ ୩୫ ପ୍ରତିଶତ ବ୍ୟାଙ୍କ ଆକାଉଣ୍ଟ 'ନିଷ୍କ୍ରିୟ' ଥିଲା। ବିଶ୍ୱର ବିକାଶଶୀଳ ଅର୍ଥନୀତିଗୁଡ଼ିକରେ ସର୍ବାଧିକ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ରହିଛି, ଯେଉଁଥିରେ ଭାରତ ସାମିଲ। ତେଣୁ, ବିକାଶଶୀଳ ଅର୍ଥନୀତି ତୁଳନାରେ ଭାରତରେ ୭ ଗୁଣ ଅଧିକ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ରହିଛି।

ରିପୋର୍ଟ ଅନୁଯାୟୀ, 'ଭାରତରେ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ସଂଖ୍ୟାରେ ବୃଦ୍ଧିର ମୁଖ୍ୟ କାରଣ ହେଉଛି, ଜନ ଧନ ଯୋଜନା। ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଜରିଆରେ ସେମାନଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ସାମିଲ କରିବା ପାଇଁ ଭାରତ ସରକାର ଜନ ଧନ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ୨୦୧୪ ଅଗଷ୍ଟରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତର ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ୨୦୨୨ ଏପ୍ରିଲ ସୁଦ୍ଧା ୪୫ କୋଟି ଅତିରିକ୍ତ ଆକାଉଣ୍ଟ ଯୋଡାଯାଇଥିଲା। ଭାରତରେ ବୟସ୍କମାନଙ୍କ ମଧ୍ୟରେ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟର ଅଂଶ ୨୦୧୭ ରୁ ୨୦୨୧ ପର୍ଯ୍ୟନ୍ତ ସମାନ ରହିଥିଲା। ମୋଟ ଜନସଂଖ୍ୟାର କେବଳ ୯ ପ୍ରତିଶତ ବୟସ୍କ-ମୋଟ ଆକାଉଣ୍ଟର ୧୩ ପ୍ରତିଶତକୁ ନିଷ୍କ୍ରିୟ ଆକାଉଣ୍ଟ ଭାବରେ ଧରାଯାଉଛି। ଅପରପକ୍ଷେ ବିଶ୍ୱର ବିକାଶଶୀଳ ଅର୍ଥନୀତିଗୁଡ଼ିକରେ ନିଷ୍କ୍ରିୟ ଆକାଉଣ୍ଟର ସ୍ତର ୨୦% ରୁ ୩୦%କୁ ବୃଦ୍ଧି ପାଇଛି।


ଅନ୍ୟପକ୍ଷରେ, ଉଚ୍ଚ-ଆୟ ଥିବା ବିଶ୍ୱର ଅର୍ଥନୀତିଗୁଡ଼ିକରେ ପ୍ରାୟ ସମସ୍ତ ବ୍ୟାଙ୍କ ଆକାଉଣ୍ଟଧାରୀ ସକ୍ରିୟ ଅଛନ୍ତି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ବିକାଶଶୀଳ ଅର୍ଥନୀତିଗୁଡ଼ିକରେ, ପୁରୁଷମାନଙ୍କ ତୁଳନାରେ ମହିଳାଙ୍କର ୫ ପ୍ରତିଶତ ଅଧିକ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ରହିଛି। ତଥାପି, ଭାରତରେ, ପୁରୁଷ ଏବଂ ମହିଳାଙ୍କ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ମଧ୍ୟରେ ପାର୍ଥକ୍ୟ ୭୨%। ଭାରତରେ, ମହିଳାଙ୍କର ଅଧିକ ନିଷ୍କ୍ରିୟ ଆକାଉଣ୍ଟ (୪୨%) ଥିବାବେଳେ ପୁରୁଷମାନଙ୍କର କ୍ଷେତ୍ରରେ ନିଷ୍କ୍ରିୟ କମ୍ ବ୍ୟାଙ୍କ ଆକାଉଣ୍ଟ ସଂଖ୍ୟା ୩୦ ପ୍ରତିଶତ ରହିଛି। ଏଠାରେ ସୂଚନାଯୋଗ୍ୟ ଯେ, ଯଦି ଗୋଟିଏ ବର୍ଷ ପାଇଁ କୌଣସି ବ୍ୟାଙ୍କ ଆକାଉଣ୍ଟରେ ଜମା କିମ୍ବା ଡିଜିଟାଲ କାରବାର କରାଯାଇ ନ ଥାଏ, ତେବେ ଏହାକୁ ନିଷ୍କ୍ରିୟ ବୋଲି ବିବେଚନା କରାଯାଏ। ଆର୍ଥିକ ଅନ୍ତର୍ଭୁକ୍ତିକରଣ ଉପରେ ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହି ସୂଚନା ଦିଆଯାଇଛି।

## ନିବେଶକ ହରାଇଲେ ଅଢ଼େଇ ଲକ୍ଷ କୋଟି

**୫୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ**

ମୁମ୍ବଇ,୧୮।୭(ଏଜେନ୍ସି): ଭାରତୀୟ ସେୟାର ବଜାର ସପ୍ତାହର ଶେଷ କାରବାର ଦିବସରେ ବଡ଼ ହ୍ରାସର ସମ୍ମୁଖୀନ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ( ବିଏସ୍‌ଇ) ସେନ୍‌ସେକ୍ସରେ ୫୦୧.୫୨ ପଏଣ୍ଟ ବା ୦.୬୧ ପ୍ରତିଶତ ହ୍ରାସ ଘଟି ୮୧,୭୫୭.୭୩ ପଏଣ୍ଟ ସ୍ତରରେ କାରବାର ଶେଷ କରିଛି। ଅନ୍ୟପଟେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୧୪୩.୦୫ ପଏଣ୍ଟ ବା ୦.୫୭ ପ୍ରତିଶତ ହ୍ରାସ ହୋଇ ୨୪,୯୬୪.୪୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସବୁଠୁ ଅଧିକ ହ୍ରାସ ବ୍ୟାଙ୍କିଙ୍ଗ ଓ ଏଫ୍‌ଏମ୍‌ସିଜି ସେୟାରରେ ଦେଖିବାକୁ ମିଳିଛି। ଏହି କାରଣରୁ ନିବେଶକମାନଙ୍କୁ ଆଜି ୨.୫୭ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଶ୍ୱ ବଜାରରେ ଦୁର୍ବଳ ସଙ୍କେତ ଓ ଆକ୍ସିସ୍ ବ୍ୟାଙ୍କ ସମେତ ଅନେକ କମ୍ପାନିର ଦୁର୍ବଳ ଆର୍ଥିକ ଫଳାଫଳ ଆଜି ନିବେଶକଙ୍କ ମନୋଭାବ ଉପରେ ପ୍ରଭାବ ପକାଇଛି। ଏବେ ନିବେଶକଙ୍କ ନଜର ସୋମବାର ଜୁଲାଇ ୨୧ରେ କିଛି ବଡ଼ କମ୍ପାନୀର ଆର୍ଥିକ ଫଳାଫଳ ଉପରେ ରହିବ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏହି ଦିନ ନିଜର ଜୁନ୍ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରିବେ। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ଆଜି ହ୍ରାସ ପାଇ ୪୮୦.୩୦ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିବସ ଅର୍ଥାତ୍ ଜୁଲାଇ ୧୭ରେ ଏହା ୪୬୦.୮୭ ଲକ୍ଷ କୋଟି ଟଙ୍କା ରହିଥିଲା। ସେହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜିରେ ୨.୫୭ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ସରଳ ଶବ୍ଦରେ ରହିବାକୁ ଗଲେ ନିବେଶକଙ୍କୁ ୨.୫୭ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଏସ୍‌ଇ ସେନ୍‌ସେକ୍ସର ୩୦ ସେୟାର ମଧ୍ୟରୁ ୭ ସେୟାର ଆଜି ସବୁଜ ସଙ୍କେତ ସହ ବନ୍ଦ ହୋଇଛି। ଏଥିରେ ବଜାଜ ଫାଇନାନ୍ସର ସେୟାରରେ ସବୁଠୁ ଅଧିକ ୧.୯୪ ପ୍ରତିଶତ ବୃଦ୍ଧି ହୋଇଛି। ଅନ୍ୟପକ୍ଷେ ୨୩ ସେୟାର ଲାଲ୍ ସଙ୍କେତରେ ବନ୍ଦ ହୋଇଛି।

## ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ଭୁବନେଶ୍ୱର,୧୮।୭(ସମିସ): ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପ୍ରୋଜେକ୍ଟ ଆରୋଗ୍ୟ ଅନ୍ତର୍ଗତ ଏକ ବୃହତ ବହୁ - ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଅବହେଳିତ ଅଞ୍ଚଳଗୁଡ଼ିକୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି। ଏହି ଶିବିର ଗୋବର୍ଦ୍ଧନପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୫ଟି ଗ୍ରାମର ବାସିନ୍ଦାଙ୍କୁ ସେବା ପ୍ରଦାନ କରିଥିଲା। ଯାହା ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୩୫୦ରୁ ଅଧିକ ରୋଗୀ ଉପକୃତ ହୋଇଥିଲେ। ଶିଶୁରୋଗ, ସାଧାରଣ ଔଷଧ, ସ୍ତ୍ରୀ ରୋଗ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଚିକିତ୍ସା କ୍ଷେତ୍ରର ବିଶେଷଜ୍ଞଙ୍କ ସହାୟତାରେ ଶିବିରଟି ତୁରନ୍ତ ସେବା ପ୍ରଦାନ କରାଯିବା ସହ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଅଭ୍ୟାସ ଉପରେ ସଚେତନତା ବୃଦ୍ଧି କରାଯାଇଥିଲା। ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଲାଞ୍ଜିଗଡ଼ରେ ଆମେ ସ୍ଥାୟୀ ସ୍ୱାସ୍ଥ୍ୟସେବା ପଦକ୍ଷେପ ମାଧ୍ୟମରେ ସମ୍ପ୍ରଦାୟର ଉନ୍ନତି ପାଇଁ ଦୃଢ ଭାବରେ ପ୍ରତିବଦ୍ଧ। ମେଗା ସ୍ୱାସ୍ଥ୍ୟ ଶିବିର ହେଉଛି ଆମର ପ୍ରତିରୋଧକ ପଦ୍ଧତିର ଏକ ଅଂଶ ଯାହା ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ସମୟୋଚିତ ଚିକିତ୍ସା ସହାୟତା ସୁନିଶ୍ଚିତ କରିଥାଏ। ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ, ଆମେ ଅବହେଳିତ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇବା ଜାରି ରଖିଛୁ।

# ୯ କ୍ୟାରେଟ୍ ସୁନାରେ ହଲ୍‌ମାର୍କିଂ ବାଧ୍ୟତାମୂଳକ

**ଘଣ୍ଟା ଏବଂ କଲମରେ ହଲମାର୍କିଂ ଆବଶ୍ୟକ ନାହିଁ**




ନୂଆଦିଲ୍ଲୀ,୧୮।୭(ଏଜେନ୍ସି)

ଏଣିକି ଗ୍ରାହକ ୯ କ୍ୟାରେଟ୍‌ରେ ବି ହଲମାର୍କିଂ ସୁନା ପାଇପାରିବେ। ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଶୁକ୍ରବାର ୯ କ୍ୟାରେଟ୍ ସୁନାରେ ତିଆରି ସୁନା ଅଳଙ୍କାର ଉପରେ ହଲମାର୍କିଂକୁ ବାଧ୍ୟତାମୂଳକ କରିଛି। ଏଠାରେ ସୂଚନାଯୋଗ୍ୟ ଯେ, ଏ ପର୍ଯ୍ୟନ୍ତ କେବଳ ୨୪କେ, ୨୩କେ, ୨୨,କେ,୨୦କେ, ୧୮କେ ଏବଂ ୧୪କେ ସୁନାରେ ତିଆରି ଅଳଙ୍କାର ଉପରେ ହଲମାର୍କିଂ ଆବଶ୍ୟକ ହେଉଥିଲା। ହଲମାର୍କ ସୁନାର ଶୁଦ୍ଧତାକୁ ନିଶ୍ଚିତ କରିଥାଏ। ସେହି ସମୟରେ, ସୁନାରେ ତିଆରି ଘଣ୍ଟା ଏବଂ କଲମରେ ହଲମାର୍କିଂ ଆଉ ଆବଶ୍ୟକ ନାହିଁ।

ଅଲ୍ ଇଣ୍ଡିଆ ଜେମ୍ ଆଣ୍ଡ ଜୁଏଲାରୀ ଡୋମେଷ୍ଟିକ୍ କାଉନସିଲ୍ କହିଛି ଯେ ଏବେ ସମସ୍ତ ଅଳଙ୍କାର ବ୍ୟବସାୟୀ ଏବଂ ହଲମାର୍କିଂ କେନ୍ଦ୍ରଗୁଡ଼ିକୁ ବିଆଇଏସ୍‌ର ନୂତନ ନିୟମ ପାଳନ କରିବାକୁ ପଡିବ। ନୂତନ ନିୟମ ଅନୁଯାୟୀ, ୯ କ୍ୟାରେଟ୍ ସୁନା (୩୭୫ପିପିଟି) ମଧ୍ୟ ବାଧ୍ୟତାମୂଳକ ହଲମାର୍କିଂ ପରିସରକୁ ଆସିଛି। ପୂର୍ବରୁ ୯ କ୍ୟାରେଟ୍ ସୁନା ପାଇଁ ଏହା ଆବଶ୍ୟକ ନ ଥିଲା, କିନ୍ତୁ ଏବେ ଗ୍ରାହକମାନଙ୍କୁ ସୁନାର ଶୁଦ୍ଧତା ବିଷୟରେ ସଠିକ୍ ସୂଚନା ଦେବା ପାଇଁ ଏହାକୁ ହଲମାର୍କିଂ କରିବାକୁ ପଡିବ। ବିଆଇଏସ୍ ଆଇନ ୨୦୧୬ ଅନୁଯାୟୀ ସୁନା ଅଳଙ୍କରରେ ହଲମାର୍କିଂ କରାଯାଇଥାଏ। ଏହା ଅଳଙ୍କାର ଏବଂ କଳାକୃତିରେ ମୂଲ୍ୟବାନ ଧାତୁର ପରିମାଣକୁ ପ୍ରମାଣିତ କରେ। ଏହା ଗ୍ରାହକମାନଙ୍କୁ ଜଣାଏ ଯେ ସେମାନଙ୍କ ଅଳଙ୍କାରରେ ସୁନା କେତେ ଶୁଦ୍ଧ। ହଲମାର୍କିଂ ଗ୍ରାହକମାନଙ୍କୁ ଠକେଇରୁ ରକ୍ଷା କରିପାରିବ। ହଲମାର୍କିଂର ୮ଟି ଗ୍ରେଡ୍ ରହିଛି। ପ୍ରତ୍ୟେକ ଗ୍ରେଡ୍ ସୁନାର ଶୁଦ୍ଧତାକୁ ସୂଚାଇଥାଏ। ବର୍ତ୍ତମାନ ୯କେ ସୁନା ମଧ୍ୟ ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି। ଏହା ଗ୍ରାହକମାନଙ୍କୁ ଅଧିକ ବିକଳ୍ପ ଦେବ। ଏବେ ଘଣ୍ଟା ଏବଂ କଲମରେ ହଲମାର୍କିଂ ଆବଶ୍ୟକ ନାହିଁ, ବିଆଇଏସ୍ ମଧ୍ୟ ଏହାର ନିୟମରେ କିଛି ପରିବର୍ତ୍ତନ କରିଛି। ଏବେ ସୁନା ଘଣ୍ଟା ଏବଂ କଲମକୁ କଳାକୃତିର ପରିଭାଷାରୁ ବାଦ ଦିଆଯାଇଛି। ଏହାର ଅର୍ଥ ହେଉଛି ଏବେ ସେମାନଙ୍କ ଉପରେ ହଲମାର୍କିଂ ବାଧ୍ୟତାମୂଳକ ନୁହେଁ। ସ୍ୱର୍ଣ୍ଣ ମୁଦ୍ରା ସମ୍ପର୍କରେ ଏକ ନୂତନ ନିୟମ ମଧ୍ୟ କରାଯାଇଛି। ଏବେ କେବଳ ୨୪କେଏଫ୍ କିମ୍ବା ୨୪କେଏସ୍ ସୁନାର ପତଳା ଚାଦରରୁ ତିଆରି ମୁଦ୍ରାକୁ ଶତ ପ୍ରତିଶତ ଶୁଦ୍ଧ ବୋଲି ବିବେଚନା କରାଯିବ। ଏହି ମୁଦ୍ରା କେବଳ ମିଣ୍ଟ କିମ୍ବା ରିଫାଇନାରୀ ଦ୍ୱାରା ତିଆରି କରାଯିବା ଉଚିତ ଏବଂ ଏହାର କୌଣସି ଆଇନଗତ ମୁଦ୍ରା ମୂଲ୍ୟ ରହିବା ଉଚିତ୍ ନୁହେଁ।

**ରେଭେନ୍ସାରେ ମହିଳାଙ୍କୁ ସନ୍ଧ୍ୟା ପର ରହଣି ବାରଣ ପ୍ରସଙ୍ଗ**

## ରାଜ୍ୟ ସରକାରଙ୍କ ମହିଳା ସ୍ୱାଧୀନତା ବିରୋଧୀ ମନୋଭାବର ପରିପ୍ରକାଶ: ବିଜେଡି

- ବିଶ୍ୱବିଦ୍ୟାଳୟ ଇତିହାସରେ ଏକ କଳଙ୍କମୟ ଅଧ୍ୟାୟ
- ରାଜ୍ୟରେ ମହିଳା ଅସୁରକ୍ଷିତ ଥିବାର ଏକ ସ୍ୱୀକାରୋକ୍ତି
- ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦାବି

ଭୁବନେଶ୍ୱର,୧୮।୭(ସମିସ): ମହିଳାମାନେ ସନ୍ଧ୍ୟା ୫.୩୦ ପରେ କାର୍ଯ୍ୟସ୍ଥଳୀରେ ରହିପାରିବେ ନାହିଁ ବୋଲି ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ନିର୍ଦ୍ଦେଶନାମା ପ୍ରକାଶ କରିଥିଲେ। ନିର୍ଦ୍ଦେଶନାମା ପ୍ରକାଶ ପାଇବାର କିଛି ସମୟ ପରେ ଏହାକୁ ପ୍ରତ୍ୟାହାର କରିନିଆଯାଇଥିଲା। ଏହାକୁ ନେଇ ବିଜୁ ଜନତା ଦଳ ସରକାରଙ୍କ ମହିଳାଙ୍କ ସ୍ୱାଧୀନତା ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ ତୀବ୍ର ସମାଲୋଚନା କରିଛି।

ଶଙ୍ଖ ଭବନଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, ମହିଳାଙ୍କୁ ସ୍ୱାଧୀନତା ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଏହି ବିଜ୍ଞପ୍ତିରୁ ସ୍ପଷ୍ଟ ହେଉଛି। ରାଜ୍ୟରେ ମହିଳାମାନଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଇଚାଲିଥିବା ବେଳେ ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବାର ଏହା ଏକ ପ୍ରମାଣ ଭାବେ ଉଭା ହୋଇଛି। ଏହି ବିଜ୍ଞପ୍ତି ରାଜ୍ୟ ସରକାରଙ୍କ ମହିଳା ସ୍ୱାଧୀନତା ବିରୋଧୀ ମନୋଭାବକୁ ଦର୍ଶାଇଛି ବୋଲି ଡଃ ମହାନ୍ତି କହିଛନ୍ତି।

ସେ କହିଛନ୍ତି ଯେ ଏହି ବିଜ୍ଞପ୍ତି ଜରିଆରେ ମହିଳାଙ୍କ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବା ଉଦ୍ୟମ ରେଭେନ୍ସା ଭଳି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଇତିହାସରେ ସବୁଦିନ ପାଇଁ ଏକ କଳଙ୍କମୟ ଅଧ୍ୟାୟ ହୋଇ ରହିବ। ବିଜେପି ସରକାରଙ୍କ ଶାସନରେ ଆସିଥିବା ଏହି ବିଜ୍ଞପ୍ତି ଓଡ଼ିଶା ପାଇଁ ଆଉଥରେ ଲଜ୍ଜା ଓ ନିନ୍ଦା ଆଣିଛି। ଏହି ବିଜ୍ଞପ୍ତିକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଏହାକୁ ପ୍ରତ୍ୟାହାର କରି ଦିଆଯାଇଥିଲା। ଏଭଳି ତାଲିବାନୀ ବିଜ୍ଞପ୍ତି କିଭଳି ଭାବେ ପ୍ରକାଶ ପାଇଲା, ସେ ସଂପର୍କରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ସ୍ପଷ୍ଟୀକରଣ ରଖିବା ପାଇଁ ବିଜେଡି ଦାବି କରୁଛି। ଏହାଛଡ଼ା ରେଭେନ୍ସା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ସ୍ୱାକ୍ଷରରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ, ତୁରନ୍ତ ତାଙ୍କୁ ନିଲମ୍ବନ କରିବା ପାଇଁ ଡଃ ମହାନ୍ତି ଦାବି କରିଛନ୍ତି।

## କୁକୁଡ଼ା ଖାଇବାକୁ ଆସି ଫସିଲା ଅଜଗର

କୋକସରା,୧୮।୭(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣି ଫରେଷ୍ଟ ସେକ୍ସନ ଅଧୀନ କାଉଡୋଲା ଚାବ୍ରୁପଡାରୁ ବନବିଭାଗ ୭ ଫୁଟ୍ ଲମ୍ବର ଏକ ଅଜଗର ଉଦ୍ଧାର କରିଛି। ଏହି ଗାଁର ଦୁର୍ଲଭ ନାଏକଙ୍କ କୁକୁଡ଼ା ଭାଡ଼ିକୁ ଆସି ଅଜଗରଟି ଫସି ଯାଇଥିଲା। ଶୁକ୍ରବାର ସକାଳୁ ସକାଳୁ ଅଜଗରଟିକୁ ଦେଖି ବନ ବିଭାଗକୁ ଖବର ଦିଆଯାଇଥିଲା। ଧର୍ମଗଡ଼ ଜଙ୍ଗଲ ବିଭାଗ ସାପ ଉଦ୍ଧାରକାରୀ ଦଳର ସ୍ୱାଧୀନ ଦଣ୍ଡସେନା ପହଞ୍ଚି ଅଜଗରଟିକୁ ଉଦ୍ଧାର କରିଥିଲେ। ଗୋଡମୁଣ୍ଡା ଅଠରନାଳାସ୍ଥିତ ସାହାଜଖୋଲ ଜଙ୍ଗଲର ପରେ ଏହି ଅଜଗରଟିକୁ ଛାଡ଼ି ଦିଆଯାଇଛି।

**କଂଗ୍ରେସ ରାଜନୈତିକ ବ୍ୟାପାର କମିଟି ବୈଠକ**

# ବନ୍ଦ ପରେ ବଡ଼ ସମାବେଶ ଯୋଜନା

**୨ ମାସ ମଧ୍ୟରେ ସରିବ ବ୍ଲକ୍ ଓ ଜୋନ୍ ସ୍ତରୀୟ କମିଟି ଗଠନ**

ଭୁବନେଶ୍ୱର,୧୮।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣାରେ କଂଗ୍ରେସ କେବଳ ଓଡ଼ିଶା ବନ୍ଦ କରି ଚୁପ୍ ବସି ରହିବନି। ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବା ପାଇଁ ଦଳ ବିଧାନସଭାରେ ସ୍ୱର ଶାଣିତ କରିବା ସହ ଜିଲ୍ଲାସ୍ତରରେ ମଧ୍ୟ ସମାବେଶ କରି ଲୋକଙ୍କୁ ଜାଗ୍ରତ କରିବ। ଏହି ସମାବେଶଗୁଡ଼ିକରେ ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଘଟଣା ସହିତ ରାଜ୍ୟରେ ବଢୁଥିବା ନାରୀ ହିଂସା, ବେକାରୀ, ଦରଦାମ ବୃଦ୍ଧି ଭଳି ପ୍ରସଙ୍ଗରେ ମଧ୍ୟ ଦଳ ଗର୍ଜନ କରିବ। ଶୁକ୍ରବାର ଓଡ଼ିଶା ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କଂଗ୍ରେସର ରାଜନୈତିକ ବ୍ୟାପାର କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଅତିକମ୍‌ରେ ୬ଟି ସମାବେଶ କରିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରଥମ ସମାବେଶ ଆସନ୍ତା ୨୫ ତାରିଖ ପରେ ବାଲେଶ୍ୱରରେ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି।

ସେହିପରି ଆସନ୍ତା ଦୁଇ ମାସ ମଧ୍ୟରେ କଂଗ୍ରେସ ଦଳ ବ୍ଲକ୍ ଓ ଜୋନ୍‌ସ୍ତରୀୟ କମିଟି ଗଠନ କରିବା ସହ ସଭାପତି ଚୟନ ପ୍ରକ୍ରିୟା ଶେଷ କରିବାକୁ ବୈଠକରେ ଆଲୋଚନା ହୋଇଛି। ଏହି କାମ ସହ 'ସଂଗଠନ ସୃଜନ' ମାଧ୍ୟମରେ ଏଆଇସିସି ଜିଲ୍ଲା ସଭାପତି ବାଛିବ ବୋଲି ହୋଇଥିବା ନିଷ୍ପତ୍ତିକୁ ବୈଠକରେ ସବୁଜ ସଂକେତ ମିଳିଛି। ଯେଉଁ ସ୍ଥାନରେ ସମାବେଶ ଆୟୋଜନ ହେବ, ସେଠାକୁ ଦଳର ସମସ୍ତ ବରିଷ୍ଠ ନେତାମାନେ ଗସ୍ତ କରିବେ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ଦଳ ଏକ ହୋଇ ପ୍ରସଙ୍ଗ ଭିତ୍ତିକ ଲଢ଼େଇକୁ ଜୋର୍‌ଦାର୍ କରିବାକୁ ଆଲୋଚନା ହୋଇଛି। ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ରାଢୋ ସରପଞ୍ଚ ନିଲମ୍ବିତ



ଉଦଳା/ବାରିପଦା, ୧୮।୭(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ୍ ରାଢ଼ୋ ସରପଞ୍ଚ ବସେନ ମାରାଣ୍ଡି ଦୁର୍ନୀତି ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ମିଛ ଦସ୍ତାବିଜ୍ ଦେଇ ଷ୍ଟ୍ରିଟ୍‌ଲାଇଟ କିଣାରେ ଲକ୍ଷଲକ୍ଷ ଟଙ୍କା ଦୁର୍ନୀତି କରିଥିବା ନେଇ ତାଙ୍କ ନାମରେ ଭିଜିଲାନ୍ସ ମାମଲା କରିଥିଲା। ୨୦୨୪ ନଭେମ୍ବରରେ ଭିଜିଲାନ୍ସ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେଣୁ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ ସରପଞ୍ଚ ଶ୍ରୀ ମାରାଣ୍ଡିଙ୍କୁ ନିଲମ୍ବିତ କରିଛନ୍ତି।

**ବନ୍ଧୁ ସାଜିଲା ବଇରୀ**

# ଚୋରି ଟଙ୍କା ଭାଗବଣ୍ଟାରୁ ପଥରରେ ଛେଚି ହତ୍ୟା



ଭୁବନେଶ୍ୱର, ୧୮।୭(ସମିସ): ସାଙ୍ଗ ହୋଇ ଗୋଟିଏ ଘରେ ରହୁଥିଲେ, ଗୋଟିଏ ଥାଳିରେ ଖାଉଥିଲେ। ହେଲେ ମଦ ନିଶା ସବୁ ସାରିଦେଲା। ସାମାନ୍ୟ ବଚସାରୁ ମୁଣ୍ଡକୁ ପଥରରେ ଛେଚି ହତ୍ୟା କଲା ସାଙ୍ଗ। ଭରତପୁର ସୋମନାଥ ବସ୍ତିରେ ଏଭଳି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଅଞ୍ଚଳର କୈଳାସ ନାୟକ (୨୬)। ଏଭଳି କାଣ୍ଡ ଭିଆଇଥିବା ଅଭିଯୁକ୍ତ ନରହରି ଫେରାର ହୋଇଯାଇଛି। ତେବେ ଉଭୟଙ୍କ ନାମରେ ପୂର୍ବରୁ ଚୋରି ମାମଲା ରହିଥିବାରୁ ଚୋରି ଟଙ୍କା ଭାଗ ବଣ୍ଟାକୁ ନେଇ ଏପରି ଘଟଣା ଘଟିଥିବା କୁହାଯାଉଛି।

ମିଳିଥିବା ସୂଚନାନୁସାରେ, ରଙ୍ଗ ମିସ୍ତ୍ରୀ ଭାବେ କାମ କରୁଥିବା କୈଳାସ ତାଙ୍କ ମାଆଙ୍କ ସହ ସୋମନାଥ ବସ୍ତିରେ ଭଡ଼ାରେ ରହୁଥିଲେ। କିଛି ଦିନ ହେବ କୈଳାସର ସାଙ୍ଗ ନରହରି ମଧ୍ୟ ତାଙ୍କ ଘରକୁ ଆସି ରହିବାକୁ ଲାଗିଲା। ଉଭୟ ଏକାଠି ରହିବା ସହ ଖିଆପିଆ କରୁଥିଲେ। ଗତକାଲି ସନ୍ଧ୍ୟାରେ ରୋଷେଇକୁ ନେଇ କୈଳାସ ଓ ତାଙ୍କ ମାଆ ବେବିନାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାପରେ ବେବିନା ରାଗିଯାଇ କିଛି ଦୂରରେ ଥିବା ସମ୍ପର୍କୀୟଙ୍କ ଘରକୁ ପଳାଇଥିଲେ। କିନ୍ତୁ କୈଳାସ ଓ ନରହରି ସୋମନାଥ ବସ୍ତି ସ୍ଥିତ ଘରେ ରହିଥିଲେ।

ରାତିରେ କୈଳାସ ଓ ନରହରି ମିଶି ଘରେ ମଦ୍ୟପାନ କରିବା ସହିତ ଖିଆପିଆ କରିଥିଲେ। ବିଳମ୍ବିତ ରାତିରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏମିତିକି, ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଏଥିରେ ରାଗିଯାଇ ନରହରି ପ୍ରଥମେ କୈଳାସଙ୍କୁ ଆକ୍ରମଣ କରିଥିଲା। କୈଳାସ ତଳେ ପଡ଼ିଯିବା ପରେ ନରହରି ପାଖରେ ଥିବା ସିମେଣ୍ଟ ଇଟାରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ସେ ଜୀବନ ବଞ୍ଚାଇବାକୁ କାକୁତିମିନତି ହେଉଥିଲେ ମଧ୍ୟ ନରହରି ପଥର ଛେଚି ଚାଲିଥିଲା। କୈଳାସ ଅଚେତ ହୋଇଯିବା ପରେ ନରହରି ଚୋରା ବାଇକ୍ ନେଇ ଫେରାର୍ ହୋଇଯାଇଥିଲା।

**ଚୋରା ଗାଡ଼ି ଧରି ଖସିଗଲା ଅଭିଯୁକ୍ତ**

**ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**

ଶୁକ୍ରବାର ସକାଳୁ ବେବିନା ଘରେ ଆସି ପହଞ୍ଚିବା ବେଳକୁ ପୁଅଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିଲା। ଖବର ପାଇ ଭରତପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା। କୈଳାସଙ୍କ ମୁହଁ ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଘର ଭିତରେ ରକ୍ତଲଗା ଇଟା ମଧ୍ୟ ପଡ଼ିରହିଥିଲା। ବେବିନାଙ୍କ ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ସାଇଣ୍ଟିଫିକ୍ ଟିମ୍‌ର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଘର ଭିତରୁ ରକ୍ତଲଗା ସିମେଣ୍ଟ ଇଟା, ରକ୍ତ ନମୁନା ସବୁକୁ ସଂଗ୍ରହ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

ସେପଟେ କୈଳାସଙ୍କ ନାମରେ ଏକାଧିକ ଚୋରି ମାମଲା ରହିଥିବା ବେଳେ ପୂର୍ବରୁ ସେ ଜେଲ୍ ମଧ୍ୟ ଯାଇଛନ୍ତି। ସେହିପରି ହତ୍ୟା ଅଭିଯୁକ୍ତ ନରହରି ମଧ୍ୟ ଅନେକ ଚୋରି ମାମଲାରେ ସଂପୃକ୍ତ ରହିଛି। ତେଣୁ ଚୋରି ଟଙ୍କା ଭାଗ ବଣ୍ଟାକୁ ନେଇ ଏପରି ହତ୍ୟାକାଣ୍ଡ ଘଟି ଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ତେବେ ନରହରିକୁ ଧରିବା ପାଇଁ ଗୋଟିଏ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିଲେ ମଧ୍ୟ ତା'କୁ ଧରି ପାରିନାହିଁ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ସାମାଜିକ ପ୍ରତିଷ୍ଠା ବଢ଼ିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ପାରିବାରିକ ଜୀବନ ସୁଖମୟ ହେବ । ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ରାଜନୀତିରେ ସାମିଲ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବୈବାହିକ ଜୀବନରେ ସମସ୍ୟା ଆସିବ । ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି । ଧାରକରଜକୁ ଦୂରେଇ ରହିବେ । ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ବିଛା:** କର୍ମଚଞ୍ଚଳ ରହିବେ । ମନ ପ୍ରଫୁଲ୍ଲିତ ରହିବ । ଆୟଠୁ ବ୍ୟୟ ଅଧିକ ହେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଘର ପାଇଁ ନୂଆ ଜିନିଷ କିଣିବେ । କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଖେଳାଳିଙ୍କୁ ସଫଳତା ମିଳିବ । ବ୍ୟବସାୟରେ କ୍ଷତି ଘଟିବ ।

**କୁମ୍ଭ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ । ବିଶେଷ କାର୍ଯ୍ୟରୁ ଲାଭ ମିଳିବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

## ଆଜିର ଇତିହାସ

- ୧୮୨୭- କ୍ରାନ୍ତିକାରୀ ମଙ୍ଗଳ ପାଣ୍ଡେଙ୍କ ଜନ୍ମ ।
- ୧୯୦୦- ପ୍ୟାରିସ୍‌ରେ ପ୍ରଥମ ମେଟ୍ରୋ ଟ୍ରେନ୍ ଚାଲିଲା ।
- ୧୯୬୯- ଭାରତ ସରକାର ଦେଶର ୧୪ଟି ବଡ଼ ବ୍ୟାଙ୍କର ରାଷ୍ଟ୍ରୀୟକରଣ କଲେ ।
- ୧୯୭୬- ନେପାଳରେ ସାଗରମାଥା ରାଷ୍ଟ୍ରୀୟ ଉଦ୍ୟାନ ନିର୍ମାଣ କରାଗଲା ।
- ୨୦୦୫- ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଆମେରିକୀୟ କଂଗ୍ରେସକୁ ସମ୍ବୋଧନ କଲେ ।


## ନିଆରା ମେଳା

# ରୁଟି ଦେଇ ସାମଗ୍ରୀ କ୍ରୟ



ଆମ ଦେଶର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପରମ୍ପରା ଦେଖିବାକୁ ମିଳେ । ତନ୍ମଧ୍ୟରୁ କିଛି ପରମ୍ପରା ବେଶ୍ ଅଜବ ଲାଗେ । ଏମିତି ଏକ ପରମ୍ପରାର ଝଲକ ଛତିଶଗଡ଼, ବଲୋଦାବଜାର, କୋରଦା ଗାଁରେ ଦେଖିବାକୁ ମିଳେ । ଏହି ଗାଁରେ ପ୍ରତିବର୍ଷ ପୋରା ପର୍ବକୁ ସ୍ଥାନୀୟ ଲୋକେ ବେଶ୍ ଉତ୍ସାହର ସହ ପାଳି ଆସୁଛନ୍ତି । ଏହି ଅବସରରେ ଏଠାରେ ଏକ ନିଆରା ମେଳା ଆୟୋଜିତ ହୋଇଥାଏ । ସାଧାରଣତଃ ପର୍ବାପର୍ବାଣୀଗୁଡ଼ିକରେ ଆୟୋଜିତ ହେଉଥିବା ମେଳାରେ ଲୋକେ ଟଙ୍କା ଦେଇ ଜିନିଷ କିଣନ୍ତି । ଛତିଶଗଡ଼ର ଏହି ମେଳାରେ ଲୋକେ ଟଙ୍କା ବଦଳରେ ରୁଟି ଦେଇ ଜିନିଷ କିଣନ୍ତି । ଦୋକାନୀକୁ ଲୋକେ ରୁଟି ଦେଇ ଜିନିଷ ନେଇଥାନ୍ତି । ଏହି ମେଳାକୁ ବେଶ୍ ମଜାମସ୍ତିରେ ଲୋକେ ଉପଭୋଗ କରନ୍ତି । ରୁଟି ବଦଳରେ ହେଉଥିବା ଏହି ବ୍ୟବସାୟର ପରମ୍ପରା ୧୨୭ ବର୍ଷର ପୁରୁଣା । ଏହି ମେଳାରେ କୋରଦା ସମେତ ଆଖପାଖ ଗାଁର ଲୋକେ ମଧ୍ୟ ଭିଡ଼ ଜମାନ୍ତି । ଅପରାହ୍ନ ୩ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏହି ମେଳା ଚାଲିଥାଏ । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଗାଁର ପୁରୁଷମାନେ ମେଳାରେ ବିକ୍ରି ପାଇଁ ମାଟିରେ କଣ୍ଢେଇ, ଖେଳନା ଓ କାଗଜରେ ଫୁଲ ତିଆରି କରି ରଖିଥାନ୍ତି । ଏହାକୁ ମହିଳାମାନେ ରୁଟି ଓ ଅନ୍ୟ ଖାଦ୍ୟ ସାମଗ୍ରୀ ଦେଇ କିଣିଥାନ୍ତି । ଏହି ମେଳାରେ ସାମାଜିକ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇଥାଏ । ଏଠାରେ ପଶୁପକ୍ଷୀଙ୍କ ସୁରକ୍ଷାଠୁ ନେଇ, ବିଲୁପ୍ତ ହୋଇଯାଉଥିବା ପକ୍ଷୀଙ୍କ ସଂରକ୍ଷଣ, ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥାଏ । ସେହିପରି ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ଯେଉଁ ଛାତ୍ରଛାତ୍ରୀମାନେ ଭଲ ପ୍ରଦର୍ଶନ କରିଥାନ୍ତି ସେମାନଙ୍କୁ ଏଠାରେ ସମ୍ମାନିତ କରାଯାଏ ।

# 'ଡନ୍-୩'କୁ ବିକ୍ରାନ୍ତଙ୍କ ନା



ଫରହାନ୍ ଅଖତରଙ୍କ ନିର୍ଦ୍ଦେଶିତ 'ଡନ୍-୩'ର ରିଲିଜ୍‌କୁ ଦର୍ଶକେ ଅପେକ୍ଷା କରିଛନ୍ତି । ଏହି ଫିଲ୍ମରେ ରଣବୀର ସିଂହ ଡନ୍ ଭୂମିକାରେ ନଜର ଆସିବେ । ତେବେ ଏଥିରେ ବିକ୍ରାନ୍ତ ମେସି ଖଳନାୟକ ଭାବେ ଦେଖାଯିବେ ବୋଲି କିଛି ଦିନ ପୂର୍ବରୁ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା । ଏବେ ବିକ୍ରାନ୍ତ ଏଥିରୁ ନିଜେ ଓହରି ଯାଇଥିବା ଜଣାପଡ଼ିଛି । ଏଥିରେ ବିକ୍ରାନ୍ତ ଜଣେ ସ୍ମାର୍ଟ ସ୍କାମର ଭୂମିକାରେ ନଜର ଆସିଥାନ୍ତେ । ତେବେ ଏହି ଭୂମିକା ବିକ୍ରାନ୍ତକୁ ପସନ୍ଦ ନ ଆସିବାରୁ ସେ ଫିଲ୍ମଟିକୁ ଛାଡ଼ି ଦେଇଥିବା କୁହାଯାଉଛି । ଏହାପୂର୍ବରୁ କିଆରା ଆଡଭାନୀ ମଧ୍ୟ ଏହି ଫିଲ୍ମ ଛାଡ଼ିଛନ୍ତି । କିଆରା ଏଥିରେ ରଣବୀରଙ୍କ ବିପକ୍ଷରେ ନଜର ଆସିଥାନ୍ତେ । ସେ ଗର୍ଭବତୀ ଥିବାରୁ ଏହି ଫିଲ୍ମ ଛାଡ଼ି ଦେଇଥିଲେ । ଏହାପରେ ଏଥିରେ କ୍ରିତି ସାନନ୍‌ଙ୍କୁ ସୁଯୋଗ ମିଳିଥିଲା । ତେବେ ଏଥିରୁ ବିକ୍ରାନ୍ତ ହଟିବା ପରେ ଏଥିରେ ଆଦିତ୍ୟ ରାୟ କପୁର କିମ୍ବା ବିଜୟ ଦେବରକୋଣ୍ଡାଙ୍କୁ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି । ଜାନୁୟାରୀ, ୨୦୨୬ରୁ ଏହାର ସୁଟିଂ ଆରମ୍ଭ ହେବ ।

# ଅଧିକ ଲୁଣ କ୍ଷତିକାରକ

ଖାଦ୍ୟକୁ ସ୍ୱାଦିଷ୍ଟ କରିଥାଏ ଲୁଣ । ହେଲେ ଆବଶ୍ୟକତାଠୁ ଅଧିକ ଲୁଣ ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଏବେ ଚିପ୍ସଠୁ ଆରମ୍ଭ କରି ଅନେକ ପ୍ରୋସେସଡ୍ ଫୁଡ୍‌ରେ ଅଧିକ ମାତ୍ରାରେ ଲୁଣ ମିଶିକି ରହୁଛି । ଯାହାକି ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ । ଏନେଇ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଏପିଡେମିୟୋଲୋଜିର ବିଶେଷଜ୍ଞଙ୍କ କହିବା କଥା, ଭାରତୀୟମାନଙ୍କର ଅଧିକ ଲୁଣ ଖାଇବା ଅଭ୍ୟାସ ଏବେ 'ସାଇଲେଣ୍ଟ ସଲ୍ଟ ଏପିଡେମିକ୍'ର କାରଣ ହୋଇଛି । ଯାହାକି ଧୀରେ ଧୀରେ ଦେଶରେ ଲକ୍ଷାଧିକ ଲୋକଙ୍କ ପାଇଁ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ତଥା ହୃଦ୍‌ଘାତ ଭଳି ଗମ୍ଭୀର ରୋଗର କାରଣ ସାଜୁଛି । ତେଣୁ ଠିକ୍ ସମୟରୁ ସଚେତନ ନ ହେଲେ ସ୍ୱାସ୍ଥ୍ୟ ଉପରେ ଏହାର ଖରାପ ପ୍ରଭାବ ପଡ଼ିପାରେ ବୋଲି ସେମାନେ ଚେତାଇ ଦେଇଛନ୍ତି । ଲୁଣକୁ ନେଇ କରାଯାଇଥିବା ଅଧ୍ୟୟନଗୁଡ଼ିକରୁ ଜଣାପଡ଼ିଛି ଯେ, ଭାରତରେ ଅଧିକ ଲୋକ ଆବଶ୍ୟକତା ଠୁ ଅଧିକ ଲୁଣ ଖାଇଥାନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜଣେ ବ୍ୟକ୍ତିଙ୍କୁ ପ୍ରତିଦିନ ୫ ଗ୍ରାମରୁ କମ୍ ଲୁଣ ଖାଇବା ଆବଶ୍ୟକ । ହେଲେ ଭାରତର ସହରୀ ଲୋକମାନେ ପ୍ରତିଦିନ ୯.୨ ଗ୍ରାମ୍ ଲୁଣ ଖାଉଥିବା ବେଳେ ଗ୍ରାମାଞ୍ଚଳର ଲୋକେ ନିତିଦିନ ପାଖାପାଖି ୫.୬ ଗ୍ରାମ୍ ଲୁଣ ଖାଉଛନ୍ତି । ଆବଶ୍ୟକତାଠାରୁ ଅଧିକ ଲୁଣ ଖାଇବା ଜନସ୍ୱାସ୍ଥ୍ୟ ନିମନ୍ତେ ଏକ ଗମ୍ଭୀର ସମସ୍ୟା ପାଲଟିଛି । ଏହି ସମସ୍ୟାରୁ ମୁକ୍ତି ପାଇବା ଲାଗି ବୈଜ୍ଞାନିକମାନେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହାର ଉଦ୍ଦେଶ୍ୟ ହେଉଛି ନିତିଦିନ ଖାଦ୍ୟରେ ଲୁଣର ମାତ୍ରାକୁ କମ୍ କରିବା । ଏଥିରେ ଲୋକଙ୍କୁ କମ୍ ସୋଡିୟମ ଯୁକ୍ତ ଲୁଣ ବ୍ୟବହାର କରିବାକୁ କୁହାଯାଉଛି । ଏହା ରକ୍ତଚାପକୁ କମ୍ କରିବା ସହ ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ ।



# ସୁମନ

## ସକାଳ ଶିଶୁ କୁଇଜ୍-୧୭୨

(୧) 'ଗୋବିନ୍ଦ ଚନ୍ଦ୍ର ଟିକା'ର ଲେଖକ କିଏ?
ଉତ୍ତର : ______

(୨) ଚୀନ୍‌ର ମୁଦ୍ରାକୁ କ'ଣ କୁହାଯାଏ?
ଉତ୍ତର : ______

(୩) କ୍ଷୀରଚୋରା ଗୋପୀନାଥ ମନ୍ଦିର ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ?
ଉତ୍ତର : ______

(୪) ଭାରତରେ ପ୍ରଥମେ କେଉଁଠି ମେଟ୍ରୋ ଟ୍ରେନ୍ ଚାଲିଥିଲା?
ଉତ୍ତର : ______

(୫) ସାର୍କ(SAARC)ର ମୁଖ୍ୟାଳୟ କେଉଁଠାରେ ଅଛି?
ଉତ୍ତର : ______

**ଗତ ସପ୍ତାହର କୁଇଜ୍ ବିଜେତା**
- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ତପସ୍ୱିନୀ ପାଣି, ଚୌଦ୍ୱାର, କଟକ
- ପ୍ରାଚୀ ପରମିତା ପଟ୍ଟନାୟକ, ପାତ୍ରପଡ଼ା, ଭୁବନେଶ୍ୱର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ସାଧବ ବୋହୂ



ସୁଧାକର ରାଉତ

ନାଲି ଟୁକୁ ଟୁକୁ ସାଧବ ବୋହୂ
ଝଡ଼ି ବରଷାରେ କୁଆଡ଼େ ଯାଉ ।
କେଉଁଠି ତୋ ସାଧବ ଅଛି ବସି
ଯା ପାଇଁ ଧାଉଁ ତୁ ହୋଇଣ ଖୁସି ।
କେଡ଼େ ଥିରି ଥିରି ଚାଲିଟି ତୋର
ଜାଣେନା କେହି କେଉଁଠି ତୋ ଘର ।
ନାଲିଆ ଦେହ ତୋ ସବୁଜ ଘାସେ
ସିନ୍ଦୂର ଟୋପାଟିଏ ଭଳି ଦିଶେ ।
ଦେଖିନେଲେ ତୋ କଅଁଳିଆ ରଙ୍ଗ
ଭାରି ଇଚ୍ଛା ହୁଏ ହେବାକୁ ସାଙ୍ଗ ।
ହେଲେ ତୁ ଆମଠି କରିଛୁ ରାଗ
ସେପାଇଁ ବାଟ ଭାଙ୍ଗି ଯାଉ ଆଗ ।
ମାନୁଛୁ ପରିବେଶ କରି ନଷ୍ଟ
ନାଶୁଛୁ ତୋ ବଂଶ ହୋଇଣ ଦୁଷ୍ଟ ।
କହୁଛୁ ସତ ଖାଇ ତୋର ରାଣ
ବଦଳାଇବୁ ଆମର ସେ ଗୁଣ । ■

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

## ଶ୍ରାବଣର ଇଏ ବରଷାର ଧାରା



ତପନ କୁମାର ସ୍ୱାଇଁ

ସକାଳ ସୂରୁଜ ନିଦରୁ ଉଠିନି
ପୂରୁବ ଆକାଶ ହସିନି ,
ଫୁଲ ବଗିଚାରେ ପ୍ରଜାପତି କାହିଁ
ଫୁଲଟି ଉପରେ ବସିନି ।
ସାରା ରାତି କାଲି ବରଷୁଛି ମେଘ
ଥମିବାର ନାଆଁ ଧରୁନି,
ଓଲେଇ ଗାଈଟା କୁଆଡ଼େ ଯାଇଛି
ସକାଳ ହେଲାଣି ଫେରୁନି ।
ଭିଜେଇ ଦେଇଛି ବରଷାର ଧାରା
ସାରା ଧରଣୀକୁ ଏମିତି,
ପଚର ପଚର ପାଣି କାଦୁଅରେ
କିଏ ବାହାରିବ କେମିତି ।
କଳା ବଉଦରୁ ମୋତି ମାଳା ପରି
ମାଟିରେ ବରଷା ଝରୁଛି,
ଗଛ ଡାଳେ ଭିଜି କୁନି ଚଢ଼େଇଟି
ପତର ପରିକା ଥରୁଛି ।
କଟର କଟର କି ଗୀତ ଗାଉଛି
ବେଙ୍ଗୁଲୀ ଖୁସିରେ ଏମିତି,
ଭୋକ ଶୋଷ ସତେ ଭୁଲି ଯାଇଅଛି
କାଲି ଠାରୁ ଅବା ଯେମିତି ।
କଳା ମେଘ ଆଜି ସାରା ଆକାଶକୁ
ପଣତ କାନିରେ ଢାଙ୍କିଛି,
ଶ୍ରାବଣର ଇଏ ବରଷାର ଧାରା
ନୂଆ ଛବିଟିଏ ଆଙ୍କିଛି । ■

ଅଇବିଲି, ତିର୍ତ୍ତୋଲ, ଜଗତସିଂହପୁର
ମୋ-୯୪୩୭୫୯୬୭୫୧

# ବଡ଼ କିଏ



ଥରେ ମହାକାଳ ଫଳ ଆଉ ପଣସ ମଧ୍ୟରେ ଯୁକ୍ତି ତର୍କ ଆରମ୍ଭ ହେଲା । ମହାକାଳ ଫଳ ପଣସକୁ ଦେଖାଇ କହିଲା, "ଦେଖିଲୁ ମୁଁ କେଡ଼େ ସୁନ୍ଦର । ଯିଏ ଦେଖୁଛି ସିଏ ଭଲ ନ କହି ରହି ପାରିବନି । ହେଲେ ତୋ ଚେହେରା କେବେ ଦେଖିଛୁ । ଦେହ ସାରା ଆବଡ଼ା ଖାବଡ଼ା ତ ପୁଣି କଣ୍ଟାମୟ । ଲୋକେ ତତେ କେତେ ହତାଦର କରୁଥିବେ ଭାବିଲୁ ।" ମହାକାଳ ଫଳର ଏପରି କଥା ଶୁଣି ପଣସ କହିଲା, "ଆରେ ଭାଇ ଭଗବାନ ଯାହାକୁ ଯେମିତି କରିଛନ୍ତି ସେଥିରେ ଆମେ ବା କ'ଣ କରିପାରିବା । ଖାଲି ତ ଦେଖିବାକୁ ସୁନ୍ଦର ହେଲେ ହେବ ନାହିଁ ଗୁଣ ବି ସୁନ୍ଦର ହେବା ଦରକାର । ଯଦି ତୁମ ଭଳି ଉପର ଦେଖିବାକୁ ସୁନ୍ଦର ଥାଇ ବି କାହାର କାମରେ ନ ଆସିବ ସେଥିରେ କି ଲାଭ । ମୋର ସିନା ଉପର ଅସୁନ୍ଦର ହେଲେ ମୋତେ କେତେ ପ୍ରାଣୀ ଖାଦ୍ୟ ରୂପେ ଖାଉଛନ୍ତି । ଭଗବାନଙ୍କ ପାଖରେ ବି ଭୋଗ ଲାଗିହେଉଛି । ତୁମକୁ କିଏ ବ୍ୟବହାର କରୁଛି କହିଲ । ବାସ୍ ତୁମେ ସେମିତି ସେଇଠି ରହିଛ ପୁଣି ତଳେ ପଡ଼ି ମାଟିରେ ମିଶୁଛ । କାହାର ବି କାମରେ ଆସୁନାହଁ ।" ମହାକାଳ ଫଳ ବି ନଛୋଡ଼ବନ୍ଧା । ସେ ମୁହେଁ ମୁହେଁ ଶୁଣାଇ ଦେଲା, ମନକୁ ବୁଝାଇବା ଲାଗି ତୁ ଏପରି କହୁଛୁ । ପ୍ରକୃତ କଥା କ'ଣ ଏ ସଂସାର ଜାଣିଛି । କିଏ ଏଠି ବଡ଼ ଆଉ କିଏ ସାନ ଅନ୍ୟମାନଙ୍କୁ ପଚାରି ବୁଝିବା । ପ୍ରକୃତ ସତ୍ୟ ସେମାନେ କହିବେ । ମହାକାଳ ଫଳ ଆଉ ପଣସ କିଛି ବାଟ ଯିବାପରେ ଆମ୍ବ ସହ ଦେଖାହେଲା । ତାକୁ ଦେଖି ମହାକାଳ ଫଳ କହିଲା, "ଭାଇ ଏ ଦୁନିଆରେ କିଏ ସବୁଠାରୁ ବଡ଼ ଯାହାର ଗୁଣ ନା ଯାହାର ରୂପ ସୁନ୍ଦର ।" ଆମ୍ବ ଟିକେ ହସିଦେଇ କହିଲା , "ଭାଇ ଆଜି ନୁହେଁ ଯୁଗେ ଯୁଗେ ସାରା ଜଗତ ଗୁଣକୁ ଭଲ ପାଆନ୍ତି ରୂପକୁ ନୁହେଁ । କାରଣ ରୂପ କିଛି ନିର୍ଦ୍ଦିଷ୍ଟ ସମୟ ପରେ ବଦଳିଯାଏ । କିନ୍ତୁ ଗୁଣ ସର୍ବଦା ଜୀବିତ ଆଉ ପୂଜା ମଧ୍ୟ ପାଇଥାଏ । ବାଇଡଙ୍କ ଫଳକୁ ଦୂରରୁ ଦେଖିଲେ କେତେ ସୁନ୍ଦର ଦେଖାଯାଏ କିନ୍ତୁ ଯାହା ଦେହରେ ଥରେ ଲାଗେ ସେ କେତେ ଭୟଙ୍କର ହୋଇପାରେ ସମସ୍ତେ ଜାଣିଛନ୍ତି । ଆମ୍ବ କଥା ଶୁଣି ମହାକାଳ ଫଳ ମନ ଦୁଃଖରେ ଫେରିଗଲା । ମନେ ମନେ ଭାବିଲା ନିଜକୁ କ'ଣ ବୋଲି ଭାବୁଛି କି? ଫଳମାନଙ୍କର ରାଜା ବୋଲି କ'ଣ ଏତେ ଗର୍ବ? ଆଗକୁ ଆଗକୁ ଚାଲିଥାଏ । ଅନ୍ୟ ଦିଗରୁ ବିଲୁଆଟେ ଆସିବାର ଦେଖି ତାକୁ ଅଟକାଇ ଦେଲା ମହାକାଳ ଫଳ । ବିଲୁଆ ଭାଇ କହିଲୁ ଦୁନିଆରେ ରୂପ ବଡ଼ ନା ଗୁଣ ବଡ଼ । ବିଲୁଆ ଟିକେ ତେରେଛା ନଜର ପକାଇ କହିଲା । ତୁମ ପାଖରୁ ଏ ପ୍ରଶ୍ନ ପାଇବାଟା ସ୍ୱାଭାବିକ । ନିଜକୁ କ'ଣ କିଏ ଖରାପ ବୋଲି ଭାବିପାରେ ଯେ ତୁମେ ଭାବିବ । ଆଛା କହିଲୁ, ଆମ ସିଂହ ରାଜା ଖରାପ ନା ଭଲ । ବିଲୁଆ କଥା ଶୁଣି ମହାକାଳ ଫଳ କହିଲା , "ହେ ଭାଇ ତା କଥା କୁହନି । ଏପରି ରାଜା ମୁଁ ଜୀବନ କାଳରେ ଦେଖିନାହିଁ । ତା' ପାଇଁ ତ ଏବେ ଜଙ୍ଗଲୀଜନ୍ତୁମାନେ ଚିନ୍ତାରେ ପଡ଼ି ଯାଇଛନ୍ତି । କେହି ଘରୁ ବାହାରିଲେ ଡରି ଡରି ବାହାରୁଛି କାଳେ ରାଜା ଲୁଚି କି ଥିବେ ସଙ୍ଗେ ସଙ୍ଗେ ଆକ୍ରମଣ କରିବେ ।" ବିଲୁଆ ଟିକେ ଅଟକାଇ କହିଲା, "ସେ ଦେଖିବାକୁ କିପରି ସୁନ୍ଦର ନା ଅସୁନ୍ଦର ।" ବିଲୁଆଠାରୁ ଏଭଳି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମହାକାଳ ଫଳ ଟିକେ ଅଟକି ଯାଇ କହିଲା , "ସେ ତ ଦେଖିବାକୁ ବହୁତ ସୁନ୍ଦର ।" ଏବେ ସେ ଠିକ୍‌ସେ ବୁଝି ସାରିଥିଲା ପ୍ରକୃତରେ କିଏ ବଡ? ବିଲୁଆର ପ୍ରଶ୍ନରେ ତା ଆଖି ଖୋଲିଯାଇଥିଲା । ସେ ନିଜର ଭୁଲ ବୁଝିପାରି ଜାଣିପାରିଲା ଯେ , "ପ୍ରକୃତରେ ଗୁଣ ହିଁ ବଡ଼ । ରାଜା ଏତେ ସୁନ୍ଦର ହୋଇବି ଗୁଣ ଖରାପ ହେତୁ ସାରା ବନ୍ୟଜଗତ ଘୃଣା କରୁଛି । ପଣସ ପାଖରେ ନିଜର ଭୁଲ ସ୍ୱୀକାର କରି କହିଲା ଭାଇ, ମୁଁ ଜାଣିପାରିଲି ଏ ଦୁନିଆ ରେ ଗୁଣ ହିଁ ବଡ । ଗୁଣ ହିଁ ଚିରସ୍ଥାୟୀ " ■



ଅର୍ଜ୍ଜୁନ ଦାସ

ମାଧବ, ନିଆଳୀ, କଟକ ।

## ପ୍ରହେଳିକା

- ଏମିତି ଅଟଇ ମାସଟି ସିଏ
ମୁଷଳ ଧାରାରେ ବରଷା ହୁଏ
ଶିବ ମନ୍ଦିରରେ ଭିଡ଼ ଲାଗଇ
ପାଣି ଢାଳୁଥାନ୍ତି କାଉଡ଼ିଆ ଭାଇ
ଚାଷ ବେଉଷଣ ବିଲରେ ହୁଏ
ନାମଟି ତାହାର କହିବ କିଏ ?

ଉ-ଶ୍ରାବଣ ମାସ



- ଶ୍ରାବଣ ମାସର ସୋମବାରରେ
ପାଣି ନେଉଥାନ୍ତି ସିଏ ଭାରରେ
ଶୁଦ୍ଧ ନିରାମିଷ କରି ଭୋଜନ
ତୁଣ୍ଡେ ନେଉଥାନ୍ତି ଶିବ ଭଜନ
ଗେରୁଆ ବସ୍ତ୍ର ଦେହର ନାଇ
ଶିବ ମନ୍ଦିରକୁ ଯାଆନ୍ତି ଧାଇଁ
ବୋଲବମ୍ ବୋଲି ଡାକନ୍ତି ସିଏ
ନାମଟି ତାଙ୍କର କହିବ କିଏ ?

ଉ-କାଉଡ଼ିବାଲା

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ-୮୩୧୦୩୨୮୩୪୫

## ଅଙ୍କନ





ଦେବହୁତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା





ଆରାଧ୍ୟା ପୁଷ୍ପାଳକ
ଷଷ୍ଠ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ





ଆର୍ଶୀତ ମିଶ୍ର
ଚତୁର୍ଥ ଶ୍ରେଣୀ
ଏକଲବ୍ୟ ଶିକ୍ଷା କେନ୍ଦ୍ର
ନିମାପଡ଼ା





ଋତଭିକ ସାହୁ
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ନିଆଳି, କଟକ

ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍

# ନରମ ଡ୍ୟୁକ୍ ବଲ୍‌ର ସମୀକ୍ଷା କରାଯିବ

ଲଣ୍ଡନ,୧୮ ।୭ (ଏଜେନ୍ସି)





ଡ୍ୟୁକ୍ ବଲ୍‌ର ନିର୍ମାତା ଏବେ ଚାପରେ। ଇଂଲଣ୍ଡରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ ଡ୍ୟୁକ୍ ବଲ୍‌ରେ ଖେଳାଯାଇଥାଏ। ଭାରତ ସହ ଚାଲିଥିବା ଟେଷ୍ଟ ମ୍ୟାଚ୍‌ରେ ଏହି ବଲ ସଫ୍ଟ ବା ନରମ ହେବା ନେଇ ଉଭୟ ଦଳର ଅଧିନାୟକ ବାରମ୍ବାର ଅଭିଯୋଗ କରିବା ପରେ ଏହା ଏବେ ବିବାଦୀୟ ହୋଇପଡ଼ିଛି। ଏହି ଅଭିଯୋଗକୁ ଆଧାର କରି ଡ୍ୟୁକ୍ ବଲ୍ ନିର୍ମାତା ଏହାର ସମୀକ୍ଷା କରିବେ ବୋଲି ଘୋଷଣା କରିଛି। ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ରେ ଏହି ବଲ ୩୦ ଓଭର ଖେଳ ପରେ ସଫ୍ଟ ବା ନରମ ହୋଇଯାଉଥିବା ଦେଖାଯାଇଛି। ଯାହା ଫଳରେ ବାରମ୍ବାର ବଲ ପରିବର୍ତ୍ତନ କରାଯାଇ ସମୟ ତ ନଷ୍ଟ ହେଉଛି, ତାହା ସହ ଖେଳର ସମୀକରଣ ବଦଳିଯାଉଛି। ତୃତୀୟ ଟେଷ୍ଟରେ ଦୁଇଥର ଏଭଳି ହୋଇଥିଲା ଓ ଏଥିରେ ଭାରତ ବହୁ ପରିମାଣରେ କ୍ଷତିଗ୍ରସ୍ତ ହୋଇଥିଲା। ଯାହା ଫଳରେ ଦଳ ମ୍ୟାଚ୍ ହାରିଥିଲା। ଭାରତୀୟ ଅଧିନାୟକ ଶୁବମାନ ଗିଲ୍ ଏ ପ୍ରସଙ୍ଗ ବାରମ୍ବାର ଗଣମାଧ୍ୟମ ଓ ଆଇସିସିକୁ ଜଣାଇଥିଲେ।

ଡ୍ୟୁକ୍ ବଲ ନରମ ହେବା ବାରମ୍ବାର ଅଭିଯୋଗକୁ ଭିତ୍ତିକରି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ୩ଟି ଯାକ ଟେଷ୍ଟରେ ବ୍ୟବହାର ହୋଇଥିବା ଡ୍ୟୁକ୍ ବଲ୍‌କୁ ସଂଗ୍ରହ କରି ନିର୍ମାତା ବ୍ରିଟିଶ କ୍ରିକେଟ ବଲ୍ସ ଲିମିଟେଡ୍ କମ୍ପାନୀକୁ ଦେବେ। ଚଳିତ ସପ୍ତାହରେ ବଲ ମିଳିବା ପରେ କମ୍ପାନୀ ଏହାକୁ ନେଇ ସମୀକ୍ଷା କରିବ। ‘ଆମେ ଏ ସବୁ ବଲ୍‌କୁ ନେଇ ତନଖି ପରୀକ୍ଷା କରିବୁ। ଏଥିରେ ବ୍ୟବହାର ହେଉଥିବା ସାମଗ୍ରୀ ସହ ସେଥିରେ ଯାହା କିଛି ବ୍ୟବହାର କରାଯାଇଛି ତାହର ମାନ ମଧ ପରୀକ୍ଷା କରାଯିବ’ ବୋଲି ଡ୍ୟୁକ୍ ବଲ ନିର୍ମାତାର ମାଲିକ ଦିଲୀପ ଜାଜୋଡିଆ କହିଛନ୍ତି। ତନ୍ନ ତନ୍ନ କରି ଏ ସବୁ ପରୀକ୍ଷା କରିବା ପରେ ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ କରାଯିବ ବୋଲି ଜାଜୋଡିଆ କହିଛନ୍ତି। ଏଥର ଯେପରି କିଛି ଅସୁବିଧା ନ ହୁଏ ତାହା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

ବ୍ରିଟିଶ କ୍ରିକେଟ ବଲ୍ସ ଲିଃ ୧୭୬୦ରୁ ଡ୍ୟୁକ୍ ବଲ୍ ତିଆରି କରି ଆସୁଛି। ଏହା ଇଂଲଣ୍ଡର ଘରୋଇ କାଉଣ୍ଟି କ୍ରିକେଟ ଓ ଏହି ଦେଶରେ ଖେଳାଯାଉଥିବା ସମସ୍ତ ଟେଷ୍ଟ ଓ ଅନ୍ୟାନ୍ୟ ମ୍ୟାଚ୍‌ରେ ବ୍ୟବହାର କରାହୋଇଆସୁଛି। ଭାରତରେ ଏସ୍‌ଜି ବଲ୍ ଓ ଅଷ୍ଟ୍ରେଲିଆରେ କୁକାବୁରା ବଲ ବ୍ୟବହାର କରାଯାଇଥାଏ। ଇଂଲଣ୍ଡ ସହ ଲର୍ଡ୍ସରେ ଖେଳାଯାଇଥିବା ତୃତୀୟ ଟେଷ୍ଟରେ ଭାରତୀୟ ଅଧିନାୟକ ଶୁବମାନ ଗିଲ୍ ଡ୍ୟୁକ୍ ବଲ ବିରୋଧରେ ଖୋଲାଖୋଲି ଅଭିଯୋଗ ଆଣିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ଦ୍ୱିତୀୟ ଦିନ ଖେଳ ଏକ ଘଣ୍ଟା ପରେ ବଲ ସଫ୍ଟ ବା ନରମ ହୋଇଯାଇଥିଲା। ଯାହା ଫଳରେ ବଲକୁ ବଦଳାଇବାକୁ ପଡ଼ିଥିଲା। ଏହାର ସିଧାସଳଖ ପ୍ରଭାବ ପଡ଼ିଥିଲା ପୂରା ଲୟରେ ବୋଲିଂ କରୁଥିବା ଯଶପ୍ରୀତ୍ ବୁମ୍‌ରାଙ୍କ ଉପରେ। ପୂର୍ବରୁ ବ୍ୟବହାର ହୋଇଥିବା ବଲ୍‌ରେ ବୁମ୍‌ରା ଶୀଘ୍ର ଶୀଘ୍ର ୩ଟି ୱିକେଟ ନେଇଥିଲେ। ବଲ ବଦଳିବା ପରେ ବୁମ୍‌ରାଙ୍କ୍ ସମସ୍ତ ଭାରତୀୟ ବୋଲର ପ୍ରଭାବ ବିହୀନ ହୋଇପଡ଼ିଥିଲେ। ଯାହା ଫଳରେ ଇଂଲଣ୍ଡ ଏକ ସମ୍ମାନଜନକ ସ୍କୋର କରିବାକୁ ସମର୍ଥ ହୋଇଥିଲା। ବଦଳାଯାଇଥିବା ବଲ ପୂର୍ବ ବଲର ସମାନ ନ ଥିଲା। ଯାହାକୁ ନେଇ ଅଧିନାୟକ ଗିଲ ଖୁବ୍ ଅସନ୍ତୋଷ ବ୍ୟକ୍ତ କରିବା ପରେ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏତେ ଦିନ ହେଲା ଇଂଲଣ୍ଡରେ ଡ୍ୟୁକ ବଲ୍ ବ୍ୟବହାର କରାଯାଉଛି। କିନ୍ତୁ ଚଳିତ ଟେଷ୍ଟ ସିରିଜ୍ ଭଳି ଏହା ପୂର୍ବରୁ ହୋଇ ନ ଥିଲା। ଭାରତୀୟ ୱିକେଟ ରକ୍ଷକ ଋଷଭ ପନ୍ତ୍ ମଧ୍ୟ ଏହି ବଲ ପରିବର୍ତ୍ତନକୁ ନେଇ ଆଇସିସି ଦ୍ୱାରା ଚେତାବନୀ ପାଇଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ଜଣେ ଭାରତୀୟ ଜୟ ଶାହ ଆଇସିସିର ସଭାପତି ଥିଲେ ମଧ୍ୟ ବଲ ବିବାଦ ସମ୍ପର୍କରେ ମୁହଁ ଖୋଲି ନାହାନ୍ତି। ଆଇସିସି ନିୟମ ଅନୁଯାୟୀ ଟେଷ୍ଟ ସିରିଜ୍ ଆୟୋଜନ କରୁଥିବା ଦେଶର ନିଷ୍ପତ୍ତି ଅନୁଯାୟୀ ବଲ ବ୍ୟବହାର କରାଯିବ।

କେବଳ ଗିଲ ନୁହଁନ୍ତି, ଇଂଲଣ୍ଡର କିଂବଦନ୍ତୀ ଫାଷ୍ଟ ବୋଲର ଷ୍ଟୁଆର୍ଟ ବ୍ରଡ୍ ମଧ୍ୟ ଡ୍ୟୁକ୍ ବଲ ବିରୋଧରେ ଅସନ୍ତୋଷ ଜାହିର କରିଛନ୍ତି। ଇଂଲଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ୍‌ରେ ବଲ୍‌ର ନମନୀୟତା ଯୋଗୁଁ ଭାରତକୁ ମଧ କିଛି ଫାଇଦା ମିଳିଛି। କିନ୍ତୁ ବଲ ପରିବର୍ତ୍ତନ ଯୋଗୁଁ ଇଂଲଣ୍ଡ ଅଧିକ ସଫଳ ହୋଇଛି। ଯାହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍ ଶେଷ ସୁଦ୍ଧା ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ଲଣ୍ଡନ ଓ ଲିଡ୍ସରେ ଇଂଲଣ୍ଡ ଜିତିଥିଲାବେଳେ ଏଜ୍‌ବାଷ୍ଟନରେ ଭାରତ ଜିତ୍ ହାସଲ କରିଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ମ୍ୟାଚ୍ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ଆରମ୍ଭ ହେବ।

## ସଚିନ ତେନ୍ଦୁଲକର ଇନ୍‌ଡୋର୍ ହଲ୍ ହେବ ସ୍ପୋର୍ଟସ ସାଇନ୍ସ ସେଣ୍ଟର



କଟକ,୧୮ ।୭ (ସମିସ): ଖେଳାଳିମାନଙ୍କ ଆହତ ଜନିତ ସମସ୍ୟାକୁ ଗୁରୁତ୍ୱ ଦିଆଯିବ। ଆଥଲେଟିକ ମନିଟରିଂ ଜରିଆରେ ଖେଳାଳିମାନେ ସ୍ୱତନ୍ତ୍ର ନିରୀକ୍ଷଣରେ ରହିବେ। ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ଖେଳାଳିଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ପୁର୍ନନିବାସ ବ୍ୟବସ୍ଥା ଉପଲବ୍ଧ କରାଯିବ।

- ମହତାବଙ୍କ ନାମରେ ଫିଡର ସେଣ୍ଟର
- ଓସିଏ ଆପେକ୍ସ କାଉନସିଲ ବୈଠକରେ ନିଷ୍ପତ୍ତି

ବାରବାଟୀ ଷ୍ଟାଡିୟମ ପରିସରସ୍ଥ ସଚିନ ତେନ୍ଦୁଲକର ଇନଡୋର ହଲ୍‌କୁ ସ୍ପୋର୍ଟସ ସାଇନ୍ସ ସେଣ୍ଟରରେ ରୂପାନ୍ତରୀକରଣ କରି ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଏଭଳି ବ୍ୟବସ୍ଥା ଆପଣାଇବାକୁ ଯାଉଛି। ଇନଡୋର ହଲ୍‌ର ଭିତ୍ତିଭୂମିର ବିକାଶ କରାଯାଇ ଏଠାରେ ଅତ୍ୟାଧୁନିକ କ୍ରୀଡ଼ା ବିଜ୍ଞାନର ଆବଶ୍ୟକୀୟ ଉପକରଣ ମହଜୁଦ କରାଯିବ। ଆଜି ଓସିଏର ଆପେକ୍ସ କାଉନସିଲ ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟରେ କ୍ରିକେଟର ବିକାଶ ନେଇ ଏକାଧିକ ପ୍ରସ୍ତାବ ଓ ଯୋଜନା ବାବଦରେ ଆପେକ୍ସ କାଉନସିଲ ବୈଠକରେ ଆଲୋଚନା ହୋଇଥିଲା। ଓସିଏ ସେଣ୍ଟର ଅଫ ଏକ୍ସିଲେନ୍ସର ସଫଳ ରୂପାୟନ ନିମନ୍ତେ ଦୁଇଟି କେନ୍ଦ୍ର ପ୍ରତିଷ୍ଠା ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସଚିନ ତେନ୍ଦୁଲକର ସ୍ପୋର୍ଟସ ସାଇନ୍ସ ସେଣ୍ଟର ସହ ଖୁବଶୀଘ୍ର ଏଠାରେ ଆବାସିକ କ୍ରିକେଟ ଏକାଡେମୀ ମଧ୍ୟ ପ୍ରତିଷ୍ଠା ହେବ। ଯାହାର ନାଁ ରହିବ ଡଃ ହରେକୃଷ୍ଣ ମହତାବ କ୍ରିକେଟ ଫିଡର ସେଣ୍ଟର। ଏଠାରେ ୧୪ବର୍ଷରୁ କମ୍ ବୟସ ବର୍ଗର ମୋଟ ୮୦ଜଣ ଖେଳାଳି ରହିବେ। ଖେଳାଳିଙ୍କ ପ୍ରଶିକ୍ଷଣ, ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ତ ଦିଗ ପ୍ରତି ଓସିଏ ଯତ୍ନବାନ ରହିବ। ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ଏବଂ ଓସିଏର ପ୍ରଥମ ସଭାପତି ଡଃ ମହତାବଙ୍କ ଉଦ୍ଦେଶ୍ୟରେ ଏକାଡେମୀଟି ସମର୍ପିତ ହେବ। ସେହିପରି ସେପ୍ଟେମ୍ବରରେ ହେବାକୁ ଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ସଫଳ ଆୟୋଜନ ବାବଦରେ ଆଲୋଚନା ହୋଇଥିଲା। ଆପେକ୍ସ କାଉନସିଲ ବୈଠକରେ ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ରାକେଶ ମହାନ୍ତି, ଗୀତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସମ୍ପାଦକ ସଞ୍ଜୟଙ୍କ ଅଧକ୍ଷତାରେ ଫାଇନାନ୍ସ କମିଟି ବୈଠକ ମଧ୍ୟ ଆଜି ଅନୁଷ୍ଠିତ ହୋଇଥିଲା।

## ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ନଟରାଜଙ୍କ ଜାତୀୟ ରେକର୍ଡ

ଭୁବନେଶ୍ୱର, ୧୮ ।୭ (ସମିସ): ଜର୍ମାନୀର ରୁର-ରାଇନ୍‌ରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଶୁକ୍ରବାର ଖେଳାଯାଇଥିବା ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ପୁରୁଷ ସନ୍ତରଣରେ ଅଲିମ୍ପିଆନ ଶ୍ରୀହରି ନଟରାଜ ପୁରୁଷ ୨୦୦ ମିଟର ଫ୍ରିଷ୍ଟାଇଲ ରେସ୍‌କୁ ୧:୪୮.୨୨ ସେକେଣ୍ଡରେ ଅତିକ୍ରମ କରି ଏହି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ନିଜ ନାମରେ ଏହି ରେକର୍ଡ ଥିଲା। ନଟରାଜଙ୍କ ବ୍ୟତୀତ ଟିଟି, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ ଓ ଭଲିବଲ୍‌ରେ ଭାରତୀୟ ପ୍ରତିଯୋଗୀମାନେ ବିଜୟୀ ହୋଇଛନ୍ତି। ଡସେଲଡର୍ଫରେ ଖେଳାଯାଇଥିବା ଟେବୁଲ ଟେନିସର ଦଳଗତ ବିଭାଗରେ ଭାରତ ଉଭୟ ପୁରୁଷ ଓ ମହିଳା ବିଭାଗ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବ୍ୟାଡମିଣ୍ଟନରେ ଭାରତର ସମସ୍ତ ପ୍ରତିଯୋଗୀ ବିଜୟୀ ହୋଇଛନ୍ତି। ଏହି ବିଶ୍ୱସ୍ତରୀୟ ଇଭେଣ୍ଟରେ ଓଡ଼ିଶାର ବିଶ୍ୱବିଦ୍ୟାଳୟରୁ ୪୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି।

ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ

## ନ୍ୟୁଜିଲାଣ୍ଡର କ୍ରମାଗତ ୨ୟ ବିଜୟ



ହରାରେ, ୧୮ ।୭ (ଏଜେନ୍ସି): ଚଳିତ ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ନ୍ୟୁଜିଲାଣ୍ଡ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଶୁକ୍ରବାର ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଅନୁଷ୍ଠିତ ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ୮ ୱିକେଟ୍‌ରେ ଆୟୋଜକ ଜିମ୍ବାୱେକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ମ୍ୟାଚରେ ୨୧ ରନରେ ଦକ୍ଷିଣ ଆଫ୍ରିକାକୁ ହରାଇଥିବା ନ୍ୟୁଜିଲାଣ୍ଡ ଏଥିସହ ୪ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ଆସନ୍ତା ରବିବାର ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସିରିଜର ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ।

ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଜିମ୍ବାୱେ ୨୦ ଓଭରରେ ୭ ୱିକେଟ୍ ହରାଇ ୧୨୦ ରନ କରିଥିଲା। ଦଳ ପକ୍ଷରୁ ଦୁଇ ଓପନର୍ ୱେସଲୀ ମାଧଭେରେ ୩୬, ବ୍ରାଏନ ବେନେଟ୍ଟ ୨୧, ଅଧିନାୟକ ସିକନ୍ଦର ରାଜା ଓ ର୍‌ୟାନ ବର୍ଲ ୧୨ ରନ ଲେଖାଏ କରିଥିଲେ। ନ୍ୟୁଜିଲାଣ୍ଡ ପାଇଁ ମ୍ୟାଟ୍ ହେନରୀ ସବୁଠୁ ସଫଳ ବୋଲର ରହିଥିଲେ। ସେ ୨୬ ରନ ବ୍ୟୟରେ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ୧୨୧ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ନ୍ୟୁଜିଲାଣ୍ଡ ୨ ୱିକେଟ ହରାଇ ୩୭ ବଲ୍ ପୂର୍ବରୁ ବିଜୟୀ ହୋଇଥିଲା। ଓପନର୍ ଡେଭନ କନୱେ ୪୦ ବଲରେ ଅପରାଜିତ ୫୯ ରନ କରିଥିଲେ। ସେହିଭଳି ରାଚିନ ରବୀନ୍ଦ୍ର ୩୦, ଟିମ୍ ସେଇଫର୍ଟ ୩ ଓ ଡାରୀଲ ମିଚେଲ ଅପରାଜିତ ୨୬ ରନର ପାଳି ଖେଳିଥିଲେ। କନୱେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଡୋପ୍ ଟେଷ୍ଟରେ ରୁଥ୍ ବିଫଳ

ନାଇରୋବି, ୧୮ ।୭ (ଏଜେନ୍ସି): ମହିଳା ମାରାଥନରେ ବିଶ୍ୱ ରେକର୍ଡର ଅଧିକାରିଣୀ ରହିଥିବା କେନିଆର ରୁଥ୍ ଚେପନଗେଇଟ୍ ଡୋପ୍ ଟେଷ୍ଟରେ ବିଫଳ ହୋଇ ସାମୟିକ ବାସନ୍ଦ ହୋଇଛନ୍ତି। ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟିକ ଇଣ୍ଟେଗ୍ରିଟି ୟୁନିଟ୍ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ଗତ ଅକ୍ଟୋବରରେ ଅନୁଷ୍ଠିତ ଚିକାଗୋ ମାରାଥନରେ ୩୦ ବର୍ଷୀୟା ରୁଥ୍ ୨ ଘଣ୍ଟା ୯ ମିନିଟ୍ ଓ ୫୬ ସେକେଣ୍ଡରେ ରେସ୍ ଫିନିଶ କରି ମହିଳା ମାରାଥନରେ ବିଶ୍ୱରେକର୍ଡ କରିଥିଲେ।

## ଭାରତର ବିଜୟ ଅଭିଯାନ

ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ଇଣ୍ଡୋନେସିଆରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିଅର ମିକ୍ସଡ ଟିମ୍ ଚାମ୍ପିଅନସିପ୍‌ରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍-ଡି’ର ଏକ ମ୍ୟାଚରେ ଭାରତ ୧୧୦-୬୯ ପଏଣ୍ଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ମିକ୍ସଡ ଡବଲ୍ସରେ ବିଷ୍ଣୁ କୋଡେ ଓ ରିଷିକା ଯୋଡ଼ି ୧୧-୫ରେ କେନେଥ୍ ଅରୁଗୋଡା ଓ ଇଶୁରୀ ଅଟ୍ଟାନାୟକେ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହାପରେ ଖେଳାଯାଇଥିବା ମହିଳା ଡବଲ୍ସରେ ଗାୟତ୍ରୀ ଓ ମାନସ ରାଓତ ଯୋଡ଼ି ଓ ପରେ ମହିଳା ସିଙ୍ଗଲ୍ସରେ ତନଭୀ ଶର୍ମା ବିଜୟୀ ହୋଇଥିଲେ।

## ଜାତୀୟ ଆଥଲେଟିକ୍ ଚାମ୍ପିଅନସିପ୍ ପାଇଁ ୨ରୁ ଟ୍ରାଏଲ୍

କଟକ,୧୮ ।୭ (ସମିସ): ଅଗଷ୍ଟ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ତାମିଲନାଡୁର ଚେନ୍ନାଇରେ ୬୪ତମ ବରିଷ୍ଠ ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ ଚାମ୍ପିଅନସିପ୍ ଆୟୋଜନ ହେବ। ଏଥିନିମନ୍ତେ ଅଗଷ୍ଟ ୨ରୁ କଟକର ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ସିଲେକ୍ସନ ଟ୍ରାଏଲ କରାଯିବ। ଓଡ଼ିଶା ଆଥଲେଟିକ ଆସୋସିଏସନ(ଓଏଏ) ପକ୍ଷରୁ ଶୁକ୍ରବାର ଏନେଇ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଓଏଏ ସହ ଅନୁବନ୍ଧିତ ସମସ୍ତ ଜିଲ୍ଲା ସଂଘକୁ ଅବଗତ କରାଯାଇଛି। ଚଳିତ ମାସ ୨୮ ତାରିଖ ପୂର୍ବରୁ ପ୍ରତ୍ୟେକ ସଂଘ ଖେଳାଳି ତାଲିକା ପଠାଇବେ। ଟ୍ରାଏଲରେ ଭାଗ ନେବା ନିମନ୍ତେ ଖେଳାଳିମାନଙ୍କ ପାଇଁ ଓଏଏ ଏକ ମାନଦଣ୍ଡ ପ୍ରସ୍ତୁତ କରିଛି। ଟ୍ରାଏଲରୁ ଜାତୀୟ ଚାମ୍ପିଅନସିପ୍ ନିମନ୍ତେ ରାଜ୍ୟ ଦଳ ଗଠନ କରାଯିବ।

## ବିସିସିଆଇର ରେକର୍ଡ ଆୟ



୨୦୨୩-୨୪ରେ ୯,୭୪୧ କୋଟି ଟଙ୍କା

ନୂଆଦିଲ୍ଲୀ,୧୮ ।୭ (ଏଜେନ୍ସି): ଆର୍ଥିକବର୍ଷ ୨୦୨୪ରେ ବିସିସିଆଇ ଆୟ କରିଛି ରେକର୍ଡ ୯.୭୪୧ କୋଟି ଟଙ୍କା। ଏହା ମଧ୍ୟରୁ ଦେଶର ସବୁଠାରୁ ବଡ଼ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରୁ ମିଳିଛି ୫୯ ଭାଗ ଅର୍ଥ ବା ୫,୭୬୧ କୋଟି ଟଙ୍କା। ମ୍ୟାଚ୍ ଗୁଡିକର ଟେଲିଭିଜନ ପ୍ରସାରଣ, ବିଜ୍ଞାପନ ଓ ଅନ୍ୟ ଟୁର୍ଣ୍ଣାମେଣ୍ଟ ଗୁଡିକରୁ ଏହି ଅର୍ଥ ଆୟ ହୋଇଛି ବୋଲି ଆଥିôକ ଦେଣନେଣ କରୁଥିବା ବିଜ୍ଞାପନ ସଂସ୍ଥା ରେଡିଫ୍ୟୁଜନ ପକ୍ଷରୁ କୁହାଯାଇଛି। ଅଣ ଆଇପିଏଲ ପ୍ରସାରଣ ଅଧିକାରରୁ ୩୬୧ କୋଟି ଟଙ୍କା ମିଳିଛି। ୨୦୦୭ରୁ ଆଇପିଏଲ୍ ଆରମ୍ଭ ହେବା ପରଠାରୁ ବିସିସିଆଇର ସମ୍ପତ୍ତି ବହୁଗୁଣା ବୃଦ୍ଧି ପାଇଛି। ଏବେ ମିଳିଥିବା ସୂଚନା ଅନୁଯାୟୀ ବିସିସିଆଇ ୩୦,୦୦୦ କୋଟି ଟଙ୍କା ଫିକ୍ସଡ ଡିପୋଜିଟ କରିଛି। ଏଥିରୁ ବର୍ଷରୁ ୧,୦୦୦ କୋଟି ଟଙ୍କାର ସୁଧ ମିଳୁଛି। କ୍ରିକେଟକୁ ନେଇ ବିସିସିଆଇ ଏକ ଭଲ ବିଜ୍‌ନେସ ମଡେଲ ତିଆରି କରିପାରିଛି। ଭାରତ ତଥା ଭାରତ ବାହାରେ ଆଇପିଏଲ୍‌ରେ କ୍ରେଜ୍‌କୁ ନେଇ ଏହା ସମ୍ଭବ ହୋଇଛି।

## ପ୍ରଶାନ୍ତ, ରମଜାନଙ୍କ ହ୍ୟାଟ୍ରିକ୍‌ରେ ସମ୍ବଲପୁର ବିଜୟୀ



ସାହାଣୀ କପ୍-୨୦୨୫

କଟକ,୧୮ ।୭ (ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ରାଜ୍ୟର ୪ଟି ଜୋନ୍‌ରେ ଖେଳାଯାଉଛି। ଶୁକ୍ରବାର ବୌଦ୍ଧ ଜୋନ୍‌ରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ସମ୍ବଲପୁର ଏକତରଫା ଭାବେ ୯-୦ ଗୋଲ୍‌ରେ ନୂଆପଡ଼ାକୁ ପରାସ୍ତ କରିଥିଲା। ପ୍ରଥମାର୍ଦ୍ଧରେ ୨ଟି ଗୋଲ ସ୍କୋର କରିଥିବା ସମ୍ବଲପୁର ଦ୍ୱିତୀୟାର୍ଦ୍ଧରେ ୭ଟି ଗୋଲ ଦେଇ ସହଜ ବିଜୟ ହାସଲ କରିଥିଲା। ବିଜୟୀ ଦଳ ତରଫରୁ ପ୍ରଶାନ୍ତ ଓରାମ ଏବଂ ରମଜାନ ମୁଣ୍ଡା ଉଭୟ ହ୍ୟାଟ୍ରିକ ଗୋଲ୍ ସ୍କୋର କରିଥିଲେ। ବିଜୁ ଓରାମ ଓ ବଣ୍ଟି ମୁଣ୍ଡା ଯଥାକ୍ରମେ ୨ଟି ଓ ଗୋଟିଏ ଗୋଲ ଦେଇଥିଲେ। ଏହି ଜୋନ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍ ମଧ୍ୟ ଏକତରଫା ଭାବେ ଶେଷ ହୋଇଥିଲା। ନରେଶ ଧାନଙ୍କ ଦୁଇଟି ଗୋଲ ସହାୟତାରେ ବଲାଙ୍ଗିର ୪-୦ ଗୋଲ୍‌ରେ ଘରୋଇ ବୌଦ୍ଧକୁ ହରାଇଥିଲା। କେନ୍ଦୁଝର ଜୋନ୍‌ରେ ଘରୋଇ କେନ୍ଦୁଝର ଓ ଯାଜପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ ରହିଛି। ଅନ୍ୟ ଏକ ମ୍ୟାଚ୍‌ରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ୪-୩ ଗୋଲରେ ଅନୁଗୋଳକୁ ହରାଇଛି। ବ୍ରହ୍ମପୁର ଜୋନ୍‌ରେ ନବରଙ୍ଗପୁର ୭-୦ ଗୋଲରେ ଗଜପତିକୁ, ଭୁବନେଶ୍ୱର ୧-୦ ଗୋଲରେ ଗଞ୍ଜାମକୁ, କେନ୍ଦ୍ରାପଡ଼ା ଜୋନ୍‌ରେ ଭଦ୍ରକ ୨-୦ ଗୋଲରେ ଜଗତସିଂହପୁରକୁ ଏବଂ ଝାରସୁଗୁଡ଼ା ୬-୧ ଗୋଲ୍‌ରେ କେନ୍ଦ୍ରପଡ଼ାକୁ ହରାଇଥିଲା।

ସିଏଏସ୍‌ରେ ସର୍ବଭାରତୀୟ ଫୁଟବଲ ମହାସଂଘକୁ ଧକ୍କା

# ଇଣ୍ଟର କାଶୀ ଆଇ-ଲିଗ୍ ଚାମ୍ପିଅନ

ନୂଆଦିଲ୍ଲୀ,୧୮ ।୭ (ଏଜେନ୍ସି)



ଇଣ୍ଟର କାଲୀ କ୍ଲବ୍ ନୂଆ ଆଇ-ଲିଗ୍ ଚାମ୍ପିଅନ୍ ହୋଇଛି। ବିଦେଶୀ ଖେଳାଳି ମାରିଓ ବାର୍କୋଙ୍କୁ ଗୋଟିଏ ବର୍ଷରେ ଦୁଇଥର ପଞ୍ଜିକରଣ କରି ଦଣ୍ଡିତ ହୋଇଥିବା କାଶୀ କ୍ଲବ୍ କ୍ରୀଡ଼ାରେ ବିବାଦ ଲାଗି ଥିବା ସର୍ବୋଚ୍ଚ ଅଦାଲତ କୋର୍ଟ ଅଫ୍ ଆର୍ବିଟ୍ରେସନ ଫର ସ୍ପୋର୍ଟ୍ସ (ସିଏଏସ୍)ରେ କରିଥିବା ମୋକଦ୍ଦମାରେ ବିଜୟୀ ହୋଇଛି। ଏହା ଫଳରେ ଦଳ ଚଳିତ ସିଜନରେ ଆଇ-ଲିଗ୍ ଚାମ୍ପିଅନ ହୋଇଛି। ପଏଣ୍ଟ ଟେବଲରେ ପ୍ରଥମସ୍ଥାନରେ ଥିବା ଚର୍ଚ୍ଚିଲ ବ୍ରଦର୍ସ ଓ ଇଣ୍ଟର କାଶୀର ପଏଣ୍ଟ ସଂଖ୍ୟା ସମାନ ହୋଇଥିଲା। ଫଳରେ ଉନ୍ନତ ଗୋଲ ବ୍ୟବଧାନରେ କାଶୀକୁ ୨୦୨୪-୨୫ ସିଜନ ଲାଗି ଚାମ୍ପିଅନ ଘୋଷିତ କରିଛି ସିଏଏସ୍। ସିଏଏସ୍‌ର ଏହି ନିଷ୍ପତ୍ତି ଫଳରେ ସର୍ବଭାରତୀୟ ଆପିଲ୍ସ କମିଟି ଦେଇଥିବା ଆଦେଶ ରଦ୍ଦ ହୋଇଛି।

ସ୍ପାନୀଶ ଖେଳାଳି ମାରିଓ ବାର୍କୋଙ୍କ ପଞ୍ଜିକରଣକୁ ନେଇ ଇଣ୍ଟର କାଶୀ ଓ ଏଆଇଏଫଏଫ୍ ମଧ୍ୟରେ ସୃଷ୍ଟି ହୋଇଥିଲା ବିବାଦ। ସିଜନ ଆରମ୍ଭ ପୂର୍ବରୁ ବାର୍କୋଙ୍କୁ ଦଳରେ ନେଇଥିବା କାଶୀ। କିନ୍ତୁ ସେ ଆହତ ହେବା ପରେ ଆଉ ଜଣେ ବିଦେଶୀ ଖେଳାଳିଙ୍କୁ ସାମିଲ କରିଥିଲା। ଦୁଇମାସ ପରେ ବାର୍କୋ ଫିଟ୍ ହେବା ପରେ ତାଙ୍କୁ ପୁନର୍ବାର ଆଉ ଜଣେ ବିଦେଶୀ ଖେଳାଳିଙ୍କ ବଦଳରେ କ୍ଲବ୍ ବାର୍କୋଙ୍କୁ ସାମିଲ କରିଥିଲା। ଆଇ-ଲିଗ୍‌ର ନିୟମ ଅନୁଯାୟୀ ଏହାକୁ ଗ୍ରହଣ କରି ନ ଥିଲା ଏଆଇଏଫ୍‌ଏଫ୍ ଆପିଲ କମିଟି। ଆଇ-ଲିଗ୍‌ର ଧାରା ୬.୫.୭ ଅନୁଯାୟୀ ଜଣେ ବିଦେଶୀ ଖେଳାଳି କେବଳ ଆଉ ଜଣେ ବିଦେଶୀ ଖେଳାଳିଙ୍କ ସ୍ଥାନରେ ବଦଳ ହୋଇପାରିବେ। ଗୋଟିଏ ସିଜନରେ ଆଘାତ, ଅସୁସ୍ଥ କିମ୍ବା ଆପୋଷ ବୁଝାମଣା ମଧ୍ୟରେ ଗୋଟିଏ ଆଇ-ଲିଗ୍ କ୍ଲବ୍ ୩ଥର ବିଦେଶୀ ଖେଳାଳି ବଦଳାଇପାରିବେ। କିନ୍ତୁ ଜଣେ ବିଦେଶୀ ଖେଳାଳି ଥରେ ବଦଳିଗଲେ ସେ ସେହି ସିଜନରେ ଆଉ ଖେଳିପାରିବେ ନାହିଁ ବୋଲି ଆଇନ୍ ରହିଛି। ଏହାକୁ ଆଧାର କରି ଏଆଇଏଫଏଫ୍ ଆପିଲ କମିଟି କାଶୀକୁ ଦଣ୍ଡିତ କରିବା ସହ ଏହାର ୪ ପଏଣ୍ଟ କାଟିଦେଇଥିଲେ। ଏହା ବିରୋଧରେ ଇଣ୍ଟର କାଶୀ ସିଏଏସ୍‌ର ଦ୍ୱାରସ୍ଥ ହୋଇଥିଲା। ସିଏଏସ୍ ଆପିଲ୍ସ କମିଟିର ରାୟକୁ ରଦ୍ଦ କରିଦେଇଥିଲା। ଏହାକୁ ମିଶାଇ କାଶୀ ଚଳିତବର୍ଷ ଦ୍ୱିତୀୟଥର ସିଏଏସ୍‌ରେ ମକଦ୍ଦମା କରି ବିଜୟୀ ହୋଇଛି। ପୂର୍ବରୁ ନାମଧାରୀ ଏକାଦଶ ବାସନ୍ଦ ହୋଇଥିବା ଜଣେ ଖେଳାଳିଙ୍କୁ ଦଳରେ ସାମିଲ କରିଥିଲା। ଏହା ବିରୋଧରେ କାଶୀ ସିଏଏସ୍‌ର ଦ୍ୱାରସ୍ଥ ହୋଇଥିଲା ଓ ମକଦ୍ଦମାରେ ବିଜୟୀ ହେବା ପରେ ଦଳକୁ ୩ ପଏଣ୍ଟ ମିଳିଥିଲା। ଏ ସବୁ ନିଷ୍ପତ୍ତି ବଳରେ ଇଣ୍ଟର କାଶୀ ଚାମ୍ପିଅନ ଓ ଚର୍ଚ୍ଚିଲ ବ୍ରଦର୍ସ ରନର୍ସ ଅପ୍ ହୋଇଥିଲା।

### ଆଇଏସ୍‌ଏଲ୍‌ରେ କାଶୀ ଖେଳିପାରିବ କି

ଗତ ୫ ବର୍ଷ ହେଲା ଭାରତରେ ନଂ-୧ ଫୁଟବଲ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିବା ଇଣ୍ଡିଆନ୍ ସୁପର ଲିଗ୍‌ର ଆୟୋଜନ ନେଇ ସନ୍ଦେହ ସୃଷ୍ଟି ହୋଇଛି। ନିକଟରେ ଆଇଏସ୍‌ଏଲ ଆୟୋଜନ କରୁଥିବା ନୀତା ଆମ୍ବାନିଙ୍କ ଫୁଟବଲ ସ୍ପୋର୍ଟ୍ସ ଡେଭଲେପମେଣ୍ଟ ଲିମିଟେଡ୍ ସହ ଏଆଇଏଫଏଫ୍ ସମ୍ବିଧାନ ଉପରେ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ସମସ୍ତ ପ୍ରକାର ଆଲୋଚନାକୁ ସ୍ଥଗିତ ରଖିବାକୁ ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇନତଃ ଏବେ ଆଇଏସ୍‌ଏଲ୍‌ର ପରବର୍ତ୍ତୀ ସଂସ୍କରଣ ଆୟୋଜନ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଏଣୁ ଇଣ୍ଟର କାଶୀ ଆଇଏସ୍‌ଏଲକୁ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ଖେଳିବ କି ନାହିଁ ସନ୍ଦେହରେ ରହିଛି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS